

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ
# THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-53 ◆SUNDAY ◆17 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୩ ◆ରବିବାର ◆୧୭ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


**ବର୍ଷା ବିପ୍ଳାତ**

**ପ୍ରଳୟଙ୍କରୀ ବନ୍ୟା**

## ଉତ୍ତର ପାକିସ୍ତାନରେ ୩୪୪ ମୃତ

■ **ଇସଲାମାବାଦ୍, ୧୬।୮ (ଏଜେନ୍ସି):** ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ପାକିସ୍ତାନର ଉତ୍ତରାଞ୍ଚଳ ଧ୍ୱସ୍ତ ହୋଇଯାଇଛି। ଶତାଧିକ ଗାଁ ଭାସିଯାଇଥିବା ବେଳେ ରାସ୍ତାଗୁଡ଼ିକ ଭୁଶୁଡ଼ି ପଡ଼ିଛି। ଏହି ବିପର୍ଯ୍ୟୟରେ ଗତ ୪୮ ଘଣ୍ଟା ମଧ୍ୟରେ ୩୪୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ହଜାରରୁ ଅଧିକ ଆହତ ହୋଇଛନ୍ତି। ଖାଇବର ପଖତୁନଖୱାରେ ସର୍ବାଧିକ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ବିଭିନ୍ନ ନଦୀରେ ଆସିଥିବା ବନ୍ୟା କାରଣରୁ କେବଳ ଏହି ଅଞ୍ଚଳରେ ୩୦୭ ଜଣ ମୃତ୍ୟୁବରଣ କରିଛନ୍ତି। ଏହି ଅଞ୍ଚଳରେ ଅନେକ ଗାଁ ପାଣିରେ ବୁଡ଼ି ନିଶ୍ଚିହ୍ନ ହୋଇଯାଇଛି। ଏବେ ବି ପ୍ରବଳ ବର୍ଷା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟ ବ୍ୟାହତ ହୋଇଛି। ପ୍ରତିକୂଳ ପାଗ ଯୋଗୁଁ ଉଦ୍ଧାର କାର୍ଯ୍ୟରେ ଲାଗିଥିବା ଏକ ହେଲିକପଟର ଆଜି ଦୁର୍ଘଟଣାଗ୍ରସ୍ତ ହୋଇଛି। ଅନେକ ଅଞ୍ଚଳ ▶ପୃଷ୍ଠା-୭



**କିସ୍ତୱାର ବିପର୍ଯ୍ୟୟ**

## ୬୫ ମୃତ, ଏବେ ବି ୨୦୦ ନିଖୋଜ



■ **ଶ୍ରୀନଗର, ୧୬।୮ (ଏଜେନ୍ସି):** ଜମ୍ମୁ- କଶ୍ମୀରର କିସ୍ତୱାରରେ ବାଦଲଫଟା ବର୍ଷା ଯୋଗୁଁ ଆସିଥିବା ପ୍ରାକୃତିକ ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ୬୫ ଜଣ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଗଲାଣି। ମାଟିତଳେ ଏବେ ବି ଶତାଧିକ ଲୋକ ଦବି ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ନିଖୋଜ ରହିଥିବା ଅତିକମରେ ୨୦୦ ଲୋକଙ୍କୁ ଉଦ୍ଧାର କରିବା ଲାଗି ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି ଏବଂ ଏଥିରେ ସେନାକୁ ନିୟୋଜିତ କରାଯାଇଛି।

ସୂଚନାଯୋଗ୍ୟ ଯେ ଅଗଷ୍ଟ ୧୪ ତାରିଖରେ ବାଦଲଫଟା ବର୍ଷା ଯୋଗୁଁ ପାର୍ବତ୍ୟ ଅଞ୍ଚଳରେ ବଡ଼ ଧରଣର ବନ୍ୟା ଓ ଭୂସ୍ଖଳନ ଦେଖିବାକୁ ମିଳିଥିଲା। ପାଣିରେ ଶତାଧିକ ଘର ଭାସି ଯାଇଥିବା ବେଳେ ଭୂସ୍ଖଳନରେ ଅନେକ ଘର ଓ ଲୋକେ ମାଟି ତଳେ ଚାପି ହୋଇରହିଛନ୍ତି। କିସ୍ତୱାର ଜିଲ୍ଲାର ଚୋସିତି ଗ୍ରାମ ଧ୍ୱଂସ ହୋଇଯାଇଛି। ▶ପୃଷ୍ଠା-୭

# ଆଶା ବଢ଼ାଇଲା ଆଲାସ୍କା

## ଆମେରିକା-ରୁଷ୍-ୟୁକ୍ରେନ୍ ତ୍ରିପାକ୍ଷିକ ବୈଠକ ହେବ

■ **ୱାସିଂଟନ, ୧୬।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ମଧ୍ୟରେ ବହୁଚର୍ଚ୍ଚିତ ଆଲାସ୍କା ଶିଖର ବୈଠକ ଶେଷ ହୋଇଛି। ଉଭୟ ନେତା ପ୍ରାୟ ତିନି ଘଣ୍ଟା ଧରି ଆଲୋଚନା କରିଛନ୍ତି। ସାରା ବିଶ୍ୱର ନଜର ଥିବା ଏହି ବୈଠକରେ ଦୁଇ ନେତା ବିଶେଷ କରି ୟୁକ୍ରେନ ଯୁଦ୍ଧ ଉପରେ ଆଲୋଚନା କରିଛନ୍ତି। ୟୁକ୍ରେନ ଯୁଦ୍ଧରେ ଅସ୍ତ୍ରବିରତି ଅପେକ୍ଷା ସ୍ଥାୟୀ ଶାନ୍ତି ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି କଥାବାର୍ତ୍ତା ନେଇ ଦୁଇ ନେତା ସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାୟୀ ଶନ୍ତି ପାଇଁ ଟ୍ରମ୍ପ, ପୁତିନ ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କିଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ହେବ। ସେହି ବୈଠକ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ତେବେ ଆଲାସ୍କା ବୈଠକର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ହେଲା ଯେ ଭାରତ ଉପରେ ଟ୍ରମ୍ପ ଆଉ ଅଧିକ ୨୫ ଭାଗ ଶୁଳ୍କ ଧାର୍ଯ୍ୟ କରିନପାରନ୍ତି ବୋଲି ସୂଚନା ଦେଇଛନ୍ତି।

**ତିନି ଘଣ୍ଟା ଚାଲିଲା ଟ୍ରମ୍ପ-ପୁତିନ ବୈଠକ**

**ସୋମବାର ଆମେରିକା ଯିବେ ଜେଲେଁସ୍କି**




ଗତକାଲି ଆମେରିକାର ଆଲାସ୍କାରେ ଟ୍ରମ୍ପ ଓ ପୁତିନ ଏକାଠି ହୋଇଥିଲେ। ଏହାପରେ ଦୁଇ ନେତା ମିଳିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ। ବୈଠକ ସକାରାତ୍ମକ ଥିଲା ବୋଲି ଟ୍ରମ୍ପ କହିଛନ୍ତି। କେତୋଟି ବିଷୟରେ ଦୁହେଁ ସହମତି ଜଣାଇଥିଲେ। କିନ୍ତୁ ଏହି ହାଇପ୍ରୋଫାଇଲ ବୈଠକରେ କୌଣସି ଚୁକ୍ତି ବା ଡିଲ୍ ହୋଇନାହିଁ। ବୈଠକ ସକରାତ୍ମକ ହୋଇଥିଲେ ମଧ୍ୟ ଅନ୍ତିମ ବୁଝାମଣା ହୋଇନାହିଁ ବୋଲି ଟ୍ରମ୍ପ କହିଛନ୍ତି। ସେହିପରି ୟୁକ୍ରେନ ଯୁଦ୍ଧ ଶେଷ କରିବାକୁ ହେଲେ ତାହାର ଅସଲ କାରଣକୁ ଶେଷ କରିବାକୁ ହେବ ବୋଲି ପୁତିନ କହିଛନ୍ତି। ଯଦି ୨୦୨୨ରେ ଟ୍ରମ୍ପ ରାଷ୍ଟ୍ରପତି ହୋଇଥାନ୍ତେ, ତେବେ ଯୁଦ୍ଧ ▶ପୃଷ୍ଠା-୭

## ରୁଷଠାରୁ ତୈଳ କ୍ରୟ ଉପରେ କଟକଣା ଲାଗିବନି: ଟ୍ରମ୍ପ

■ **ଆଲାସ୍କା, ୧୬।୮ (ଏଜେନ୍ସି):** ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଆଲୋଚନା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ସେ କହିଛନ୍ତି ଯେ ରୁଷ୍ଠାରୁ ତୈଳ କିଣୁଥିବା ଦେଶ ଉପରେ ଏବେ କୌଣସି କଟକଣା ଲଗାଇବାକୁ ବିଚାର କରୁନାହୁଁ। ଦୁଇ ତିନି ସପ୍ତାହ ପରେ ଏହା ଉପରେ ବିଚାର କରିବାକୁ ପଡ଼ିପାରେ। ସେହିପରି ରୁଷ୍ ସହ ତୈଳ ବ୍ୟବସାୟ କରିବାକୁ ନେଇ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଛି। ଏହା ଦ୍ୱାରା ରୁଷ୍ ଏକ ବଡ଼ ତୈଳ ଗ୍ରାହକ ହରାଇଛି। ଚୀନ୍ ଉପରେ ଏଭଳି ଶୁଳ୍କ ଲଗାଇଲେ ରୁଷ୍ ପାଇଁ ବିଧ୍ୱଂସକ ସାବ୍ୟସ୍ତ ହେବ। ଆବଶ୍ୟକ ପଡ଼ିଲେ ଏହି ଶୁଳ୍କ ଲଗାଇବି, କିନ୍ତୁ ଲାଗୁଚି ଏପରି କରିବାକୁ ପଡ଼ିବ ନାହିଁ। ସୂଚନାଯୋଗ୍ୟ ଯେ ରୁଷ ତୈଳ ଏବଂ ଅସ୍ତ୍ରଶସ୍ତ୍ର କିଣିବାକୁ ନେଇ ଗତ ୬ ତାରିଖରେ ଟ୍ରମ୍ପ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲଗାଇ ଥିଲେ। ଏହା ୨୭ ତାରିଖରୁ କାର୍ଯ୍ୟକାରୀ ହେବ। ଏହାକୁ ମିଶାଇ ଟ୍ରମ୍ପ ଭାରତ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲଗାଇଲେଣି। ତେବେ ଟ୍ରମ୍ପଙ୍କ ଧମକ ସତ୍ତ୍ୱେ ରୁଷରୁ ତୈଳ କ୍ରୟ ଉପରେ କୌଣସି କଟକଣା ଲଗା ଯାଇନାହିଁ ବୋଲି ଭାରତ ସ୍ପଷ୍ଟ କରିଛି। ତେବେ ଟ୍ରମ୍ପଙ୍କ ମନ୍ତବ୍ୟ ପରେ ଭାରତ ଆଶ୍ୱସ୍ତ ହୋଇଛି। ଆଉ ଅଧିକ ଶୁଳ୍କ ଲାଗିନପାରେ।

# ୨୮ରେ ନୂଆଁଖାଇ

■ **ସମ୍ବଲପୁର, ୧୬।୮ (ସମିସ):** ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି। ଆସନ୍ତା ୨୮ ତାରିଖ, ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀତିଥି (ଗୁରୁବାର) ପୂର୍ବାହ୍ଣ ୧୦ଟା ୩୩ମିନିଟ୍‌ରୁ ୧୦ଟା ୫୫ମିନିଟ ମଧ୍ୟରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବ। ଏହାପରେ ପରମ୍ପରା ଅନୁସାରେ ସମ୍ବଲପୁର ସମେତ ପଶ୍ଚିମାଞ୍ଚଳବାସୀ ନବାନ୍ନ ଭକ୍ଷଣ କରିବେ। ଏହି କ୍ରମରେ ଶନିବାର ଅପରାହ୍ଣରେ ନନ୍ଦୋତ୍ସବ ଅବସରରେ ଝାଡୁଆପଡ଼ାସ୍ଥିତ ଶ୍ରୀଶ୍ରୀବ୍ରହ୍ମପୁରା ମନ୍ଦିରରେ ପରମ୍ପରା ଅନୁସାରେ ପଣ୍ଡିତମାନଙ୍କ ବୈଠକରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଅର୍ପଣ ପାଇଁ ଶୁଭଲଗ୍ନ ନିର୍ଣ୍ଣୟ ହୋଇଛି। ପଣ୍ଡିତସଭାରେ ନିରୂପଣ କରାଯାଇଥିବା ଲଗ୍ନ ପତ୍ରକୁ ପଣ୍ଡିତ ଓ ଟ୍ରଷ୍ଟବୋର୍ଡ ସଭ୍ୟମାନେ ସମଲେଶ୍ୱରୀ ମନ୍ଦିରରେ ନେଇ ପହଞ୍ଚାଇଥିଲେ।



**୧୦:୩୩ ରୁ ୧୦:୫୫ ଲାଗିହେବ ନବାନ୍ନ**

ବ୍ରହ୍ମପୁରା ମନ୍ଦିରର ଟ୍ରଷ୍ଟି ଓ ସଦସ୍ୟମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ସଭାରେ ପଣ୍ଡିତ ମହେଶ୍ୱର ନାୟକ, ସୁଧାଂଶୁ ଶେଖର ପାଣିଗ୍ରାହୀ, ଅକ୍ଷୟ ପୁରୋହିତ, ବଂଶୀଧର ଶତପଥୀ, ଗିରିଜା ଶଙ୍କର ପଣ୍ଡା, ଝସକେତନ ହୋତା, ରବିନାରାୟଣ ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ପ୍ରଭାକର ତ୍ରିପାଠୀ, ଶଶାଙ୍କ ଶେଖର ମିଶ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରାକେଶ ମିଶ୍ର, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ବୁଲୁ ପାଢ଼ୀ, ବିନୀତ ପାଣ୍ଡେ, ମନବୋଧ ପାଢ଼ୀ, ଉତ୍ତମ ରଥ, ଜିତେନ୍ଦ୍ର ନନ୍ଦ, ଆଶୁତୋଷ ପାଣିଗ୍ରାହୀ, ଗୋପୀନାଥ ପଣ୍ଡା ପ୍ରମୁଖ ପଣ୍ଡିତମାନେ ଯୋଗ ଦେଇଥିଲେ।

ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ସଦସ୍ୟ ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ପ୍ରାଣରଞ୍ଜନ ପଣ୍ଡା, ପାର୍ଥସାରଥୀ ମିଶ୍ର, ଅମରନାଥ ସୂପକାର, ଶ୍ରୀମନ୍ତ ମିଶ୍ର, ସଞ୍ଜୟ ମିଶ୍ର, ମନୋଜ ମିଶ୍ର, ସ୍ୱଭେନ୍ଦ୍ର ପଣ୍ଡା, ମିଲୁ ପାଣିଗ୍ରାହୀ ଓ ଅଭିଷେକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ଓ କୈଳାସ ପଣ୍ଡା ଯୋଗ ଦେଇଥିଲେ। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଆସନ୍ତା ଅଗଷ୍ଟ ୨୮ ତାରିଖ ପଶ୍ଚିମ ଓଡ଼ିଶା ତଥା ପଡ଼ୋଶୀ ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ବିଭିନ୍ନ ସ୍ଥାନରେ ନୂଆଁଖାଇ ପର୍ବ ପାଳନ କରାଯିବ। ଇଷ୍ଟଦେବୀମାନଙ୍କ ଲଗ୍ନ ଅନୁଯାୟୀ ନୂଆଁ ଚାଉଳ ଅର୍ପଣ ପରେ ଅଞ୍ଚଳବାସୀ ନବାନ୍ନ ଭକ୍ଷଣ କରିବେ।

**ଆସୁଛି ଆଉ ଏକ ଲଘୁଚାପ**

## ଆଜିଠୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୧୬।୮ (ସମିସ):** ଦକ୍ଷିଣ ଓଡ଼ିଶା ଓ ସଂଲଗ୍ନ ଆନ୍ଧ୍ରପ୍ରଦେଶ ଉପକୂଳରେ ଥିବା ଲଘୁଚାପ କ୍ଷେତ୍ର ସକ୍ରିୟ ହୋଇଛି। ଉପର ବାୟୁ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କିଲୋମିଟର ଉଚ୍ଚତା ସହିତ ଦକ୍ଷିଣ-ପଶ୍ଚିମ ଆଡ଼କୁ ବିସ୍ତାରିତ ହୋଇଛି। ଏହା ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୧୯ ତାରିଖ ଯାଏଁ ପ୍ରବଳ ବର୍ଷା ସହ ଝଡ଼ି ପବନ ଓ ବିଜୁଳି ଘଡ଼ଘଡ଼ି ହେବା ନେଇ ପାଣିପାଗ ବିଭାଗ ୱାର୍ଣ୍ଣିଂ ଜାରି କରିଛି। ଆଗକୁ ଆଉ ଏକ ଲଘୁଚାପ ହେବାର ସମ୍ଭାବନା ରହିଛି। ଆସନ୍ତାକାଲିଠାରୁ ବର୍ଷା ଆହୁରି ବଢ଼ିବ। ପ୍ରବଳ ବର୍ଷା ସାଙ୍ଗକୁ ଝଟ୍‌କା ପବନ ଓ ବିଜୁଳି ଘଡ଼ଘଡ଼ି ପାଇଁ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ବଜ୍ରପାତ ଓ ଝଟ୍‌କା ପବନ ହେବା ନେଇ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।



**ଆସନ୍ତାକାଲି ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ**

**ଅସଦାଚରଣ ଓ ନିର୍ଯାତନା**

## ୨ ଭିସୁଟ୍ ପ୍ରଫେସର ନିଲମ୍ବିତ

■ **ସମ୍ବଲପୁର, ୧୬।୮ (ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ରିପୋର୍ଟ ଦାଖଲ କରିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇଜଣ ପ୍ରଫେସରଙ୍କୁ ନିଲମ୍ବିତ କରିଥିବା ସୂଚନା ମିଳିଛି। ଜଣେ ପିଏଚ୍‌ଡି ଛାତ୍ରୀଙ୍କୁ ନିର୍ଯାତନା ଦିଆଯାଇଥିବା ବେଳେ ଅନ୍ୟ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ ହୋଇଥିଲା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଲମ୍ବନ ଆଦେଶନାମାକୁ ସାର୍ବଜନୀନ କରି ନଥିବା ବେଳେ ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବ ଏହି ବିଷୟରେ କୌଣସି ମତମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି।

ପ୍ରାୟ ତିନିମାସ ତଳେ ଜଣେ ଆସୋସିଏଟ୍ ପ୍ରଫେସରଙ୍କ ବିରୋଧରେ ଜଣେ ପିଏଚ୍‌ଡି ଛାତ୍ରୀ ନିର୍ଯାତନା ଅଭିଯୋଗ କରିଥିଲେ। କିନ୍ତୁ ତାଙ୍କ ବିରୋଧରେ କୌଣସି ▶ପୃଷ୍ଠା-୭

## ଗଠନ ହେବ ୧୨ ନୂତନ ଏନ୍‌ଏସି

■ **ଭୁବନେଶ୍ୱର, ୧୬।୮ (ସମିସ):** ରାଜ୍ୟର ୭ ଜିଲ୍ଲାରେ ଆଉ ୧୨ଟି ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଗଠନ ହେବ। ଏନେଇ ଶନିବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୩ଟି ଏନ୍‌ଏସି ଗଠନ ହେବାକୁ ଥିବାବେଳେ ବାଲେଶ୍ୱର, ଭଦ୍ରକ ଏବଂ ସମ୍ବଲପୁର ଜିଲ୍ଲାରେ ୨ଟି ଲେଖାଏଁ ଏନ୍‌ଏସି ଗଠନ ହେବ। ସେହିପରି ଅନୁଗୋଳ, ସୁବର୍ଣ୍ଣପୁର ଏବଂ ରାୟଗଡ଼ାରେ ଗୋଟିଏ ଲେଖାଏଁ ଏନ୍‌ଏସି ଗଠନ ହେବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ଅନୁଗୋଳର ପାଲଲହଡ଼ା, ସୋନପୁରର ବୀରମହାରାଜପୁର, ବାଲେଶ୍ୱରର ସିମୁଳିଆ ଓ ବସ୍ତା, ମୟୂରଭଞ୍ଜର ବେତନଟୀ, ଚିତ୍ରଡ଼ା ଓ ବାଙ୍ଗିରିପୋଷି, ରାୟଗଡ଼ାର ବିଷମ କଟକ, ସମ୍ବଲପୁରର ବାମରା ଓ ରେଙ୍ଗାଲି ଏବଂ ଭଦ୍ରକ ଜିଲ୍ଲାର ତିହିଡି ଓ ଧୁଷୁରୀ ନୂଆ ଏନ୍‌ଏସି ତାଲିକାରେ ସ୍ଥାନ ପାଇଛି।

ଗତକାଲି ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ୨୧ ନୂଆ ଏନ୍‌ଏସି ଗଠନ ନେଇ ଘୋଷଣା କରିଥିଲେ। ରାଜ୍ୟର ଦ୍ରୁତ ବିକାଶ ଓ ଅଭିବୃଦ୍ଧି ସହିତ ଜନସାଧାରଣଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ। କିନ୍ତୁ ଆଜି ପ୍ରକାଶିତ ଚିଠା ବିଜ୍ଞପ୍ତିରେ ୧୨ଟି ନୂଆ ଏନ୍‌ଏସି ଗଠନ ହେବ ବୋଲି ଦର୍ଶାଯାଇଛି। ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ମସିହାରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟରେ ୫୬ଟି ଏନ୍‌ଏସି ଗଠନ ହେବ ବୋଲି ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩୪ ଏନ୍‌ଏସି ଗଠନ ହେବ ବୋଲି ୨୪ ଫେବୃଆରୀ ୨୦୨୪ ମସିହାରେ ଘୋଷଣା କରିଥିଲେ। ଏହା ସହ ୫ଟି ଏନ୍‌ଏସିକୁ ମ୍ୟୁନିସିପାଲିଟିରେ ପରିବର୍ତ୍ତନ କରାଯାଇଥାନ୍ତା। ସେହିପରି ୧୩ଟି ଜିଲ୍ଲା ପାଇଁ ୨୨ଟି ଏନ୍‌ଏସି ଗଠନ ହେବ ବୋଲି ମାର୍ଚ୍ଚ ୨୦୨୪ ମସିହାରେ ଘୋଷଣା କରାଯାଇଥିଲା। ସାମାଜିକ ଏବଂ ଅର୍ଥନୈତିକ ଉନ୍ନତି ଏବଂ ଲୋକଙ୍କ ଦାବିକୁ ▶ପୃଷ୍ଠା-୭

**ନବୀନ ଘୋଷଣା କରିଥିଲେ ୫୬**

**ନୂଆ ସରକାର କମାଇଦେଲେ ୪୪**

**ପ୍ରେମ ପାଇଁ ସାଙ୍ଗ ସାଜିଲେ ବଇରୀ**

## ଘରୁ ଡାକିନେଇ ହାଣିଦେଲେ



■ **ଜଟଣୀ, ୧୬।୮ (ସମିସ):** ତ୍ରିକୋଣୀୟ ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଜଟଣୀ ଅଞ୍ଚଳରେ ଗତକାଲି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଯାଇଛି। ପ୍ରେମ ପାଇଁ ସାଙ୍ଗ ବଇରୀ ସାଜି ଘରୁ ଡାକିନେଇ ଆଉ ଜଣେ ସାଙ୍ଗକୁ ଖଣ୍ଡାରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣାରେ ପୁଲିସ ବାଛୁରା ତଳସାହିର ଶୁଭରଞ୍ଜନ ବାରିକ ଓରଫ୍ ପେଣ୍ଟୁଙ୍କ ସମେତ ଅନ୍ୟ ଦୁଇ ଜଣ ନାବାଳକଙ୍କୁ ଗିରଫ କରିଛି।


ପୁଲିସ ସୂଚନା ଅନୁଯାୟୀ, ଗୋଡ଼ାଧର୍ମସାଗରର ସ୍ମୃତି ରଞ୍ଜନ ନାୟକ(୧୯) ଏବଂ ତା'ର ଅନ୍ୟ ଜଣେ ନାବାଳକ ସାଙ୍ଗ ଗୋଟିଏ ଝିଅକୁ ପ୍ରେମ ନିବେଦନ କରି ଆସୁଥିଲେ। ସ୍ମୃତିରଞ୍ଜନ ସୋସିଆଲ ମିଡିଆରେ ଉକ୍ତ ଝିଅକୁ ପ୍ରେମ ନିବେଦନ କରିଥିବା ଜାଣିବା ପରେ ତା' ପ୍ରେମିକାର ପିଛା ଛାଡ଼ିଦେବାକୁ ଅଭିଯୁକ୍ତ ନାବାଳକ ତାକୁ ଧମକ ଦେଇ ଆସୁଥିଲା। ଏହି ଧମକପୂର୍ଣ୍ଣ ମେସେଜ୍ ସୋସିଆଲ ମିଡିଆରେ ଘୂରି ବୁଲୁଥିବା ▶ପୃଷ୍ଠା-୭

## ସମ୍ପତ୍ତି ପାଇଁ ପୁଅକୁ ପୋଡ଼ିଦେଲେ

■ **ଭୁବନେଶ୍ୱର/ବାଲିପାଟଣା, ୧୬।୮ (ସମିସ):** ସମ୍ପତ୍ତି ପାଇଁ ପୁଅକୁ ପୋଡ଼ି ମାରିଦେଲେ। ବାଲିପାଟଣା ବ୍ଲକ ସରିପୁର ଗାଁରେ ଗତ ଶୁକ୍ରବାର ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଜ୍ୟୋତିରଞ୍ଜନ ମଠିଆ। ଏହି ଘଟଣାରେ ବାଲିପାଟଣା ପୁଲିସ୍ ଅଭିଯୁକ୍ତ ବାପା ସୁରେନ୍ଦ୍ରନାଥ ମଠିଆ, ସାବତ ମାଆ ପ୍ରଭାତୀ ମଠିଆ ଓ ସାନ ଭାଇ ପ୍ରଶାନ୍ତ ମଠିଆଙ୍କୁ ଗିରଫ କରିଛି। ଜ୍ୟୋତିରଞ୍ଜନଙ୍କ ମୃତ୍ୟୁକାଳୀନ ବୟାନ ଆଧାରରେ ସେମାନଙ୍କୁ ଗିରଫ କରାଯାଇଛି। ଅଧିକ ପଚରାଉଚରା ପାଇଁ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୁଲିସ କହିଛି। ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍‌ଏସ୍ ଦଫା ୧୧୮(୨), ୧୦୯, ୧୦୩/୩(୫)ରେ ଦଫା ଲଗାଇ କୋର୍ଟଚାଲାଣ କରାଯାଇଛି। ଜୋନ୍-୪ ଏସିପି ଅଭିମନ୍ୟୁ ନାୟକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।



**ବାପା, ସାବତ ମା' ଏବଂ ସାବତ ଭାଇ ଗିରଫ**



ପୁଲିସ୍ ସୂଚନାନୁଯାୟୀ, ଛୋଟ ବେଳେ ଜ୍ୟୋତିରଞ୍ଜନଙ୍କ ମା'ଙ୍କର ମୃତ୍ୟୁ ପରେ ବାପା ସୁରେନ୍ଦ୍ରନାଥ ଦ୍ୱିତୀୟ ବିବାହ କରିଥିଲେ। କିନ୍ତୁ ସାବତ ମା' ଘରେ ପାଦ ଦେବା ପରଠାରୁ ଜ୍ୟୋତିଙ୍କ ଉପରେ ଅତ୍ୟାଚାର ଆରମ୍ଭ ହୋଇଯାଇଥିଲା। ଏପରିକି, ଶେଷରେ ସୁରେନ୍ଦ୍ରନାଥ ନିଜର ସବୁ ସମ୍ପତ୍ତି ସାନପୁଅ ନାଁରେ କରିଦେଇଥିଲେ। ପରେ ୩ଜଣ ଯାକ ମିଶି ଜ୍ୟୋତିଙ୍କୁ ସେ ଘରେ ରହିବାକୁ ଦେଇ ନଥିଲେ। ତେଣୁ ଜ୍ୟୋତି ତାଙ୍କ ସ୍ତ୍ରୀ ସହ ପାଖରେ ଥିବା ଏକ ଆଜବେଷ୍ଟସ୍ ଘରେ ଅତି ▶ପୃଷ୍ଠା-୭

**ଗୁଣି ସନ୍ଦେହରେ ହତ୍ୟା**

## ବିଷ ପିଆଇ ଜାଳିଦେଲେ

■ **ରାୟଗଡ଼ା, ୧୬।୮ (ସମିସ):** ଗୁଣି ସନ୍ଦେହରେ ଜଣେ ଯୁବକଙ୍କୁ ବିଷ ପିଆଇ ନିର୍ଘୁମ୍ ମାଡ଼ ମାରିବା ସହ ଜିଅନ୍ତା ଜାଳିଦେବା ଭଳି ଏକ ଲୋମଟାଙ୍କୁରା ହତ୍ୟାକାଣ୍ଡ ରାୟଗଡ଼ା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ସଦର ବ୍ଲକ୍ ବଡ଼ ଆଲୁବାଡ଼ି ପଞ୍ଚାୟତର ଗୁରୁସୁବାଡି ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ, ରାମାରାଓ ଜିଲାକାରା(୪୦)। ଏନେଇ ପରିବାର ପକ୍ଷରୁ ଶେଷଖାଲ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ୧୩ ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଏହାସହ ଅନ୍ୟ ୨ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଘାସି ମାଣ୍ଡାଙ୍ଗି, ଅନକେସ ▶ପୃଷ୍ଠା-୭



**୧୩ ଗିରଫ**

# ୭୯ତମ ସ୍ୱାଧୀନତା ଦିବସ ପାଳିତ





ଲାଲ୍ କିଲ୍ଲାରୁ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ

# ବିକଶିତ ଭାରତ ରୋଜଗାର ପାଇଁ ଯୋଜନା

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ୭୯ତମ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର କ୍ରମାଗତ ଦ୍ୱାଦଶଥର ପାଇଁ ଲାଲ୍ କିଲ୍ଲା ଉପରୁ ସବୁଠାରୁ ଦୀର୍ଘ ସମୟ (୧୦୩ ମିନିଟ୍) ଭାଷଣ ଦେଇଛନ୍ତି । ଏହା ଯେକୌଣସି ପ୍ରଧାନମନ୍ତ୍ରୀଙ୍କ ପାଇଁ ଲାଲ କିଲ୍ଲା ଉପରୁ ସବୁଠାରୁ ଦୀର୍ଘ ଭାଷଣ ବୋଲି କୁହାଯାଉଛି । ଏଥିସହ ମୋଦୀ ନିଜ ରେକର୍ଡକୁ ଭାଙ୍ଗିଛନ୍ତି । ୨୦୨୫ରେ ସେ ୮୮ ମିନିଟ୍‌ର ଭାଷଣ ଦେଇ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ରେକର୍ଡ ଅତିକ୍ରମ କରିଥିଲେ । ୧୯୪୭ରେ ନେହରୁ ୭୨ ମିନିଟ ଭାଷଣ ଦେଇଥିଲେ ।

ଅପରେସନ ସିନ୍ଦୂରରୁ ମୋଦୀ ଭାଷଣ ଆରମ୍ଭ କରିଥିଲେ ଓ ଏ ନେଇ ୧୩ ମିନିଟ୍‌ରୁ ଅଧିକ କହିଥିଲେ । ସେ ଆତଙ୍କବାଦ, ସିନ୍ଧୁ ଚୁକ୍ତି, ଆତ୍ମନିର୍ଭରତା, ମେକ୍ ଇନ୍ ଇଣ୍ଡିଆ, ନକ୍ସଲବାଦ୍ ଓ ବେଆଇନ ଅନୁପ୍ରବେଶକୁ ନେଇ ନିଜର ବକ୍ତବ୍ୟ ରଖିଥିଲେ । ସେ ପ୍ରଥମଥର ପାଇଁ ଦୁଇଟି ବଡ଼ ଘୋଷଣା କରିଥିଲେ । ଜିଏସ୍‌ଟି କମାଇବାକୁ ଓ ରୋଜଗାରକୁ ନେଇ ସେ ନୂଆ ଘୋଷଣା କରିଥିଲେ । ସେ କହିଥିଲେ ଯେ ଏଥର ଦୀପାବଳିରୁ ସରକାର ଜିଏସ୍‌ଟି ସଂସ୍କାର ଆଣିବେ । ଏହାଦ୍ୱାରା ଦେଶରେ ସାଧାରଣ ଲୋକଙ୍କ ଉପରେ ଟିକସ ଭାର କମିବ । ସେହିପରି ସେ 'ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା' ଲାଗୁ କରିବାକୁ ଘୋଷଣା କରିଥିଲେ । ଏହା ଦ୍ୱାରା ୩.୫ କୋଟି ଯୁବକଙ୍କୁ ରୋଜଗାର ମିଳିବ । ବେସରକାରୀ କ୍ଷେତ୍ରରେ ପ୍ରଥମେ ଚାକିରି କରୁଥିବା ଲୋକଙ୍କୁ କେନ୍ଦ୍ର ସରକାର ୧୫ ହଜାର ଟଙ୍କା ପ୍ରଦାନ କରିବେ । ଏହି ଯୋଜନା ଅନୁସାରେ ଯେଉଁ କମ୍ପାନୀ ଅଧିକ ରୋଜଗାର ଦେବା ସେହି କମ୍ପାନୀଗୁଡିକୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ଗତ ବଜେଟରେ କେନ୍ଦ୍ର ସରକାର ଏହାର ବ୍ୟବସ୍ଥା କରିଛନ୍ତି ।

ସେହିପରି ସେ ଦେଶର କୃଷକ, ପଶୁପାଳକ, କୈବର୍ତ୍ତ ଆମର ସବୁଠାରୁ ବଡ଼ ପ୍ରାଥମିକତା ବୋଲି କହିଥିଲେ । ଏମାନଙ୍କୁ କ୍ଷତି ପହଞ୍ଚାଉଥିବା କୌଣସି ପ୍ରକାର ନୀତିକୁ ସେ ବିରୋଧ କରିବେ ଓ କାନ୍ଥ ଭଳି ଏମାନଙ୍କ ପାଇଁ ଛିଡା ହେବେ ବୋଲି କହିଥିଲେ । ଏମାନଙ୍କୁ ନେଇ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ । ପ୍ରଧାନମନ୍ତ୍ରୀ ପ୍ରଥମଥର ପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ବିଷୟରେ କହିଥିଲେ । ୧୦୦ ବର୍ଷ ତଳେ ସୃଷ୍ଟି ହୋଇଥିବା ସଂଗଠନ ରାଷ୍ଟ୍ର ନିର୍ମାଣ ପାଇଁ ସମର୍ପିତ । ଅପରେସନ ସିନ୍ଦୂର ଅବସରରେ ସେନାବାହିନୀକୁ ସମ୍ପୂର୍ଣ୍ଣ ଭାବେ ସ୍ୱାଧୀନତା ଦିଆଯାଇଥିଲା ବୋଲି ସେ କହିଥିଲେ । ସେ ଭାରତୀୟ ସେନାର ସାହସିକତାକୁ ପ୍ରଶଂସା କରିଥିଲେ । ଶତ୍ରୁକୁ ଆମ ସେନା ସେମାନଙ୍କ କଳ୍ପନାଠାରୁ ଅଧିକ ଦଣ୍ଡ ଦେଇଥିଲେ । ସେହିପରି ସିନ୍ଧୁ ଚୁକ୍ତିକୁ ନେଇ ମଧ୍ୟ ସେ ଦେଶର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ ଓ ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇଥିଲେ । ରକ୍ତ ଓ ପାଣି ଏକାସାଥିରେ ବହିପାରିବ ନାହିଁ ବୋଲି କହିଥିଲେ ।

ସେହିଭଳି ପ୍ରଧାନମନ୍ତ୍ରୀ ଦେଶରେ ବୃଦ୍ଧି ପାଉଥିବା ଅନୁପ୍ରବେଶ ସମସ୍ୟାକୁ ନେଇ ଉଦବେଗ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ବାଂଲାଦେଶ ଆଡୁ ଅନୁପ୍ରବେଶ ବୃଦ୍ଧି ପାଉଥିବାରୁ ସୀମାରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି । ଏହାର ମୁକାବିଲା ଲାଗି ତାଙ୍କ ସରକାର ଏକ ବଡ଼ ଯୋଜନା ପ୍ରସ୍ତୁତ କରିଥିବା ସେ ସୂଚନା ଦେଇଛନ୍ତି ।

ଉପରାଷ୍ଟ୍ରପତି ନିର୍ବାଚନକୁ ନେଇ ରାଜନୀତି ସରଗରମ

# ଏନ୍‌ଡିଏ ପ୍ରାର୍ଥୀ ଘୋଷଣା ଆଜି

ନୂଆଦିଲ୍ଲୀ, ୧୬।୮: ଆସନ୍ତା ମାସ ୯ ତାରିଖରେ ହେବାକୁ ଯାଉଥିବା ଉପରାଷ୍ଟ୍ରପତି ନିର୍ବାଚନ ପାଇଁ କ୍ଷମତାସୀନ ଏନ୍‌ଡିଏର ପ୍ରାର୍ଥୀ କିଏ ହେବ, ତାହା ଉପରେ ସମସ୍ତଙ୍କର ନଜର ରହିଛି । ଆସନ୍ତାକାଲି ସନ୍ଧ୍ୟା ବେଳେ ବିଜେପିର ସଂସଦୀୟ ଦଳ ବୈଠକ ହେବାକୁ ଯାଉଛି । ଏହି ବୈଠକରେ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି ।

## ସମ୍ଭାବ୍ୟ ତାଲିକାରେ ଅନେକ ରାଜ୍ୟପାଳ

ଉପରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ନିଷ୍ପତ୍ତି ନେବାଲାଗି ଏନ୍‌ଡିଏ ନେତାମାନେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବିଜେପି ସଭାପତି ଜେପି ନଡ୍ଡାଙ୍କୁ ଦାୟିତ୍ୱ ଦେଇଛନ୍ତି । ଏନ୍‌ଡିଏ ପ୍ରାର୍ଥୀଙ୍କୁ ନେଇ ଜାତୀୟ ରାଜନୀତିରେ ଯେଉଁମାନଙ୍କ ନାମକୁ ନେଇ ଚର୍ଚ୍ଚା ଚାଲିଛି ସେମାନଙ୍କ ମଧ୍ୟରେ ଅଛନ୍ତି ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ଜମ୍ମୁ-କଶ୍ମୀର ଉପ-ରାଜ୍ୟପାଳ ମନୋଜ ସିହ୍ନା, କର୍ଣ୍ଣାଟକ ରାଜ୍ୟପାଳ ଥାୱରଚନ୍ଦ ଗେହଲଟ, ଦିଲ୍ଲୀ ଉପ-ରାଜ୍ୟପାଳ ଭିକେ ସାକସେନା, ବିହାର ରାଜ୍ୟପାଳ ଆରିଫ ମହମ୍ମଦ ଖାନ, ସିକିମ ରାଜ୍ୟପାଳ ଓମ୍ ମାଥୁର ଏବଂ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ସିଂହ । ଏମାନଙ୍କ ବ୍ୟତୀତ ଆରଏସଏସ୍ ନେତା ସେଶାଦ୍ରୀ ଚାରି ଏବଂ କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି ।

ଏନ୍‌ଡିଏ ପ୍ରାର୍ଥୀ ଅଗଷ୍ଟ ୨୧ରେ ନାମାଙ୍କନ ଦାଖଲ କରିବେ । ଏହି ଅବସରରେ ଏନଡିଏ ଶାସିତ ରାଜ୍ୟର ସବୁ ମୁଖ୍ୟମନ୍ତ୍ରୀ ଓ ଉପ- ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ । ଅପରପକ୍ଷରେ ବିରୋଧୀ ଦଳଗୁଡିକ ମଧ୍ୟ ନିଜ ପାର୍ଥୀ ଚୂଡାନ୍ତ କରିବାକୁ ଅଗଷ୍ଟ ୧୮ରେ ବୈଠକରେ ଏକାଠି ହେବେ । ଏ ସଂକ୍ରାନ୍ତରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ଇଣ୍ଡିଆ ବ୍ଲକର ସବୁ ନେତାଙ୍କ ସହ କଥା ହୋଇଛନ୍ତି ।

ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତ ନିର୍ବାଚନ ଲାଗି ମତଦାନ ହେବ ଓ ଏହି ଦିନ ହିଁ ମତଗଣନା ହେବ । ନାମାଙ୍କନ ଦାଖଲ ପାଇଁ ଅଗଷ୍ଟ ୨୧ ହେଉଛି ଅନ୍ତିମ ତାରିଖ । ଅଗଷ୍ଟ ୨୫ରେ ନାମାଙ୍କନ ପ୍ରତ୍ୟାହାର ହୋଇପାରିବ । ଉଲ୍ଲେଖଥାଉ କି ଜଗଦୀପ ଧନଖଡ ଜୁଲାଇ ୨୧ ରାତିରେ ଅଚାନକ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ । ୭୪ ବର୍ଷୀୟ ଧନଖଡଙ୍କ କାର୍ଯ୍ୟକାଳ ୨୦୨୭ ଅଗଷ୍ଟ ୧୦ରେ ପୂରଣ ହେବାର ଥିଲା ।

ବି-୨ ବମ୍ବରରେ ପୁତିନଙ୍କୁ ସ୍ୱାଗତ.....




ଆଲାସ୍କାରେ ବି୨ ବମ୍ବରରେ ରୁଷିଆ ରାଷ୍ଟ୍ରପତି ପୁତିନଙ୍କୁ ସ୍ୱାଗତ କରିଥିଲେ ରାଷ୍ଟ୍ରପତି ଟ୍ରମ୍ପ । ସେ ରେଡ କାର୍ପେଟ୍ ଉପରେ ଆସିବା ପରେ ଟ୍ରମ୍ପ ତାଳି ବଜାଇ ତାଙ୍କୁ ସ୍ୱାଗତ କରିଥିଲେ । ଏହି ସମୟରେ ଆକାଶରେ ଉଡ଼ିଥିଲା ଆମେରିକାର ବି-୨ ବୋମାବର୍ଷୀ ବିମାନ । ଏହାପରେ ପୁତିନ ଓ ଟ୍ରମ୍ପ ଗୋଟିଏ କାରରେ ବସି ବୈଠକ ପାଇଁ ଯାଇଥିଲେ ।

## ଡିଭାଇଡର ଭାଙ୍ଗି ଟ୍ରକ୍‌କୁ ପିଟିଲା ଟ୍ରାଭେଲର; ୪ ମୃତ

ଶିବପୁରୀ, ୧୬।୮: ମଧ୍ୟପ୍ରଦେଶର ଶିବପୁରୀରେ ଶନିବାର ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୪ ଜଣ ମୃତ୍ୟୁବରଣ କରିଛନ୍ତି । ଏକ ଟ୍ରାଭେଲର ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ଗାୟକ ରହିଛନ୍ତି । ୨୦ ଜଣ ସଙ୍ଗୀତ ପାର୍ଟି କାଶୀ ବିଶ୍ୱନାଥରେ ଆୟୋଜିତ ଏକ ଶିବକଥା କାର୍ଯ୍ୟକ୍ରମରେ ଯୋଗ ଦେଇ ଶୁକ୍ରବାର ସନ୍ଧ୍ୟାରେ ପ୍ରତ୍ୟାବର୍ତ୍ତନ କରୁଥିଲେ । ଏହି ଟିମ୍‌ର ସବୁ ସଦସ୍ୟ ଗୁଜରାଟ୍‌ର ମେହଶାଣା ଓ ସୁରେନ୍ଦ୍ରନଗରରେ ରହୁଥିଲେ ।

# ସନ୍ତାନ ଜନ୍ମ କରିବ ରୋବୋଟ

ବେଜିଂ, ୧୬।୮ (ଏଜେନ୍ସି): ବିଶ୍ୱରେ ଦ୍ରୁତ ଗତିରେ ରୋବୋଟ ଟେକ୍ନୋଲୋଜିର ବିକାଶ ହେବାରେ ଲାଗିଛି । ଏବେ ଏହି ରୋବୋଟ ମନୁଷ୍ୟ ଭଳି ସନ୍ତାନ ଜନ୍ମ କରିବାକୁ ଯାଉଛି । ଏହା ୧୦ ମାସରେ ସନ୍ତାନ ପ୍ରସବ କରିବ । ଚୀନ୍‌ର କାଇଭା ଟେକ୍ନୋଲୋଜି ଏହି ରୋବୋଟ ନିର୍ମାଣ କରୁଛି । ଏହାର ନାମ 'ପ୍ରେଗ୍ନାନ୍ସି ରୋବୋଟ' ରହିଛି । କମ୍ପାନୀର ସିଇଓ ଝାଙ୍ଗ କିଫେଙ୍ଗ କହିଛନ୍ତି ଯେ ରୋବୋଟ ପେଟରେ ଏକ ଆର୍ଟିଫିସିଆଲ ଗର୍ଭ ରହିବ । ଏଥିରୁ ଭ୍ରୂଣକୁ ପୋଷଣ ମିଳିବ । ଆସନ୍ତା ବର୍ଷ ଏହି ରୋବୋଟକୁ ଲଞ୍ଚ୍ କରାଯିବ । ଏହାର ମୂଲ୍ୟ ଲକ୍ଷେ ୟୁଆନ ଅର୍ଥାତ୍ ୧୧.୬ ଲକ୍ଷ ଟଙ୍କା ରହିବ । ତେବେ ଏହି ରୋବୋଟକୁ ନେଇ କମ୍ପାନୀକୁ ଅନେକ ସମାଲୋଚନା କରୁଛନ୍ତି । ଏହା ଦ୍ୱାରା ଶିଶୁ ଏବଂ ମା' ମଧ୍ୟରେ ଥିବା ନୈସର୍ଗିକ ସମ୍ପର୍କ ଶେଷ ହୋଇଯିବ । ତେବେ ଆଉ କିଛି ବିଶେଷଜ୍ଞ କହିଛନ୍ତି ଯେ ମନୁଷ୍ୟ ଭଳି ସନ୍ତାନ ଜନ୍ମ କରିବା ଏବେ ରୋବୋଟଙ୍କ ପକ୍ଷେ ସମ୍ଭବ ନୁହେଁ ।

# ତେଜିଲା ଏସ୍ଆଇଆର ବିବାଦ, ବିହାରରେ ରାହୁଲଙ୍କ 'ଭୋଟ ଅଧିକାର ଯାତ୍ରା'

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ରବିବାରଠାରୁ 'ବିହାରରେ ଭୋଟ ଅଧିକାର ଯାତ୍ରା' ଆରମ୍ଭ କରିବାକୁ ଯାଉଛନ୍ତି । ସାସାରାମରୁ ଆରମ୍ଭ ହେବାକୁ ଥିବା ଏହି ଯାତ୍ରା ପାଇଁ ରାହୁଲ ୧୬ ଦିନ ପର୍ଯ୍ୟନ୍ତ ବିହାରରେ ରହିବେ । ୧୩୦୦କିମିର ଏହି ଯାତ୍ରାରେ ୨୪ ଜିଲ୍ଲାକୁ ଗସ୍ତ କରିବେ । ଏହି ସବୁ ଜିଲ୍ଲାରେ ୧୧୮ ବିଧାନସଭା କ୍ଷେତ୍ର ରହିଛି । ଏହି ଯାତ୍ରାରେ ଇଣ୍ଡିଆ ମେଣ୍ଟର ସବୁ ଦଳର ବରିଷ୍ଠ ନେତା ଏବଂ କର୍ମୀ ସାମିଲ ହେବେ । ବିହାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମଧ୍ୟ ଯାତ୍ରାରେ ଯୋଗଦେବେ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଯାଇଛି ବୋଲି କଂଗ୍ରେସ ସାଂସଦ ଅଖିଳେଶ ସିଂହ କହିଛନ୍ତି । ଦେଶରେ ଭୋଟ ମଜବୁତ କରିବା ପାଇଁ ରାହୁଲ ଏହି ଯାତ୍ରା କରୁଛନ୍ତି ବୋଲି କଂଗ୍ରେସ ପ୍ରଭାରୀ କୃଷ୍ଣା ଅଲାବାରୁ କହିଛନ୍ତି । ତେବେ ପ୍ରଶାସନ ଏହି ଯାତ୍ରା ପାଇଁ ଅନୁମତି ଦେଉନାହିଁ ବୋଲି ଆରଜେଡି ସାଂସଦ ସୁଧାକର ସିଂହ ଅଭିଯୋଗ ଲଗାଇଛନ୍ତି । ପ୍ରଶାସନ ସରକାରଙ୍କ ଚାପରେ କାମ କରୁଛି । ରାହୁଲଙ୍କ ସଭା ଏବଂ ହେଲିକପ୍ଟରକୁ ଅବତରଣ ପାଇଁ ଅନୁମତି ଦିଆଯାଉନାହିଁ ବୋଲି ସେ ଅଭିଯୋଗ ଲଗାଇଛନ୍ତି । କିନ୍ତୁ ସାସାରାମ ଜିଲ୍ଲାପାଳ ଏହାକୁ ଖାରଜ କରିଦେଇଛନ୍ତି ।



ଇତିମଧ୍ୟରେ ନିର୍ବାଚନ କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ଭୋଟର ତାଲିକା ସଂଶୋଧନକୁ ନେଇ ରାଜନୈତିକ ଦଳ ଓ ନେତାମାନେ ଯେଉଁସବୁ ଅଭିଯୋଗ ଉଠାଉଛନ୍ତି ତାହା ଭିତ୍ତିହୀନ । ସମସ୍ତ ନିର୍ବାଚନ ପୂର୍ବରୁ ଭୋଟର ସଂଶୋଧନ ତାଲିକା ରାଜନୈତିକ ଦଳମାନଙ୍କୁ ଦିଆଯାଇଥାଏ । କୌଣସି ଆପତ୍ତି କି ଦାବି ଥିଲେ ସେମାନେ ସଂପୃକ୍ତ ଅଞ୍ଚଳର ନିର୍ବାଚନ ଅଧିକାରୀମାନଙ୍କ ସହିତ ଆଲୋଚନା କରିପାରିବେ । ଏହା ନକରି ଅନ୍ୟ ସ୍ତରରେ ଏଭଳି ଅଭିଯୋଗ କରିବା ଠିକ୍ ନୁହେଁ । ଇତିମଧ୍ୟରେ ବିହାର ଭୋଟର ତାଲିକା ସଂଶୋଧନ ବା ଏସଆଇଆର ଏବଂ କର୍ଣ୍ଣାଟକରେ ଭୋଟ୍ ଚୋରିକୁ ନେଇ ରାହୁଲ ଗାନ୍ଧୀ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ଉପରେ ସ୍ପଷ୍ଟୀକରଣ ଦେବାଲାଗି ଆସନ୍ତାକାଲି ନିର୍ବାଚନ କମିସନ ପକ୍ଷରୁ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରାଯିବ । ଏଥିରେ ସମସ୍ତ ଅଭିଯୋଗର ଉତ୍ତର ଦେବାକୁ ଚେଷ୍ଟା କରିବେ କମିସନ ।

## ନିର୍ବାଚନ କମିସନଙ୍କ ସାମ୍ବାଦିକ ସମ୍ମିଳନୀ ଆଜି

# ଏନ୍‌ସିଇଆରଟିରେ ନୂଆ ମଡ୍ୟୁଲକୁ ନେଇ ବିବାଦ

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ନ୍ୟାସନାଲ କାଉନସିଲ ଅଫ୍ ଏଜୁକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆରଟି) ଏହାର ପାଠ୍ୟକ୍ରମରେ କେତୋଟି ପରିବର୍ତ୍ତନ କରିଛି । ଷଷ୍ଠରୁ ୮ମ ଓ ୯ମରୁ ଦ୍ୱାଦଶ ଶ୍ରେଣୀ ପାଇଁ ଦୁଇଟି ମଡ୍ୟୁଲ୍ ଜାରି କରିଛି । ନିୟମିତ ବହିଠାରୁ ଏହି ମଡ୍ୟୁଲ ଭିନ୍ନ । ଏହା ଦେଶ ବିଭାଜନର ବିଭିଷୀକା ଉପରେ ଆଧାରିତ । ଏଥିରେ ପାକିସ୍ତାନର ସ୍ରଷ୍ଟା ମହମ୍ମଦ ଅଲି ଜିନ୍ନା, କଂଗ୍ରେସ ପାର୍ଟି ଓ ଲର୍ଡ ମାଉଣ୍ଟବେଟେନଙ୍କୁ ଦେଶ ବିଭାଜନ ପାଇଁ ଦାୟୀ କରାଯାଇଛି । ଜିନ୍ନା ବିଭାଜନ ପାଇଁ ଦାବି କରିଥିଲେ, କଂଗ୍ରେସ ଏହାକୁ ସ୍ୱୀକାର କରିଥିଲା ଓ ମାଉଣ୍ଟବେଟେନ ଏହାକୁ ଲାଗୁ କରିବା ସହ କାର୍ଯ୍ୟକାରୀ କରିଥିଲେ ବୋଲି ଏଥିରେ ଦର୍ଶାଯାଇଛି । କଂଗ୍ରସ ନେତା ସର୍ଦ୍ଦାର ବଲ୍ଲଭଭାଇ ପଟେଲ କହିଥିଲେ ଯେ, 'ଆମେ ଏଭଳି ଏକ ସ୍ଥିତିରେ ପହଞ୍ଚିଛୁ ଯେଉଁଠାରେ ଆମକୁ ଦେଶ ବିଭାଜନକୁ ସ୍ୱୀକାର କରବାକୁ ହେବ କିମ୍ବା ନିରନ୍ତର ସଂଘର୍ଷ ଓ ଅରାଜକତାକୁ ସମ୍ନା କରିବାକୁ ହେବ' । ନୂଆ ମଡ୍ୟୁଲରେ କଶ୍ମୀରରେ ଆତଙ୍କବାଦର ମଧ୍ୟ ଉଲ୍ଲେଖ କରାଯାଇଛି । ଏଥିରେ କୁହାଯାଇଛି ଯେ ବିଭାଜନ ହୋଇନଥିଲେ କାଶ୍ମୀର ଆଜି ଆତଙ୍କବାଦର କେନ୍ଦ୍ର ହୋଇନଥାଆନ୍ତା । ଉଲ୍ଲେଖଥାଉ କି ନିୟମିତ ପାଠ୍ୟକ୍ରମରେ ମଡ୍ୟୁଲ ସାମିଲ ହୋଇ ନ ଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷଣକୁ ମଧ୍ୟ ଏଥିରେ ସାମିଲ କରାଯାଇଛି । ଗତମାସରେ ଏନ୍‌ସିଇଆରଟିର ନୂଆ ପାଠ୍ୟକ୍ରମରେ ମୋଗଲ ଶାସନ କାର୍ଯ୍ୟକାଳର ନୂଆ ସମୀକ୍ଷାକୁ ସାମିଲ କରାଯାଇଥିଲା । ଏହି ମଡ୍ୟୁଲକୁ ନେଇ ବିବାଦ ସୃଷ୍ଟି ହୋଇଛି । କଂଗ୍ରେସ ଏହାର ପ୍ରତିବାଦ ଜଣାଇଛି । କଂଗ୍ରେସ ମୁଖପାତ୍ର ପବନ ଖେରା କହିଛନ୍ତି ଯେ ଏହି ମଡ୍ୟୁଲରେ ସତ କଥାକୁ ଲୁଚାଇ ରଖାଯାଇଛି ।

# ରାଷ୍ଟ୍ରପତିଙ୍କ ପାଇଁ ସମୟ ଧାର୍ଯ୍ୟ କରାଯାଇପାରିବ ନାହିଁ: କେନ୍ଦ୍ର

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ସଂସଦ ବା ବିଧାନସଭା ଦ୍ୱାରା ପାସ୍ ହେଉଥିବା ବିଲ୍ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇପାରିବ ନାହିଁ । ଏହା ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଭ୍ରାଟ ସୃଷ୍ଟି କରିବ । ତାମିଲନାଡୁ ମାମଲାରେ ରାୟ ଶୁଣାଇ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ସୁପ୍ରିମକୋର୍ଟ ଧାର୍ଯ୍ୟ କରିଥିବା ସମୟସୀମାକୁ ବିରୋଧ କରି କେନ୍ଦ୍ର ସରକାର ଏଭଳି ସତର୍କବାଣୀ ଶୁଣାଇଛନ୍ତି । ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ ଗଣତନ୍ତ୍ରର ତିନିଟି ସ୍ତମ୍ଭ ମଧ୍ୟରେ କ୍ଷମତାର ସନ୍ତୁଳନ ପାଇଁ ସମ୍ବିଧାନରେ ବ୍ୟବସ୍ଥା ରହିଛି । ସମ୍ବିଧାନରେ ସେମାନଙ୍କ ଲାଗି ସମୟସୀମା ଧାର୍ଯ୍ୟ କରାଯାଇ ନଥିବା ବେଳେ ସୁପ୍ରିମକୋର୍ଟ ସମ୍ବିଧାନର ପୁନର୍ଲିଖନ କରିପାରିବେ ନାହିଁ । ଏହା ସମ୍ବିଧାନର ଧାରା ୧୪୨କୁ ଉଲ୍ଲଂଘନ କରୁଛି । ସେ କହିଛନ୍ତି ଯେ ଯାହା ବିବାଦ ଦେଖାଯାଉଛି, ତାହାର ସମାଧାନ ସମ୍ବିଧାନର ସୀମାରେ ରହି ରାଜନୈତିକ ଉପାୟରେ କରାଯିବା ଉଚିତ । ଏଥିପାଇଁ କୋର୍ଟ ନିର୍ଦ୍ଦେଶ ଦେବା ଠିକ୍ ନୁହେଁ ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି ।

# ସୋମବାର ଭାରତ ଆସିବେ ଚୀନ୍ ବିଦେଶମନ୍ତ୍ରୀ

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ପରେ ଭାରତ ଏବଂ ଚୀନ୍ ସମ୍ବନ୍ଧକୁ ଅଧିକ ନିବିଡ଼ କରିବାକୁ ପ୍ରୟାସ କରୁଛନ୍ତି । ସୀମା ବିବାଦର ସମାଧାନ ଲାଗି ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ସୋମବାର ଭାରତ ଗସ୍ତରେ ଆସୁଛନ୍ତି । ଭାରତୀୟ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଚୀନ୍ ମନ୍ତ୍ରୀ ଏନଏସଏ ଅଜିତ ଡୋଭାଲଙ୍କ ସହ ସୀମା ବିବାଦର ସମାଧାନ ଲାଗି ୨୪ତମ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ଆଲୋଚନା କରିବେ । ଏହା ପରେ ୱାଙ୍ଗ ୱି ଏବଂ ବିଦେଶମନ୍ତ୍ରୀ ଜୟଶଙ୍କରଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହେବ । 'ଅପରେସନ ସିନ୍ଦୂର' ସମୟରେ ପାକିସ୍ତାନକୁ ସମର୍ଥନ କରି ଚୀନ୍ ସବୁଦିନିଆ ବନ୍ଧୁ କହିବା ପରେ ପ୍ରଥମ ଥର ପାଇଁ ଏହି ବୈଠକ ବସିବାକୁ ଯାଉଛି । ଭାରତ-ପାକିସ୍ତାନ ସଂଘର୍ଷରେ ଚୀନ୍ ଇସଲାମାବାଦକୁ ସବୁ ପ୍ରକାରର ସହାୟତା ଦେଇଥିଲା । ଗୁଇନ୍ଦାଠାରୁ ନେଇ ଅସ୍ତ୍ରଶସ୍ତ୍ର ବି ଯୋଗାଇ ଥିଲା ।

# ବେଙ୍ଗାଲୁରୁ କୋଠାରେ ନିଆଁ; ୫ ରାଜସ୍ଥାନୀ ମୃତ

ବେଙ୍ଗାଲୁରୁ, ୧୬।୮ (ଏଜେନ୍ସି): ବେଙ୍ଗାଲୁରୁ ଷ୍ଟିଲ ମାର୍କେଟ୍‌ସ୍ଥିତ ଏକ କୋଠାରେ ଭୀଷଣ ନିଆଁ ଲାଗିଛି । ଏଥିରେ ରାଜସ୍ଥାନର ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ମଧ୍ୟରେ ଜାଲୋର ଜିଲ୍ଲାର ଦୁଇଜଣ ବ୍ୟବସାୟୀ ରହିଛନ୍ତି । ଏହି ଘଟଣାରେ ଭିନମାଲରେ ରହୁଥିବା ଜଣେ ବ୍ୟବସାୟୀ, ତାଙ୍କ ପତ୍ନୀ ଓ ୨ ନାବାଳକ ପୁଅ ମଧ୍ୟ ଜୀବନ ହରାଇଛନ୍ତି । କ୍ଷିପ୍ର ଗତିରେ ନିଆଁ ବ୍ୟାପିଯାଇଥିଲା । ଫଳରେ କୌଣସି ବ୍ୟକ୍ତି ବାହାରକୁ ବାହାରିବାର ସୁଯୋଗ ପାଇ ନ ଥିଲେ । ଶନିବାର ସକାଳ ପର୍ଯ୍ୟନ୍ତ ମଧ୍ୟ ବିଲ୍ଡିଂରେ ନିଆଁ ଜଳୁଥିବାର ସୂଚନା ମିଳିଛି । ଏହି ଘଟଣାରେ ଗୋଦାମରେ କାମ କରୁଥିବା ଦୁଇଜଣ ଯୁବକ ମଧ୍ୟ ମୃତ୍ୟୁବରଣ କରିଛନ୍ତି । ତେବେ ମୃତକଙ୍କ ସଂଖ୍ୟା ନେଇ ପ୍ରଶାସନ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ କରିନାହିଁ । ନିଆଁର ପ୍ରକୋପ ଏତେ ଥିଲା ଯେ, ଶନିବାର ସକାଳ ପର୍ଯ୍ୟନ୍ତ ନିଆଁ ଜଳୁଥିଲା । ଏହି ବିଲ୍ଡିଂ ସଂକୀର୍ଣ୍ଣ ଗଳିରେ ଥିଲା । ଏଥିପାଇଁ ଦମକଳ ଗାଡି ପହଞ୍ଚିବା ପାଇଁ ସମସ୍ୟାର ସମ୍ମୁଖୀନ ହେବା ସହ ବିଳମ୍ବ ହୋଇଥିଲା । ୧୮ଟି ଦମକଳ ଗାଡି ନିଆଁ ଲିଭାଇବାକୁ ପ୍ରୟାସ କରିଥିଲେ ।

# ଅନ୍‌ଲାଇନ୍ ସପିଙ୍ଗ୍ କରି ୧୮ ଲକ୍ଷ ଟଙ୍କା ହରାଇଲେ ବୃଦ୍ଧା

ମୁମ୍ବଇ, ୧୬।୮ (ଏଜେନ୍ସି): ମୁମ୍ବଇର ଜଣେ ୭୧ ବର୍ଷୀୟ ମହିଳା ଅନ୍ ଲାଇନ୍ ସପିଙ୍ଗ କରି ୧୮ ଲକ୍ଷ ଟଙ୍କା ହରାଇଛନ୍ତି । ସେ ଏକ ଲିଟର କ୍ଷୀର ଅର୍ଡର କରିଥିଲେ । କିନ୍ତୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୮.୫ ଲକ୍ଷ ଟଙ୍କା ଚାଲିଯାଇଥିଲା । ବଡାଲାରେ ରହୁଥିବା ଏହି ବୃଦ୍ଧା ଏକ ଅନ୍‌ଲାଇନ୍ ଡେଲିଭରୀ ଆପ୍ ଜରିଆରେ କ୍ଷୀର ଅର୍ଡର କରିବାକୁ ପ୍ରୟାସ କରିଥିଲେ । ତେବେ ମାତ୍ର ଦୁଇଦିନ ମଧ୍ୟରେ ସେ ସଞ୍ଚୟ କରିଥିବା ସବୁ ଅର୍ଥକୁ ଠକ ଲୁଟି ନେଇଥିଲେ । ଯେତେବେଳେ ସେ ଏହା ଜାଣିବାକୁ ପାଇଲେ, ସେ ପୁଲିସରେ ଅଭିଯୋଗ କରିଥିଲେ । ପୁଲିସ ମଧ୍ୟ ଏହି ଘଟଣାରେ ଯାଞ୍ଚ ଆରମ୍ଭ କରିଛି । ଅଗଷ୍ଟ ୪ରେ ଏହି ଘଟଣା ଘଟିଥିଲା । ଜଣେ ବ୍ୟକ୍ତି ଏହି ମହିଳାଙ୍କୁ ଫୋନ୍ କରି ନିଜକୁ ଜଣେ କ୍ଷୀର କମ୍ପାନୀର ଅଧିକାରୀ ବୋଲି ପରିଚୟ ଦେଇଥିଲେ । ସେ ମହିଳାଙ୍କୁ ମୋବାଇଲ ନମ୍ବରକୁ ଏକ ଲିଙ୍କ ସେୟାର କରି କ୍ଷୀର ଅର୍ଡର କରିବାକୁ ବିଭିନ୍ନ ସୂଚନା ମାଗିଥିଲେ । କଲ୍ ନ କାଟି ଲିଙ୍କରେ ଦିଆଯାଇଥିବା ନିର୍ଦ୍ଦେଶ ପାଳନ କରିବାକୁ ଠକ ଜଣକ କହିଥିଲା । ଏହା ପର ଦିନ ମଧ୍ୟ ସେ ମହିଳାଙ୍କୁ ଫୋନ୍ କରି ଆହୁରି ଅଧିକ ସୂଚନା ଦେବାକୁ କହିଥିଲା । ମହିଳାଙ୍କ ନାମରେ ଥିବା ୩ଟି ବ୍ୟାଙ୍କ ଆକାଉଣ୍ଟରୁ ପଇସା ଲୁଟିବାରେ ଏହି ଠକ ସକ୍ଷମ ହୋଇଥିଲେ । ୩ଟି ଆକାଉଣ୍ଟରୁ ମୋଟ୍ ଉପରେ ୧୮.୫ ଲକ୍ଷ ଟଙ୍କା ଗାଏବ ହୋଇଛି ବୋଲି ପୁଲିସ କହିଛି । ମହିଳା ଲିଙ୍କରେ କ୍ଲିକ୍ କରିବା ପରେ ତାଙ୍କ ଫୋନ ହ୍ୟାକ ହୋଇଥିଲା ଓ ସହଜରେ ଲୁଟେରାମାନେ ନିଜର ଲକ୍ଷ୍ୟ ସାଧନ କରିଥିଲେ ।

# ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନଙ୍କ ପରଲୋକ

ରାଞ୍ଚି, ୧୬।୮ (ଏଜେନ୍ସି): ଝାଡଖଣ୍ଡ ଶିକ୍ଷାମନ୍ତ୍ରୀ ରାମଦାସ ସୋରେନ ଶୁକ୍ରବାର ବିଳମ୍ବିତ ରାତିରେ ଦିଲ୍ଲୀସ୍ଥିତ ଆପୋଲୋ ହସ୍ପିଟାଲ୍‌ରେ ପ୍ରାଣତ୍ୟାଗ କରିଛନ୍ତି । ସେ ୬୨ ବର୍ଷ ବୟସ୍କ ଥିଲେ । ମୁଣ୍ଡରେ ଗମ୍ଭୀର ଭାବେ ଲାଗିଥିବା ଆଘାତ କାରଣରୁ ସେ ଅଗଷ୍ଟ ୨ରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଓ ତାଙ୍କର ଚିକିତ୍ସା ଚାଲିଥିଲା । ଶନିବାର ଜାମସେଦପୁରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କ ଦେହାନ୍ତରେ ଝାଡଖଣ୍ଡରେ ଦିନିକିଆ ଶୋକ ଘୋଷଣା କରାଯାଇଛି । ରାମଦାସଙ୍କ ପାର୍ଥିବ ଶରୀରକୁ ଦିଲ୍ଲୀରୁ ରାଞ୍ଚି ବିମାନ ବନ୍ଦରକୁ ଆଣାଯାଇଥିଲା ଓ ସେଠାରୁ ଝାଡଖଣ୍ଡ ବିଧାନସଭାକୁ ନିଆଯାଇଥିଲା । ତାଙ୍କୁ ସେଠାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଏହାପରେ ତାଙ୍କ ପାର୍ଥିବ ଶରୀରକୁ ଘାଟଶିଳା ଓ ପରେ ଜାମସେଦପୁର ନିଆଯାଇଥିଲା । ଶନିବାର ରାତିରେ ଜାମସେଦପୁରସ୍ଥିତ ଘୋଡା ବାନ୍ଧା କ୍ଷେତ୍ରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ଗାଧୁଆଘରେ ଗୋଡ ଖସିଯିବା କାରଣରୁ ସେ ପଡ଼ିଯାଇଥିଲେ ଓ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଫଳରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେ ୨୦୦୯ ଓ ୨୦୨୯ରେ ଘାଟଶିଳା ବିଧାନସଭାରୁ ନିର୍ବାଚିତ ହୋଇଥିଲେ । ମୃତ୍ୟୁବେଳକୁ ତାଙ୍କ ପାଖରେ ପତ୍ନୀ, ୩ ପୁଅ ଓ ଗୋଟିଏ ଝିଅ ଉପସ୍ଥିତ ଥିଲେ । ୧୯୮୦ରେ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ରୁ ସେ ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ ।

# ଜନ୍ମାଷ୍ଟମୀରେ ଅଘଟଣ: ଦହି ହାଣ୍ଡି ବାନ୍ଧିବା ବେଳେ ଖସିପଡ଼ି ଶ୍ରଦ୍ଧାଳୁ ମୃତ

ମୁମ୍ବଇ, ୧୬।୮ (ଏଜେନ୍ସି): ଜନ୍ମାଷ୍ଟମୀରେ ମୁମ୍ବଇର ମାନଖୁର୍ଦ୍ଦରେ ଶନିବାର ଅପରାହ୍ଣରେ ଦହି ହାଣ୍ଡି ବାନ୍ଧିବା ବେଳେ ତଳକୁ ଖସି ଜଣେ ୩୨ ବର୍ଷୀୟ 'ଗୋବିନ୍ଦା' ମୃତ୍ୟୁବରଣ କରିଛନ୍ତି । ଏହି ବ୍ୟକ୍ତି ଜଣକ ହେଉଛନ୍ତି ଜଗମୋହନ ଶିବକିରନ ଚୌଧୁରୀ । ମହାରାଷ୍ଟ୍ର ନଗରସ୍ଥିତ ନିଜ ଘର ପ୍ରଥମ ତାଲାର ଝରକାରୁ ସେ ରସି ସାହାଯ୍ୟରେ ଦହି ହାଣ୍ଡି ବାନ୍ଧିବାକୁ ପ୍ରୟାସ କରୁଥିବା ବେଳେ ତଳକୁ ଖସି ପଡ଼ିଥିଲେ । ହସ୍ପିଟାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

■ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ପ୍ରକାଶିତ

## ପାସ୍ ହାର ୫୬.୨୩ ପ୍ରତିଶତ

କଟକ, ୧୬।୮ (ସମିସ): ଚଳିତବର୍ଷର ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଉଭୟ ହାଇସ୍କୁଲ ସାର୍ଟିଫିକେଟ୍ ସପ୍ଲିମେଣ୍ଟାରୀ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାର ଫଳାଫଳ ବୋର୍ଡ ପକ୍ଷରୁ www.bseodisha.ac.in ୱେବସାଇଟ୍‌ରେ ଅପରାହ୍ଣ ୨ଟା ପରଠାରୁ ଉପଲବ୍ଧ ହୋଇଛି। ସପ୍ଲିମେଣ୍ଟାରୀ ପରୀକ୍ଷା ପାସ ହାର ଗତବର୍ଷ ତୁଳନାରେ ବୃଦ୍ଧି ପାଇଛି। ଗତବର୍ଷ ସପ୍ଲିମେଣ୍ଟାରୀ ପାସ ହାର ୫୨.୨୧ ପ୍ରତିଶତ ଥିବା ବେଳେ ଏଥର ଏହା ୫୬.୨୩ ପ୍ରତିଶତ ହୋଇଛି। ଅନ୍ୟପଟରେ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପାସ୍‌ହାର ଗତବର୍ଷ ୫୫ ପ୍ରତିଶତ ଥିବା ବେଳେ ଏଥର ବୃଦ୍ଧି ପାଇ ୫୫.୨୬ ପ୍ରତିଶତ ହୋଇଥିବା ବୋର୍ଡ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସଭାପତି ଶ୍ରୀକାନ୍ତ ତରାଇ।

ଚଳିତ ହାଇସ୍କୁଲ ସାର୍ଟିଫିକେଟ୍ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ସମୁଦାୟ ୩୪୫୭ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବା ବେଳେ ୪୭୪ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। ଏହି ପରୀକ୍ଷାରେ ମୋଟ ୧୯୪୪ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ଚଳିତବର୍ଷର ପାସ୍ ହାର ୫୬.୨୩ ପ୍ରତିଶତ ରହିଛି। ଏ-୨ରେ ୩ଜଣ, ବି-୧ରେ ୧୪ଜଣ, ବି-୨ରେ ୩୯ଜଣ, ସି'ରେ ୧୧୩ଜଣ, ଡିରେ ୨୭୬ଜଣ, ଇ ଗ୍ରେଡ୍‌ରେ ୫୨୩ଜଣ ଓ କମ୍ପାର୍ଟମେଣ୍ଟାଲରେ ୯୭୬ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ୧୦୩୮ଜଣ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛନ୍ତି।

ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୫ହଜାର ୯୭୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ପାସ୍‌ହାର ୫୫.୨୬ପ୍ରତିଶତ ରହିଛି। ଏ-୨ରେ ୧୩ଜଣ, ବି-୧ରେ ୨୩୨ଜଣ, ବି-୨ରେ ୭୨୩ଜଣ, ସି'ରେ ୧୭୩୮ଜଣ, ଡି' ଗ୍ରେଡ୍‌ରେ ୨୦୭୫ଜଣ ଓ ଇ-ଗ୍ରେଡ୍‌ରେ ୧୧୯୨ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେହିଭଳି ୪୧୪୦ଜଣ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ବେଳେ ୬୨୫ଜଣ ପରୀକ୍ଷା ଦେଇନଥିଲେ। ଏହି ପରୀକ୍ଷାରେ କପି କରି ୪୬ଜଣ ମାଲପ୍ରାକ୍ଟିସ ହୋଇଥିବା ଜଣାପଡ଼ିଛି। ଟାବୁଲେସନ୍ ରେଜିଷ୍ଟରଗୁଡ଼ିକ ବୋର୍ଡ ୱେବସାଇଟରୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକମାନେ ଡାଉନଲୋଡ କରି ପିଲାମାନଙ୍କୁ ପ୍ରଦାନ କରିପାରିବେ। ଗତ ଜୁଲାଇ ୧ରୁ ୧୦ତାରିଖ ପର୍ଯ୍ୟନ୍ତ ସପ୍ଲିମେଣ୍ଟାରୀ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

# ଆଗାମୀ ଦଶକ ଓଡ଼ିଶାର: ମୁଖ୍ୟମନ୍ତ୍ରୀ



- ୨୨,୮୯୬ ଖାଲି ପଦ ପୂରଣ ଅନୁମତି ଖୁବ୍‌ଶୀଘ୍ର
- ରାଜ୍ୟରେ ପ୍ରତିଷ୍ଠା ହେବ ଆଉ ୪ ମେଡିକାଲ କଲେଜ
- ବ୍ରହ୍ମପୁର ମେଡିକାଲ କଲେଜକୁ ଏମ୍ସ ପ୍ଲସ୍ କରାଯିବ
- ଇଞ୍ଚୁଡି, ବାହୁଦା, ସୁବର୍ଣ୍ଣରେଖା, ଅସ୍ତରଙ୍ଗରେ ବନ୍ଦର
- ୧୧ଟି ଜିଲ୍ଲାକୁ ଅତିରିକ୍ତ ୫ କେଜି ମାଗଣା ଚାଉଳ

ଭୁବନେଶ୍ୱର, ୧୬।୮ (ସମିସ): ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କ ନିକଟରେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ରୋଡ୍‌ମ୍ୟାପ୍ ରଖିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ମହିଳା, ଅନ୍ନଦାତା, ଗରିବ ଏବଂ ଯୁବ ବର୍ଗଙ୍କ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି। ଏହାର ରୂପାୟନ କରିବା ପାଇଁ ରାଜ୍ୟ ସରକାର ୪ଟି କ୍ଷେତ୍ର ଯଥା ଜୀବନଜୀବିକା, ଭିତ୍ତିଭୂମି, ସାମାଜିକ ବିକାଶ ଓ ସଶକ୍ତୀକରଣ ଏବଂ ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଉଛନ୍ତି। ଆଗାମୀ ୧୦ ବର୍ଷ ଓଡ଼ିଶାର ଦଶକ ହେବାକୁ ଯାଉଛି। ୨୦୩୬ରେ ସ୍ୱତନ୍ତ୍ର ରାଜ୍ୟ ପ୍ରତିଷ୍ଠାର ଶତବାର୍ଷିକୀ ପାଳନ ବେଳକୁ ଆମ ରାଜ୍ୟ ସମୃଦ୍ଧ ଓଡ଼ିଶାରେ ପରିଣତ ହେବା ସହ ଦେଶର ୫ଗୋଟି ସର୍ବଶ୍ରେଷ୍ଠ ରାଜ୍ୟ ଭିତରେ ସାମିଲ ହୋଇଥିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମୃଦ୍ଧ ଓଡ଼ିଶା ଗଠନ ଓଡ଼ିଶାବାସୀଙ୍କ ଏକ ସାମୂହିକ ଓ ସମାବେଶୀ ଯାତ୍ରା। ୨୦୩୬କୁ ଦୃଷ୍ଟିରେ ରଖି ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ ୩୬ଟି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଆମ ରାଜ୍ୟର ପ୍ରାୟ ୯୨ ପ୍ରତିଶତ ହେଉଛନ୍ତି, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ। ତେଣୁ କୃଷି ସହିତ ମତ୍ସ୍ୟ, ପ୍ରାଣୀପାଳନ, ଗୋ-ପାଳନ ପ୍ରତି ଦିଗକୁ ସରକାର ବିଶେଷ ଧ୍ୟାନ ଦେଉଛନ୍ତି। ଜୀବନଜୀବିକାର ଆଉ ଏକ ଦିଗ ହେଉଛି ଶିଳ୍ପାୟନ। ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ କାର୍ଯ୍ୟକ୍ରମ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଏକ ନୂଆ ଇତିହାସ ସୃଷ୍ଟି କରିଛି। ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଏବଂ ୧୩ଲକ୍ଷ ନିଯୁକ୍ତି ସୁଯୋଗ ସହିତ ଏହି କାର୍ଯ୍ୟ ପୂର୍ବର ସବୁ ରେକର୍ଡକୁ ଭାଙ୍ଗି ଦେଇଛି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ନୂଆ ସରକାର ଆସିବା ପରଠାରୁ ରାଜ୍ୟରେ ୨୮ ହଜାର ୩୯୨ଟି ପଦବୀ ପୂରଣ ହୋଇସାରିଛି। ଏହାସହ ୩୪ ହଜାର ୫୦୦ଟି ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ବିଭିନ୍ନ ଆୟୋଗ ପକ୍ଷରୁ ଜାରି ରହିଛି। ଆହୁରି ମଧ୍ୟ ୨୨,୮୯୬ଟି ଖାଲି ପଦବୀ ପୂରଣ ପାଇଁ ମଧ୍ୟ ଖୁବ୍‌ଶୀଘ୍ର ଅନୁମତି ପ୍ରଦାନ କରାଯିବ। ୨ ବର୍ଷରେ ୮୫ହଜାର ପଦ ପୂରଣ ହେବାକୁ ଯାଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ବିଭିନ୍ନ ଚିକିତ୍ସାଳୟର ଭିତ୍ତିଭୂମିଗୁଡ଼ିକର ଉନ୍ନତୀକରଣ କରାଯାଇ ସେଥିରେ ସମସ୍ତ ଆଧୁନିକ ଚିକିତ୍ସା ବ୍ୟବସ୍ଥା କରାଯାଉଛି। ଓଡ଼ିଶାରେ ବର୍ତ୍ତମାନ ୧୨ଟି ସରକାରୀ ମେଡିକାଲ କଲେଜ ଥିବା ବେଳେ ଢେଙ୍କାନାଳ, ଜଗତସିଂହପୁର, ଭଦ୍ରକ ଓ ନବରଙ୍ଗପୁରଠାରେ ସରକାରୀ ମେଡିକାଲ କଲେଜ ଖୋଲାଯିବ। ବ୍ରହ୍ମପୁର ମେଡିକାଲ କଲେଜର ଉନ୍ନତି କରାଯାଇ ତାକୁ ଏମ୍ସ ପ୍ଲସ କରାଯିବା ପ୍ରସ୍ତାବକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ। ରାଜ୍ୟର ତିନିଗୋଟି ବୃହତ୍ତମ ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀଙ୍କ ସହିତ ଆସୁଥିବା ପରିଜନଙ୍କ ପାଇଁ ରାଜ୍ୟ ସରକାର ସୁଲଭ ମୂଲ୍ୟରେ ରହଣି ବ୍ୟବସ୍ଥା କରିବାକୁ ଯାଉଛନ୍ତି। ଏଥିପାଇଁ ପ୍ରାୟ ୨ହଜାର ୨୫୦ ଶଯ୍ୟାର ସୁବିଧା କରାଯାଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଗରିବ ଲୋକଙ୍କ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୮ଟି କେବିକେ ଜିଲ୍ଲା ସହ ବୌଦ୍ଧ, ଗଜପତି ଓ କନ୍ଧମାଳ-ସମୁଦାୟ ୧୧ଟି ଜିଲ୍ଲାର ପ୍ରାୟ ୨୭ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ପରିବାରଙ୍କୁ ତିନି ମାସ ପାଇଁ ମାସିକ ୫କେଜି ଅତିରିକ୍ତ ଚାଉଳ, ମାଗଣାରେ ଯୋଗାଇଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ସମୁଦାୟ ୪୧,୦୮୨ ମେଟ୍ରିକ୍ ଟନ୍ ଅତିରିକ୍ତ ଚାଉଳ ବଣ୍ଟନ କରାଯିବ। ଏ ବାବଦରେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୮୦ କୋଟି ଟଙ୍କା ବହନ କରିବେ ବୋଲି ଶ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବିମାନବନ୍ଦର ଭିତ୍ତିଭୂମିରେ ମଧ୍ୟ ଉନ୍ନତୀକରଣ କରାଯାଇ ଦେଶବିଦେଶର ନୂଆ ନୂଆ ଗନ୍ତବ୍ୟସ୍ଥଳକୁ ବିମାନ ଚଳାଚଳର ସୁବିଧା କରାଯାଇଛି। ରାଜ୍ୟର ବନ୍ଦର ଭିତ୍ତିଭୂମିର ବିକାଶ ପାଇଁ ମଧ୍ୟ ଉଦ୍ୟମ ଜାରି ରହିଛି। ରାଜ୍ୟରେ ତିନୋଟି ପ୍ରମୁଖ ବନ୍ଦର ଥିବା ବେଳେ ଆମେ ଇଞ୍ଚୁଡି, ବାହୁଦା, ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗଠାରେ ଆଉ ୪ଟି ନୂତନ ବନ୍ଦର ନିର୍ମାଣ କରିବାର ଲକ୍ଷ୍ୟ ରଖିଛୁ।

## ଶ୍ରୀମନ୍ଦିର ଉପରକୁ ଚଢ଼ିବା ବେଳେ ଧରାପଡ଼ିଲେ ଭକ୍ତ

ପୁରୀ, ୧୬।୮ (ସମିସ): ପୁଣି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ। ହଜାର ହଜାର ଭକ୍ତଙ୍କ ଭିଡ଼ ମଧ୍ୟରେ ପୁଲିସ କର୍ମୀ ଓ ସେବାୟତଙ୍କ ଆଖିରେ ଧୂଳି ଦେଇ ଶ୍ରୀମନ୍ଦିର ଉପରକୁ ଚଢୁଥିଲେ ଜଣେ ଭକ୍ତ। ବେହେରଣ ଦ୍ୱାର ଦେଇ ଉପରକୁ ଉଠୁଥିବାବେଳେ ଜେଟିପି ତାଙ୍କୁ ଦେଖିଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଭାବେ ତଳକୁ ଅଣାଯାଇଥିଲା। ପରେ ତାଙ୍କୁ ସିଂହଦ୍ୱାର ଥାନା ନିଆଯାଇଥିଲା। ସେଠାରେ ପଚରାଉଚରା କରିଥିଲା ପୁଲିସ। ସମ୍ପୃକ୍ତ ବ୍ୟକ୍ତି ଝାଡ଼ଖଣ୍ଡ ରାଞ୍ଚିର ପଞ୍ଚମ ମହାତୋ ବୋଲି ଜଣାପଡ଼ିଛି। ତେବେ ସେ କାହିଁକି ଚଢୁଥିଲେ, ସେମିତି କିଛି ସ୍ପଷ୍ଟ କାରଣ ଜଣାପଡ଼ିନାହିଁ। ପୁଲିସ ପଚରାଉଚରା କରିବା ପରେ ତାଙ୍କୁ ଛାଡ଼ିଦେଇଛି।



ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ

ଶନିବାର ଥିଲା ନନ୍ଦୋତ୍ସବ। ଏଥିପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ପୂର୍ବାହ୍ଣରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦର୍ଶନ କରୁଥିଲେ। ଏହି ସମୟରେ ସମ୍ପୃକ୍ତ ବ୍ୟକ୍ତି ବେହେରଣ ଦ୍ୱାର ପଟରୁ ପ୍ରାୟ ୫ରୁ ୭ ଫୁଟ୍ ଚଢ଼ିଯାଇଥିବା ବେଳେ ଜେଟିପି (ଜଗନ୍ନାଥ ଟେମ୍ପଲ ପୁଲିସ) ହାତରେ ଧରାପଡ଼ିଲେ। ଏହାପରେ ତାଙ୍କୁ ସିଂହଦ୍ୱାର ଥାନାରେ ପଚରାଉଚରା କରିଥିଲା। କେଉଁ ପରିସ୍ଥିତିରେ ଏବଂ କାହିଁକି ମନ୍ଦିର ଉପରକୁ ଚଢୁଥିଲେ ବୋଲି ପୁଲିସ ତାଙ୍କୁ ପଚାରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ। ତେବେ ସେ ଏକୁଟିଆ ଦର୍ଶନ ପାଇଁ ଆସିଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିଜଣଙ୍କ ମନ୍ଦିର ଉପରକୁ ଚଢୁଥିବା ବେଳେ ତାଙ୍କୁ ସୁରକ୍ଷା କର୍ମୀ ଦେଖି ତଳକୁ ଆଣିଥିଲେ। ସେମିତି କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ତାଙ୍କର ନ ଥିଲା। ଜେରା ପରେ ତାଙ୍କୁ ଛାଡ଼ି ଦିଆଯାଇଛି ବୋଲି ସିଟି ଡିଏସ୍‌ପି ସୂଚନା ଦେଇଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ଭିତରେ ଓ ବାହାରେ ସୁରକ୍ଷା ବ୍ୟବସ୍ଥା ପାଇଁ ମାଳମାଳ ସୁରକ୍ଷାକର୍ମୀଙ୍କ ସହ ସିସିଟିଭି ମଧ୍ୟ ଲାଗିଛି। ଏହା ସତ୍ତ୍ୱେ ଜଣେ ବ୍ୟକ୍ତି କେମିତି ଓ କେଉଁ ପରିସ୍ଥିତିରେ ମନ୍ଦିର ଉପରକୁ ଚଢ଼ିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ସୁରକ୍ଷା ବ୍ୟବସ୍ଥାରେ ବଡ଼ ତ୍ରୁଟି। ଯଦି ଉକ୍ତ ବ୍ୟକ୍ତିଙ୍କର କିଛି ଅସୁବିଧା ହୋଇଥାନ୍ତା, କିଏ ଦାୟୀ ରହିଥାନ୍ତା ବୋଲି ପ୍ରଶ୍ନ ଉଠୁଛି। ଏହା ଅତି ଅଭାବନୀୟ ଘଟଣା। ପୁଲିସ ଓ ପ୍ରଶାସନ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଆହୁରି ସମ୍ବେଦନଶୀଳ ହେବା ଉଚିତ ବୋଲି କହିଛନ୍ତି ଶ୍ରଦ୍ଧାଳୁ। ପୂର୍ବରୁ ମଧ୍ୟ ଏମିତି ଏକାଧିକ ଘଟଣା ନଜିର ରହିଛି। ଗତବର୍ଷ ସେପ୍ଟେମ୍ବର ୧୧ ତାରିଖରେ ଗଞ୍ଜାମ ଜିଲ୍ଲା ଛତ୍ରପୁରର ବଳରାମ ମହାରଣା ନାମକ ଜଣେ ବ୍ୟକ୍ତି ଶ୍ରୀମନ୍ଦିର ଦଧିନଉତିକୁ ଚଢ଼ିଯାଇଥିଲେ। ସେ ଜଣେ ମାନସିକ ବିକାରଗ୍ରସ୍ତ ବୋଲି ପୁଲିସ କହିଥିଲା। ସେହିପରି ୨୦୨୨ ଏପ୍ରିଲ ୧ ତାରିଖରେ ଶ୍ରୀମନ୍ଦିରରେ ଘଟିଥିଲା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ସିଂହଦ୍ୱାର ଗୁମୁଟ ଉପରୁ ତଳକୁ ଡେଇଁ ଜୀବନ ହାରିଥିଲେ ନିମାପଡ଼ା ଗଡ଼ଇଟାପୋଖରୀର ବଳରାମ ରାଉତ ନାମକ ଜଣେ କିନ୍ନର। ୨୦୧୯ ଏପ୍ରିଲ ୨୦ତାରିଖରେ ନୀଳଚକ୍ରରେ ଚଢ଼ି ଗାମୁଛା ବାନ୍ଧିଥିଲେ ଜଣେ ବାଳକ। ଏପରିକି ସେ ମହାପ୍ରଭୁଙ୍କ ବାନା ମଧ୍ୟ ଖୋଲି ନେଇ ଆସିଥିଲେ।

## ସାତକୋଶିଆରେ ଆଉ ଏକ ହାତୀର ଶବ ଠାବ

ଅନୁଗୋଳ,୧୬।୮ (ସମିସ): ସାତକୋଶିଆ ଅଭୟାରଣ୍ୟର ବାଘମୁଣ୍ଡା ସେକ୍ସନ ଅଞ୍ଚଳରେ ଆଉ ଏକ ହାତୀର ଗଳିତ ଶବ ଠାବ ହୋଇଛି। କିଛି ଦିନ ପୂର୍ବରୁ ୪୦/୫୦ବର୍ଷ ବୟସ୍କ ଏହି ହାତୀର ମୃତ୍ୟୁ ହୋଇଥିଲେ ମଧ୍ୟ ବନ ବିଭାଗ ଡେରିରେ ଏହି ଖବର ପାଇଥିଲା। ଘଟଣାସ୍ଥଳକୁ ସାତକୋଶିଆ ବନଖଣ୍ଡର ନବନିଯୁକ୍ତ ଅଧିକାରୀ ଗଦାଧର ପାତ୍ର ଯାଇଥିବା ତଦନ୍ତ କରିଛନ୍ତି।

ଚିନ୍ତାର ବିଷୟ ହେଲା, ସାତକୋଶିଆ ଅଭୟାରଣ୍ୟ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗତ କିଛି ବର୍ଷ ମଧ୍ୟରେ ହାତୀ ମୃତ୍ୟୁ ଘଟଣା ଆଶାତୀତ ଭାବେ ବଢ଼ି ଚାଲିଛି। ଏପରି ଜାରି ରହିଲେ ସାତକୋଶିଆ ଖୁବଶୀଘ୍ର ହାତୀଶୂନ୍ୟ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ବନ ବିଭାଗ ଏଠି ସମ୍ପୂର୍ଣ୍ଣ ରୂପେ ବିଫଳ ବୋଲି ବିଭିନ୍ନ ସ୍ତରରେ ଚର୍ଚ୍ଚା ହେଉଛି। ସାତକୋଶିଆ ବନବିଭାଗ ନିଜ କାର୍ଯ୍ୟଶୈଳୀର ଆତ୍ମସମୀକ୍ଷା କରିବାର ସମୟ ଆସିଛି। ଏଠାରୁ ପୂର୍ବତନ ବିବାଦୀୟ ବନଖଣ୍ଡ ଅଧିକାରୀ ବଦଳି ହୋଇ ଗଲା ପରେ, ନୂତନ ଭାବେ ଡିଏଫ୍‌ଓ ଭାବେ ଗଦାଧର ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ସାତକୋଶିଆ ଅଭୟାରଣ୍ୟ ବନ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ବହୁମାତ୍ରାରେ ଅତ୍ୟାଧୁନିକ ଗାଡ଼ି ସବୁ ରହିଛି। ସୁରକ୍ଷା ପାଇଁ ଅବସରପ୍ରାପ୍ତ ସୈନିକ ମଧ୍ୟ ନିଯୁକ୍ତ ହୋଇଛନ୍ତି। ବିଭାଗରେ ଅନ୍ୟ କର୍ମଚାରୀ ମଧ୍ୟ ଅଛନ୍ତି। ତେବେ ଏତେ ସବୁ ସତ୍ତ୍ୱେ କାହିଁକି ବନବିଭାଗ ବନ୍ୟପ୍ରାଣୀଙ୍କ ଜୀବନରକ୍ଷାରେ ବିଫଳ, ତାହା ସମସ୍ତଙ୍କୁ ଅଶ୍ଚର୍ଯ୍ୟାନ୍ୱିତ କରିଛି।

୧୨ ଥର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ ମଧ୍ୟ ଫଳ ଶୂନ

## ସରକାର ଶିକ୍ଷକଙ୍କୁ ପ୍ରତାରଣା କରନ୍ତୁ ନାହିଁ: ଭକ୍ତ



ଭୁବନେଶ୍ୱର, ୧୬।୮ (ସମିସ): ବିଜେପି ସରକାର ଗଠନ କରିବାର ୧୪ ମାସ ମଧ୍ୟରେ ନାରୀ ନିର୍ଯାତନା, ଅପରାଧ, ଲୋକଙ୍କ ଦୁର୍ଦ୍ଦଶା, ମିଥ୍ୟା ପ୍ରତିଶ୍ରୁତି ଆଦି ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଦେଇଛି। ବର୍ତ୍ତମାନ ମୋହନ ସରକାରଙ୍କ ଦ୍ୱାରା ପ୍ରତାରିତ ଶିକ୍ଷକ ରାଜରାସ୍ତାରେ ଅଛନ୍ତି। ଆଜି ଦୁଇଗୋଟି ଭିନ୍ନ ଅନୁଷ୍ଠାନ ତାଙ୍କ ଦାବି ନେଇ ସଚିବାଳୟ ସମ୍ମୁଖ ମହାତ୍ମା ଗାନ୍ଧୀ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରତାରିତ ଶିକ୍ଷକ ଓ ଅଧ୍ୟାପକଙ୍କ ଦାବିମାନ ଅଗ୍ରାଧିକାର ଭିତ୍ତିରେ ପୂରଣ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଶ୍ରୀ ଦାସ କହିଛନ୍ତି ଯେ ସରକାର କର୍ପୋରେଟ୍ ହାଉସ ଦ୍ୱାରା ପରିଚାଳିତ ସ୍କୁଲ ଓ ଶିକ୍ଷାନୁଷ୍ଠାନମାନଙ୍କୁ ଅଗ୍ରାଧିକାର ଦେଉଥିବା ବେଳେ ନିଜ ଶିକ୍ଷାନୁଷ୍ଠାନମାନଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି। ଶିକ୍ଷକଙ୍କୁ ପେନସନ, ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି କରିବା ସହ ୨୦୦୪ ରୁ ୨୦୨୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘ ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଏବଂ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ୧ ଜୁନ୍ ୨୦୦୮ ରୁ ୧ ଜୁନ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ରାଜ୍ୟ ସରକାର ଅନୁଦାନ ପରିସରଭୁକ୍ତ କରନ୍ତୁ ବୋଲି ଏକମାତ୍ର ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୋହନ ସରକାର ଆସିବା ଦିନଠୁ ଏମାନେ ୧୨ଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟକ୍ଷ ସାକ୍ଷାତ କରି ଦାବି ଜଣାଇଥିଲେ ସୁଦ୍ଧା ସରକାର କିଛି ପଦକ୍ଷେପ ନେଇ ନାହାନ୍ତି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ମହାସଂଘ ଏବଂ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘର ସମସ୍ତ ଶିକ୍ଷକ ଏବଂ କର୍ମଚାରୀଙ୍କ ପ୍ରତି ସରକାରଙ୍କ ପ୍ରତାଡ଼ନାକୁ ନିନ୍ଦା କରିବା ସହ ଅତିଶୀଘ୍ର ସେମାନଙ୍କ ଦାବି ଗ୍ରହଣ କରି ସରକାର ନ୍ୟାୟ ପ୍ରଦାନ କରନ୍ତୁ ଶ୍ରୀ ଦାସ ଦାବି କରିଛନ୍ତି।

## ଦୁଇ ପୁଲିସ ଇନ୍ସପେକ୍ଟର ନିଲମ୍ବିତ

ଭୁବନେଶ୍ୱର, ୧୬।୮ (ସମିସ): କାର୍ଯ୍ୟରେ ଅବହେଳା ଅଭିଯୋଗରେ ୨ଜଣ ଇନ୍ସପେକ୍ଟରଙ୍କୁ ପୁଲିସ ଡିଜି ନିଲମ୍ବିତ କରିଛନ୍ତି। ଗତକାଲି ପୁରୀଜିଲ୍ଲା ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଆଜି ଛତ୍ରପୁର ଥାନା ଅଧିକାରୀ ଦେବାଶିଷ ମହାନ୍ତିଙ୍କୁ ନିଲମ୍ବିତ କରାଯାଇଛି। ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂ କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନାରେ ଥିଲା ବେଳେ ଗଞ୍ଜେଇ ଚୋରା ଚାଲାଣରେ ଅଭିଯୁକ୍ତଙ୍କ ସହ ସମ୍ପୃକ୍ତ ଥିବାର ବିଭାଗ ପାଖରେ ଅଭିଯୋଗ ପହଞ୍ଚିଥିଲା। ଜୟପୁର ଟାଉନ୍ ଥାନା ଏକ ମାମଲାରେ ପଚରାଉଚରା ବେଳେ ସେ ଫେରାର୍ ହୋଇଯାଇଥିଲେ। ପରେ ତାଙ୍କ ଉପରେ ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେହିପରି ଛତ୍ରପୁର ଥାନା ଅଧିକାରୀ ଦେବାଶିଷ ମହାନ୍ତି ଥାନାକୁ ଯାଉଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ଦେଖାଉ ନ ଥିବା ଏବଂ ବେଆଇନ କାର୍ଯ୍ୟରେ ଲିପ୍ତ ରହି ନିଜର ଫାଇଦା ଉଠାଉଥିବା ଡିଜିପିଙ୍କ ନିକଟରେ ଅଭିଯୋଗ ପହଞ୍ଚିଥିଲା।

କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଗଞ୍ଜାମ, ଖୋର୍ଦ୍ଧା ଜିଲ୍ଲାରେ ବଢୁଛି ଦୁର୍ଘଟଣା

## ନିଯୁକ୍ତ ହେବେ ୫୦୦ ଟ୍ରାଫିକ ୱାର୍ଡେନ

କଟକ, ୧୬।୮ (ସମିସ): ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଗଞ୍ଜାମ ଏବଂ ଖୋର୍ଦ୍ଧା ଆଦି ଜିଲ୍ଲାରେ ଦୁର୍ଘଟଣାର ହାର ବୃଦ୍ଧି ପାଉଛି। ବିଶେଷକରି ଦୁଇଚକିଆ ଯାନ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ୫ଟି ଜିଲ୍ଲାରେ ଖୁବ୍‌ଶୀଘ୍ର ୫୦୦ ଟ୍ରାଫିକ ୱାର୍ଡେନ ମୁତୟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆଜି ଅପରାହ୍ଣରେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ଦୁର୍ଘଟଣା କମାଇବା, ଟ୍ରାଫିକ୍ ନିୟମର କଡ଼ା କାର୍ଯ୍ୟାନ୍ୱୟନ, ଜାତୀୟ ରାଜପଥ ପାଟ୍ରୋଲିଂ, ସିସିଟିଭି ନିରୀକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଏବଂ ସ୍କୁଲ-କଲେଜସ୍ତରରେ ସଡ଼କ ସୁରକ୍ଷା ଶିକ୍ଷା ଆଦି ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଜିଲ୍ଲା ଏସ୍‌ପିମାନେ ଉପରୋକ୍ତ ୱାର୍ଡେନମାନଙ୍କୁ ନିଯୁକ୍ତି ପ୍ରଦାନ କରିବେ। ସେମାନଙ୍କୁ ତାଲିମ ପ୍ରଦାନ କରାଯାଇ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ଦିଆଯିବ ବୋଲି ଡିଜିପି ସୂଚନା ଦେଇଥିଲେ। ଏହାସହ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ମଧ୍ୟ ସେ ଜିଲ୍ଲାର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଉପକୂଳ ଏବଂ ରେଳବାଇ ସୁରକ୍ଷା) ଅରୁଣ ବୋଥ୍ରା, ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ସମେତ ରାଜ୍ୟ ପରିବହନ ପ୍ରାଧିକରଣର ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଆଭାସୀ ମାଧ୍ୟମରେ ଆଇଜି (କେନ୍ଦ୍ରାଞ୍ଚଳ) ଏସ୍. ପ୍ରବୀଣ କୁମାର, ଆଇଜି (ଦକ୍ଷିଣାଞ୍ଚଳ) ନୀତିଶେଖର, ଡିଆଇଜି (ପୂର୍ବାଞ୍ଚଳ) ଡା. ସତ୍ୟଜିତ ନାୟକ, ଡିଆଇଜି (ପଶ୍ଚିମାଞ୍ଚଳ) ବ୍ରିଜେଶ କୁମାର ରାୟ ଏବଂ ସମସ୍ତ ଜିଲ୍ଲାର ଏସ୍‌ପିମାନେ ଉପସ୍ଥିତ ଥିଲେ।

ରାଜ୍ୟରେ ସ୍ୱାସ୍ଥ୍ୟସେବା ଅବ୍ୟବସ୍ଥା ନେଇ ବିରୋଧୀଙ୍କ କଟାକ୍ଷ

# 'ଆୟୁଷ୍ମାନ' ଏବେ ଶ୍ମଶାନ ଯୋଜନାରେ ପରିଣତ

ଭୁବନେଶ୍ୱର,୧୬।୮ (ସମିସ): ଆୟୁଷ୍ମାନ ଭାରତ ଓ ସ୍ୱାସ୍ଥ୍ୟବସ୍ଥାର ଦୁରାବସ୍ଥା ସମ୍ପର୍କିତ ଏକ ରାଜ୍ୟସ୍ତରୀୟ ଗୋଲ ଟେବୁଲ ବୈଠକରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ପ୍ରବଳ ସମାଲୋଚନା କରିଛନ୍ତି ବିରୋଧୀ। ଆୟୁଷ୍ମାନ ଯୋଜନା ବର୍ତ୍ତମାନ ଶ୍ମଶାନ ଯୋଜନାରେ ପରିଣତ ହୋଇଛି ବିରୋଧୀ କଟାକ୍ଷ କରିଛନ୍ତି। ସେହିପରି ଆୟୁଷ୍ମାନ ଭାରତ ତୁଳନାରେ ବିଜେଡି ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଲ ଥିଲା ବୋଲି ମତ ଦେଇଛନ୍ତି କଂଗ୍ରେସର ନେତା ଶ୍ରୀକାନ୍ତ ଜେନା।

ଜନସ୍ୱାସ୍ଥ୍ୟ ଅଭିଯାନ (ଓଡ଼ିଶା), ଆଗାମୀ ଓଡ଼ିଶା ଓ ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ ପକ୍ଷରୁ ଭୁବନେଶ୍ୱର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଏହି ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବରିଷ୍ଠ ନେତା ଶ୍ରୀକାନ୍ତ ଜେନା କହିଛନ୍ତି ଯେ ଏହି ଆଲୋଚନାରେ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ଉପସ୍ଥିତ ରହିବା ଆବଶ୍ୟକ ଥିଲା। ସ୍ୱାସ୍ଥ୍ୟ ପ୍ରସଙ୍ଗ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ। ତେଣୁ ସାମୂହିକ ଭାବେ ବସି ଏହି ପ୍ରସଙ୍ଗ ଆଲୋଚନା କରିବା କଥା। ଲୋକେ କହୁଛନ୍ତି ପୂର୍ବ ସରକାର ସମୟରେ ବିଏସକେୱାଇ ଆୟୁଷ୍ମାନ ତୁଳନାରେ ଭଲ ଯୋଜନା ଥିଲା। ଯଦି ନାଁ ରେ ସମସ୍ୟା ଥିଲେ ନାଁ କୁ ବଦଳାଇ ଦିଆଯାଇ ପାରିଥାନ୍ତା। ମାତ୍ର ଯୋଜନାକୁ ବଦଳାଇବାର ଆବଶ୍ୟକତା କଣ ଥିଲା ବୋଲି ଶ୍ରୀ ଜେନା ପ୍ରଶ୍ନ କରିଛନ୍ତି। ଲୋକଙ୍କ ସ୍ୱାର୍ଥ ପାଇଁ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମି ସଜାଡ଼ିବାକୁ ଶ୍ରୀ ଜେନା ଆହ୍ୱାନ ଦେଇଛନ୍ତି।



ଆୟୁଷ୍ମାନଠାରୁ ବିଏସକେୱାଇ ଭଲ ଥିଲା : ଶ୍ରୀକାନ୍ତ

ରାଜନୀତିକୁ ପଛ କରି ସରକାର ହୋସକୁ ଆସନ୍ତୁ: ଅରୁଣ



କାର୍ଯ୍ୟକ୍ରମରେ ଭାଗ ନେବା ଅବସରରେ ବିଜେଡି ବିଧାୟକ ଡ. ସାହୁ କହିଛନ୍ତି ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ଲୋକଙ୍କ ଭରସା ଥିଲା। ଏହି ଯୋଜନାରେ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରୁଥଲେ। କିନ୍ତୁ ଆୟୁଷ୍ମାନ ଭାରତ ଯୋଜନା ଏକ ବୀମା ଉପରେ ପର୍ଯ୍ୟବେସିତ ଯୋଜନା। ରୋଗୀ ନିଜର ଚିକିତ୍ସା କରିବା ପରେ ଏଥିରେ ଅର୍ଥ ମିଳିବ। ସେହିପରି ଲୋକେ ଏହି ଯୋଜନା ଅଧିନରେ ସ୍ୱାସ୍ଥ୍ୟସେବା ପାଇବାରେ ବହୁ ଜଟିଳତା ରହୁଛି। ଏଥିରେ ଆଠ ପ୍ରକାର ଓଟିପି ଆସୁଛି। ଡାକ୍ତରଙ୍କ ଫଟୋ ଅପଲୋଡ଼ ହେଉଛି। ଡାକ୍ତର ଓଟି ଭିତରେ ଥିଲେ ଗୁରୁତର ରୋଗୀ କଣ ଅପେକ୍ଷା କରି ବସିବ କି ବୋଲି ଡ. ସାହୁ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ୨୦୧୭ ମସିହାରେ ଯେତେବେଳେ ବିଏସକେୱାଇ ଆରମ୍ଭ ହେଲା ସେତେବେଳେ ପ୍ରାରମ୍ଭିକ ଭାବେ ୩୦୦-୪୦୦ କୋଟି ଖର୍ଚ୍ଚ ହେଉଥିଲା। ତେବେ ୨୦୨୩-୨୪ ବେଳକୁ ଏହା ୪ ହଜାର କୋଟିରେ ପହଞ୍ଚିଥିଲା। ମାତ୍ର ଆୟୁଷ୍ମାନ ଭାରତରେ ସାରା ଦେଶରେ ମାତ୍ର ୫ ହଜାରରୁ ୬ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି। ତାହେଲେ ଆୟୁଷ୍ମାନ ଭାରତରେ ଓଡ଼ିଶାର ଭାଗ କେତେ ଓ ରୋଗୀ ଏଥିରୁ କ'ଣ ପାଇବେ? ତେଣୁ ସରକାର ଭୋଟ ରାଜନୀତି ନ କରି ଟିକେ ହୋସକୁ ଆସନ୍ତୁ। ଲୋକଙ୍କ ପାଇଁ ଚିନ୍ତା କରନ୍ତୁ। ସିଧାସଳଖ ଓଡ଼ିଶାବାସୀ ଯେଉଁ ସୁବିଧା ପାଇଥିଲେ ତାକୁ ସୁନିଶ୍ଚିତ କରନ୍ତୁ ବୋଲି ସେ କହିଛନ୍ତି।

ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା ଜନସ୍ୱାସ୍ଥ୍ୟ ଅଭିଯାନର ରାଜ୍ୟ ଆବାହକ ଗୌରାଙ୍ଗ ମହାପାତ୍ର ଆୟୁଷ୍ମାନ ଭାରତ ଯୋଜନାର ଦୁରବସ୍ଥା ସମ୍ପର୍କରେ ଏକ ବିଷଦ ରିପୋର୍ଟ ବୈଠକରେ ଉପସ୍ଥାପନ କରିଥିଲେ। ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ଓଡିଶା ଘରୋଇ ମେଡିକାଲ ଆସୋସିଏସନର ସଭାପତି ଇନ୍ଦ୍ରମଣି ଜେନା, ସମ୍ପାଦକ ସଂଗ୍ରାମ ମହାପାତ୍ର, ପ୍ରଫେସର ବିଜୟ ବହିଦାର, ପ୍ରଫେସର ଅମୀୟ ମହାନ୍ତି, ଶ୍ରମିକ ନେତା ମହେନ୍ଦ୍ର ପରିଡା, ଲୋହିଆ ଏକାଡେମୀ ସମ୍ପାଦକ ଦେବପ୍ରସାଦ ରାୟ ପ୍ରମୁଖ ଯୋଗ ଦେଇଥିଲେ।

## ସାପ କାମୁଡ଼ାରେ ସ୍ୱାମୀଙ୍କ ମୃତ୍ୟୁ

ନିଆଳି, ୧୬।୮ (ସମିସ): ସାପ କାମୁଡ଼ାରେ ସ୍ୱାମୀଙ୍କ ମୃତ୍ୟୁ ହେବା ପରେ ଖବର ପାଇ ସ୍ତ୍ରୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ନିଆଳି ବ୍ଲକ୍ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳ ଏକବେରୁଆଁରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ସୁରେନ୍ଦ୍ର ସ୍ୱାଇଁ (୭୦)। ଗୁରୁତର ସ୍ତ୍ରୀ ଲତିକା ଏବେ ହସ୍ପିଟାଲ ଶଯ୍ୟାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

ଖବର ଶୁଣି ବିଷ ପିଇଦେଲେ ସ୍ତ୍ରୀ





ଶନିବାର ଭୋର୍‌ରେ ସୁରେନ୍ଦ୍ର ଘର ପାଖ ପରିବା କିଆରିରେ ବାଇଗଣ ତୋଳୁଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜଗତସିଂହପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଶୁଣିବା ପରେ ସ୍ତ୍ରୀ ଲତିକା ମାନସିକ ଭାରସାମ୍ୟ ହରାଇ ବସିଥିଲେ। ନିଜକୁ ଏକ ଘର ଭିତରେ ବନ୍ଦ କରି କୀଟନାଶକ ପିଇ ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଇଥିଲେ। ତାଙ୍କ ଅବସ୍ଥା ଗୁରୁତର ରହିଛି।

ସୁରେନ୍ଦ୍ରଙ୍କ ତିନିଝିଅ ବିବାହିତ। ଏକମାତ୍ର ୨୫ ବର୍ଷର ପୁଅ ଦିବ୍ୟାଙ୍ଗ। ଏପରି ଖବର ପାଇ ୩ଝିଅ ପହଞ୍ଚିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଘଟଣାସ୍ଥଳରେ ସଦର ଏସ୍‌ଡିପିଓ କିରଣ ହେମ୍ବ୍ରମ ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରାଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ୭୯ତମ ସ୍ୱାଧୀନତା ଦିବସ

# ବିଭିନ୍ନ ସ୍ଥାନରେ ଉଡ଼ିଲା ତ୍ରିରଙ୍ଗା ପତାକା

### ନିମାପଡ଼ା



ନିମାପଡ଼ା,୧୬।୮ (ସମିସ): ନିମାପଡ଼ା ଓ ଚାରିଛକ ଅଞ୍ଚଳର ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ନିମାପଡ଼ା ବାରବାଟୀ ପଡ଼ିଆରେ ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ି, ଆଇଆଇସି ବାମଦେବ ସ୍ୱାଇଁ, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ଶିକ୍ଷାବିତ୍ ନିର୍ମଳ କୁମାର ମିଶ୍ର, ନିମାପଡ଼ା ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ରଣଜିତ୍ କେଶରୀ ନାୟକଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ଅଧିକାରୀ, କର୍ମଚାରୀ, ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଏନ୍‌ସିସି ଛାତ୍ରଛାତୀମାନେ ଯୋଗଦେଇଥିଲେ। ନିମାପଡ଼ା ପ୍ରେସ୍ କ୍ଲବ୍ ତରଫରୁ ସଭାପତି ଅକ୍ଷୟ କୁମାର ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ରମାକାନ୍ତ ବେହେରା, ସଂଗଠନ ସମ୍ପାଦକ ସୁଦର୍ଶନ ବେହେରା, ସହସମ୍ପାଦକ ଅଶୋକ ବେହେରା, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବେହେରା, ଉପଦେଷ୍ଟା ବିଚିତ୍ରାନନ୍ଦ ସାହୁ, ଶରତ ସେନାପତି, ସାନସ ଦାସଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ନିମାପଡ଼ା ବିଜେପି କାର୍ଯ୍ୟାଳୟରେ ବିଜେପିନେତା ଶ୍ୟାମ ସୁନ୍ଦର ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ, ବିଜେଡି କାର୍ଯ୍ୟାଳୟରେ ଦିଲ୍ଲୀପ କୁମାର ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଅଧ୍ୟକ୍ଷ ଏମ୍‌ଏମ୍ ହକ୍, ଓଡ଼ିଶା ବିଗ୍ରେଡ ସ୍କୁଲ୍‌ର ସମ୍ପାଦକ ବିରଞ୍ଚନ ମଲ୍ଲିକ ଉତ୍ତୋଳନ କରିଥିବାବେଳେ ମୁଖ୍ୟ ଅତିଥିଭାବେ ନିମାପଡ଼ା ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଧୀନତା ଦିବସ ସମ୍ପର୍କରେ ବୁଝାଇଥିଲେ।

### ନୟାହାଟ



ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ନୟାହାଟଠାରେ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମଞ୍ଚର ବରିଷ୍ଠ ସଦସ୍ୟ ହରିହର ସ୍ୱାଇଁ ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ଶିକ୍ଷାବିତ୍ ମଧୁସୂଦନ ରାୟ, ସଭାପତି ଡ. କୃଷ୍ଣ ଚନ୍ଦ୍ର ମିଶ୍ର, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ସ୍ୱାଇଁ, ଉପସଭାପତି ସୁରେନ୍ଦ୍ର ମୋହନ ବିଟି, ଯୁଗ୍ମ ସମ୍ପାଦକ କୃଷ୍ଣ ଚନ୍ଦ୍ର ବାରିକ, ସର୍ବଶ୍ରୀ ଭ୍ରମର ରାଉତ, କରୁଣା ପାତ୍ର, ଶେଖ୍ ଜବାର ଖାଁ, ମହମ୍ମଦ ତୟବ, ପ୍ରଭାତ ମହାପାତ୍ର, ପବନ ପାତ୍ର, ଲକ୍ଷ୍ମୀ ବିଶ୍ୱାଳ, ମୁକୁନ୍ଦ ସାହୁ, ବିଦ୍ୟାଧର ସାହୁ, ଶାନ୍ତନୁ ମିଶ୍ର, ମିର୍ଜା ଆଲାମ ବେଗ୍, କୃଷ୍ଣ ସ୍ୱାଇଁ, ଜନାର୍ଦ୍ଦନ ସାହୁ, କ୍ଷେତ୍ର ମୋହନ ସାହୁ, ପ୍ରକାଶ ସାହୁ ଆଦି ଉପସ୍ଥିତ ଥିଲେ।

### ଚାରିଛକ

ଚାରିଛକ ଅଞ୍ଚଳର ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଚାରିଛକ ମେଡିକାଲ ଛକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କର ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ମୁଖ୍ୟ ଅତିଥିଭାବେ ଥାନା ଅଧିକାରୀ ମମତା ବିଶ୍ୱାଳ, ସାଂସଦଙ୍କ ନିମାପଡ଼ା ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ଯୋଗଦେଇ ସ୍ୱାଧୀନତା ଦିବସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କ୍ଲବ୍‌ର ଉପଦେଷ୍ଟା ପ୍ରଫେସର ଗୋପୀନାଥ କର, ଡ. ସନ୍ତୋଷ କୁମାର ମିତ୍ର, ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ମୂରଲୀଧର ଭାରତୀ, କାହ୍ନୁ ଚରଣ ବେହେରା, ବନ ବିହାରୀ ଦାଶ, ଅଧୀନ ପାତ୍ର, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ସମ୍ପାଦକ ଡ. କେଦାରନାଥ ସାହୁଙ୍କ ସମେତ ସମସ୍ତ ଉପଦେଷ୍ଟା ଓ ସଦସ୍ୟ ଯୋଗଦେଇଥିଲେ। ସେହିପରି ଭାଣପୁରସ୍ଥିତ



ଦିବାକର ସ୍ମୃତି ସଂସଦ ଓ ପାଠାଗାରଠାରେ ଅତିଥିଭାବେ ପ୍ରଫେସର ଗୋପୀନାଥ କର, ଚାରିଛକ ପ୍ରାଚୀ ସାହିତ୍ୟ ସଂସଦ ସଭାମଣ୍ଡପଠାରେ ଡ. ସନ୍ତୋଷ କୁମାର ମିତ୍ର, ଚାରିଛକ ଥାନା ପରିସରରେ ଥାନା ଅଧିକାରୀ ମମତା ବିଶ୍ୱାଳ, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟ, ଚାରିଛକ ବଜାରରେ ବଜାର କମିଟି ସଭାପତି ସନ୍ତୋଷ କୁମାର ପ୍ରଧାନ, ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ମିତ୍ରା ମହାପାତ୍ର, ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟାପକ ଲକ୍ଷ୍ମଣ ବେହେରା ପତାକା ଉତ୍ତୋଳନ କରିଥିବାବେଳେ ଅତିଥିଭାବେ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ସ୍ୱାଇଁ ଯୋଗଦେଇଥିଲେ। ଲକି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ବ୍ରଜ କିଶୋର ନାୟକ, ନିଗମାନନ୍ଦ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟାପକ ଉମାକାନ୍ତ ସ୍ୱାଇଁ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ, ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସମ୍ପାଦକ ବିଜୟ ବେହେରା, ଏବିଏସ୍ ଅକ୍ସଫୋର୍ଡ ସ୍କୁଲ ପରିସରରେ ସମ୍ପାଦକ ଟିଟୁ ମଲ୍ଲିକ ଓ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା, ତୁଳସୀପୁର ପ୍ରାଚୀ ବାଳିକା ବିଦ୍ୟାପୀଠ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ସବିତା ମହାନ୍ତି, ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ସୁମିତ୍ରା ମେଲକା, ଭଦ୍ର ନୋଡାଲ ସ୍କୁଲ ପରିସରରେ ପ୍ରଧାନଶିକ୍ଷକ ସୁଶାନ୍ତ ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

### ଅସ୍ତରଙ୍ଗ

ସାରା ଦେଶରେ ପାଳିତ ହୋଇଯାଇଛି ୭୯ତମ ସ୍ୱାଧୀନତା ଦିବସ। ଏହି ପରିପ୍ରେକ୍ଷୀରେ ଅସ୍ତରଙ୍ଗର ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ, ସବୁଜ ଶାଖା, ଲକ୍ଷ୍ମୀ କ୍ଲବ୍, ଗଣେଶ କ୍ଲବ୍, ସ୍କୁଲ, କଲେଜ, ଥାନା, ବ୍ଲକ୍, ତହସିଲ, ଡାକ୍ତରଖାନା ସହିତ ଅନ୍ୟ ଅନୁଷ୍ଠାନରେ



ପତାକା ଉତ୍ତୋଳନ କରାଯାଇଥିଲା। ବିଶେଷକରି ପ୍ରେସ୍ କ୍ଲବ୍ ପକ୍ଷରୁ ପତାକା ଉତ୍ତୋଳନ ସହ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ଶରତ ପରିଡ଼ା, ସମାଜସେବୀ ରତ୍ନପର୍ଣ୍ଣା ମହାନ୍ତି, ବରିଷ୍ଠ ସାମ୍ବାଦିକ ସୁଜ୍ଞାନ ଚୌଧୁରୀଙ୍କ ଦ୍ୱାରା ଅସ୍ତରଙ୍ଗ ବ୍ଲକ୍ 'ସକାଳ' ସାମ୍ବାଦିକ ସମୀର କରଙ୍କୁ ସୁରେନ୍ଦ୍ର ନାଥ ନାୟକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

### କଣାସ



କଣାସ ବ୍ଲକ୍‌ର ସମସ୍ତ ସରକାରୀ ଓ ବେସରକାରୀ, ବ୍ୟାଙ୍କ, କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବ୍ୟାବସାୟିକ ପ୍ରତିଷ୍ଠାନମାନଙ୍କରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ସୌମ୍ୟରଞ୍ଜନ ଜେନା ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିବାବେଳେ କଣାସ ତହସିଲ୍ କାର୍ଯ୍ୟାଳୟରେ ତହସିଲ୍‌ଦାର ହିମାଂଶୁ ଶେଖର ଗିରି, ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟରେ ଉପେନ୍ଦ୍ର ସେଠୀ, ମହନ୍ତ ବନମାଳି ଦାସ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରତିଷ୍ଠାତା ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ, କଂଗ୍ରେସ କାର୍ଯ୍ୟାଳୟରେ ପୁରୀ ଜିଲ୍ଲା କଂଗ୍ରେସ ଉପସଭାପତି ସଂଗ୍ରାମ ବଳିୟାରସିଂହ, ତ୍ରିନାଥ ଛୋଟରାୟ, କଣାସ ଜଳସେଚନ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ମକରା ବେହେରା, ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ କାର୍ତ୍ତିକଚରଣ ପ୍ରଧାନ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରପ୍ରାପ୍ତ ଅଧିକାରୀ ଡା. କ୍ଷମାନିଧି ସେଠୀ, କଣାସ ଥାନାରେ ଥାନା ଅଧିକାରୀ ପ୍ରଶନ୍ନ ନାୟକ, ଗଡ଼ିଶାଗୋଦା ଥାନାରେ ଥାନା ଅଧିକାରୀ ସୁଧିର ଦାସ, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ସାଂସଦ ଡ. ସମ୍ବିତ୍ ପାତ୍ର ଓ ବିଧାୟକ ଓମ୍ ପ୍ରକାଶ ମିଶ୍ର, କଣାସ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଶିକ୍ଷା ବିଭାଗ ଅଧିକାରୀ ରାମଚନ୍ଦ୍ର ବେହେରା, କଣାସ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଭଗବାନ ସୁବୁଦ୍ଧି, କଣାସ ପଶୁଚିକିତ୍ସା କାର୍ଯ୍ୟାଳୟରେ ଡ. ଅନୁଗତ ଜେନା, ଜନମଙ୍ଗଳ କ୍ଲବ୍‌ରେ ସୁକାନ୍ତ ସାମନ୍ତରାୟ, ମା' କୁଞ୍ଜେଶ୍ୱରୀ ସାଂସ୍କୃତି ସଂସଦରେ ସମାଜସେବୀ ସୁବର୍ଣ୍ଣ କେଶରୀ ବଳିୟାରସିଂହ, ଗ୍ରାମ୍ୟ କୃଷିବିକାଶ କାର୍ଯ୍ୟାଳୟରେ ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ବଡ଼ଜେନା ପତାକା ଉତ୍ତୋଳନ କରିଥିଲେ।

### ବଳଙ୍ଗା

ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ଉଚ୍ଛୁପୁର, ବଳଙ୍ଗା, ଶାଇଁସ ଶାସନ, ନୁଆସନ୍ଥ, ସରସ୍ୱତୀପୁର, ରୁପଦେଇପୁର ପ୍ରଭୃତି ପଞ୍ଚାୟତରେ ସରପଞ୍ଚ ସୁରେଶ ମଙ୍ଗରାଜ, ଅଞ୍ଜଳି ପ୍ରଧାନ, ଦେବାଶିଷ ଆଚାର୍ଯ୍ୟ, ପ୍ରଫୁଲ୍ଲ ସ୍ୱାଇଁ, ସିଲି ଜେନା, ରୀନା ମିଶ୍ର ପତାକା ଉତ୍ତୋଳନ କରିଥିଲେ। ସେହିପରି ବଳଙ୍ଗା



ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ, ଲଙ୍କେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବେରବୋଇଠାରେ ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ବଳଙ୍ଗା ଥାନାରେ ଅଧିକାରୀ ଦିବ୍ୟ ରଞ୍ଜନ ପଣ୍ଡା, ଜଳସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟରେ ଯନ୍ତ୍ରୀ ଅଜୟ ପ୍ରଧାନ, ଲଙ୍କେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚରେ ଶଙ୍କର ବିଶ୍ୱାଳ, ବଳଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ମାନଗୋବିନ୍ଦ ସେଠୀ, ଉଚ୍ଛୁପୁର ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟରେ ଲଳିତ ମୋହନ ମିଶ୍ର, ତରବୋଇଠାରେ ବଳଙ୍ଗା ବିଜେପି ତରଫରୁ ପ୍ରଶନ୍ନ କୁମାର ଦାଶ ପ୍ରଭୃତି ପତାକା ଉତ୍ତୋଳନ କରିଥିଲେ। ଥାନା ଅନ୍ତର୍ଗତ ସମସ୍ତ ବର୍ଗର ବିଦ୍ୟାଳୟ, ଗ୍ରାମ ପଞ୍ଚାୟତ, ରାଜସ୍ୱ ନିରୀକ୍ଷକ, ସେବା ସମବାୟ ସମିତି ତଥା ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଶାଇଁସ ଶାସନ ପଞ୍ଚାୟତରେ ବୃକ୍ଷରୋପଣ ଓ କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା।

### କୁହୁଡ଼ି

କାକଟପୁର ପ୍ରେସ୍ କ୍ଲବ୍ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପ୍ରେସ୍ କ୍ଲବ୍ ପରିସରରେ ସଭାପତି କମଳ ଲୋଚନ ଦୀକ୍ଷିତଙ୍କ ପୌରୋହିତ୍ୟରେ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ସଭାପତି ଶ୍ରୀ ଦୀକ୍ଷିତଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯିବା ପରେ କ୍ଲବ୍‌ର ସମସ୍ତ ସଦସ୍ୟ ଏବଂ ରାମକୃଷ୍ଣ



ଶିଶୁ ମନ୍ଦିରର ଛାତ୍ରୀମାନେ ଜାତୀୟ ସଂଗୀତ ଗାନ କରିଥିଲେ। ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ସମ୍ପାଦକ ଆଦିତ୍ୟ କୁମାର ରାଉତ, କୋଷାଧ୍ୟକ୍ଷ ଭାଗବତ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ଦୀକ୍ଷିତ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରଦୀପ ପଣ୍ଡା, ମାନସ ଦୀକ୍ଷିତ, ବ୍ରଜ କିଶୋର ସାହୁ, ପ୍ରଭାତ ଦୀକ୍ଷିତ, ପ୍ରଭାସ ପୃଷ୍ଟି, ସାମସୁଲ ଆରିଫିନ, ଅକ୍ଷୟ ପ୍ରସାଦ ମହାନ୍ତି, ଶୁଭଦର୍ଶନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଡେଲାଙ୍ଗ



ଡେଲାଙ୍ଗ ବ୍ଲକ୍‌ର ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ରାଧାକାନ୍ତ ବିଦ୍ୟାପୀଠରେ ପ୍ରଧାନଶିକ୍ଷକ ଅଜୟ ଭୋଇ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ନଟବର ସେଠୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଇଣ୍ଡିଆନ୍ ଆର୍ମି, ବ୍ଲାକ୍ କ୍ୟାଟ୍ କମାଣ୍ଡୋ, ଫାୟାରମ୍ୟାନ୍, ସ୍କାଉଟ୍, ଗାଇଡ୍, ପୁଲିସ ଆଦି ୯ଟି ଟ୍ରୁପ୍ ଗଠନ କରାଯିବା ସହିତ ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ, ଜବାହରଲାଲ୍ ନେହରୁ ପ୍ରମୁଖଙ୍କ ବେଶ ଧାରଣକରି ଦେଶଭକ୍ତିର ବାର୍ତ୍ତା ବାଣ୍ଟିଥିଲେ। ସେହିପରି ଡେଲାଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ ପତାକା ଉତ୍ତୋଳନ କରିଥିବାବେଳେ ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ସମିତିସଭ୍ୟ ନରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଡେଲାଙ୍ଗ ଥାନାରେ ଏସ୍‌ଆଇ କେଳୁଚରଣ ଜେନା, ଡେଲାଙ୍ଗ ହାଟ ଫାଣ୍ଡିରେ ଫାଣ୍ଡି ଅଧିକାରୀ ରଶ୍ମୀରଞ୍ଜନ ପୃଷ୍ଟି, ତହସିଲ୍ କାର୍ଯ୍ୟାଳୟରେ ତହସିଲ୍‌ଦାର ଦେବୀପ୍ରସାଦ ଆଚାର୍ଯ୍ୟ, ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ସରୋଜ କୁମାର ପଣ୍ଡା, ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅଭୟ ଚରଣ ସାହୁ, ଡେଲାଙ୍ଗ-କୋଠବାଡ଼ ସେବା ସମବାୟ ସମିତିରେ ଜିଲ୍ଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ, ପ୍ରଭାତ କ୍ଲବ୍‌ରେ ଶିକ୍ଷାବିତ୍ ସନ୍ତୋଷ ମହାନ୍ତି, ପିଏନ୍‌ବି କନ୍‌ଷ୍ଟ୍ରକ୍ସନ୍‌ରେ ପରମାନନ୍ଦ ବରାଳ, ଓରିଟେକ୍ କମ୍ପ୍ୟୁଟର କେନ୍ଦ୍ରଠାରେ ମାନସ ପରିଡ଼ା ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

---

● ଜାତୀୟ ପତାକାକୁ ଅସମ୍ମାନ

## କାରଣ ଦର୍ଶାଅ ନୋଟିସ ଜାରିକଲେ ସିଡିପିଓ

ନିମାପଡ଼ା,୧୬।୮ (ସମିସ): ସ୍ୱାଧୀନତା ଦିବସରେ ଜାତୀୟ ପତାକାକୁ ଅସମ୍ମାନ କରିବା ଅଭିଯୋଗରେ ଜଣୈକା ଅଙ୍ଗନବାଡ଼ି କର୍ମୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ନିମାପଡ଼ା ବ୍ଲକ୍ ତୋଟାସାହି ଗ୍ରାମରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାବେଳେ ଗାଁ କୋଠଘରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଛି। ଅଗଷ୍ଟ ୧୫ ଦିନ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ବିଳମ୍ବରେ ଆସି କେନ୍ଦ୍ରରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପତାକା ଅବତରଣ କରିବା ସମୟ ପୂର୍ବରୁ ଦିନ ପ୍ରାୟ ୧୨.୪୫ ମିନିଟ୍‌ରେ ପତାକାକୁ ଅବତରଣ କରିବା ଦେଖି ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବିଡିଓଙ୍କ ନିକଟରେ ଗ୍ରାମର କିଛି ଲୋକ ଅଭିଯୋଗ କରିବାରୁ ଘଟଣାର ତଦନ୍ତ ପାଇଁ ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଡିପିଓ ମାଧବୀ ମହାପାତ୍ର ସମ୍ପୃକ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଜଣାପଡ଼ିଛି।

---

● ତ୍ରିରଙ୍ଗାକୁ ଏମିତି ସମ୍ମାନ

## ଓଲଟା ଉଡ଼ାଇଲେ ରାଜନେତା



ପୁରୀ,୧୬।୮ (ସମିସ): ଦେଶ ପାଳିଛି ୭୯ତମ ସ୍ୱାଧୀନତା ଦିବସ। ସବୁଆଡ଼େ ଉଡ଼ିଛି ତ୍ରିରଙ୍ଗା। ଜାତୀୟ ପତାକା ତଳେ ଠିଆ ହୋଇ ସମସ୍ତେ ଦେଶପ୍ରୀତିର ଏହି ମହାନ ପର୍ବରେ ସାମିଲ ହୋଇ ଗର୍ବ ଅନୁଭବ କରିଛନ୍ତି। ଯେଉଁମାନଙ୍କ ତ୍ୟାଗ ଓ ବୀରତ୍ୱ ପାଇଁ ଆଜି ଆମେ ଗର୍ବରେ ଭାରତବାସୀ ବୋଲି କହୁଛେ ସେମାନଙ୍କ ସ୍ମୃତିଚାରଣ କରିଛନ୍ତି। ହେଲେ ଜାତୀୟ ପତାକା ଉତ୍ତୋଳନବେଳେ ଅନେକ ଏମିତି କିଛି ତ୍ରୁଟି କରିଛନ୍ତି ଯାହାକୁ ନେଇ ସାଧାରଣରେ ବେଶ୍ ଚର୍ଚ୍ଚା ହେଉଛି। ବିଶେଷକରି ପୁରୀରେ କିଛି ରାଜନେତା ଜାତୀୟ ପତାକା ଉତ୍ତୋଳନବେଳେ ତ୍ରିରଙ୍ଗାକୁ ଅସମ୍ମାନ କରିବା ଘଟଣା ଏବେ ସବୁଠି ଆଲୋଚନା ହେଉଛି। ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏକାଧିକ ସ୍ଥାନରେ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଛନ୍ତି। ହେଲେ ଗୋଟିଏ ଜାଗାରେ ତ୍ରିରଙ୍ଗା ପତାକାକୁ ଓଲଟା ଉଡ଼ାଇଛନ୍ତି ଜୟନ୍ତ। ଯାହାକୁ ନେଇ ତାଙ୍କୁ ଏବେ ସାମାଜିକ ଗଣମାଧ୍ୟମରେ ସମାଲୋଚନା କରୁଛନ୍ତି ସାଧାରଣ ଜନତା।

## ପିଏନ୍‌ବି ଏଟିଏମ୍‌ରେ ଅଗ୍ନିକାଣ୍ଡ

ନିମାପଡ଼ା,୧୬।୮ (ସମିସ): ଶନିବାର ଅପରାହ୍ଣରେ ନିମାପଡ଼ାଠାରେ ଥିବା ପଞ୍ଜାବ ନ୍ୟାସ୍‌ନାଲ ବ୍ୟାଙ୍କ(ପିଏନ୍‌ବି) ଏଟିଏମ୍ କାଉଣ୍ଟରରେ ଅଗ୍ନିକାଣ୍ଡ ଘଟିଛି। ବ୍ୟାଙ୍କ କର୍ମଚାରୀମାନେ ତୁରନ୍ତ ନିଆଁଲିଭା ଗ୍ୟାସ୍ ସ୍ପ୍ରେ କରିବାରୁ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛି ଏଟିଏମ୍। ଅପରାହ୍ଣରେ ଏଟିଏମ୍ କାଉଣ୍ଟର ସାମ୍ନାରେ ବସିଥିବା ବିଦ୍ୟୁତ୍ ମିଟରଟି ହଠାତ୍ ଜଳିବାକୁ ଲାଗିଥିଲା। ବ୍ୟାଙ୍କର ଗୋଟିଏ ଛାତ ତଳେ ଏଟିଏମ୍ ଥିବାରୁ ବ୍ୟାଙ୍କ ଭିତରେ ଥିବା ଅଗ୍ନି ନିରୋଧ ଗ୍ୟାସ୍‌କୁ ବ୍ୟାଙ୍କ କର୍ମଚାରୀ ସଞ୍ଜୟ ଦାସ(ଜୟୀ) ଏବଂ ଅନ୍ୟମାନେ ଆଣି ସ୍ପ୍ରେ କରିବାରୁ ନିଆଁ ଲିଭିଯାଇଥିଲା। ଏହି ନିଆଁରେ କିଛି କ୍ଷୟକ୍ଷତି ହୋଇ ନ ଥିବାବେଳେ ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଜଣାପଡ଼ିଛି। ଖବର ପାଇ ସଙ୍ଗେ ସଙ୍ଗେ ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ନିଆଁ ଆୟତ୍ତ ହୋଇଯାଇଥିଲା।

## ବିଭିନ୍ନ ସ୍ଥାନରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ନୀତି



ସାକ୍ଷୀଗୋପାଳ,୧୬।୮ (ସମିସ): ଶୁକ୍ରବାର ସ୍ଥାନୀୟ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାରମ୍ପରିକ ରୀତିରେ ପାଳିତ ହୋଇଛି। ବୀରକେଶରୀ ବଲ୍ଲଭ ପରେ ଅଧିବାସ କରାଯାଇ ସୁଗନ୍ଧିତ ଜଳକଳସ ସ୍ଥାପନ କରାଯାଇଥିଲା। ପରେ ଦ୍ୱିପହର ଧୂପରେ ଠାକୁର ନୂତନ ବସ୍ତ୍ର, ଚନ୍ଦନ, ତୁଳସୀ ଲାଗି ହେବା ପରେ ଉପଚାର, ଆଳତି ହୋଇଥିଲା। ଗୋଧନବାହୁଡ଼ା ଭୋଗ, ସନ୍ଧ୍ୟା ଧୂପ, ବଡ଼ସିଂହାର ଧୂପ, ପୋଖରିଆ (ରତ୍ନ ସିଂହାସନ ତଳ) ପୋଛା ଯିବା ପରେ ଭଦ୍ରମଣ୍ଡଳ ପଡ଼ିବା ଶ୍ରୀକୃଷ୍ଣଙ୍କ ଜନ୍ମବିଧି ଆରମ୍ଭ ହୋଇଥିଲା। ଠାକୁରଙ୍କ ଜନ୍ମ ଅବସରରେ ମନ୍ଦିର ପ୍ରଶାସନ ପକ୍ଷରୁ ୧୦୮ଟି କୋରା ଭୋଗ ଲାଗି କରାଯାଇଥିଲା। ଠାକୁରାଣୀ ଶ୍ରୀରାଧାରାଣୀଙ୍କ ମସ୍ତକରେ ସୁବର୍ଣ୍ଣ କିରୀଟ, ଗଳାରେ ସୁବର୍ଣ୍ଣ ଅଁଳା ଫଳ ମାଳ, ଡାଇମଣ୍ଡ କଟା ଚାପସରୀ, ଅଣ୍ଟାରେ ସୁବର୍ଣ୍ଣ ବେଙ୍ଗ ପାଟିଆ ମାଳ, ସୁବର୍ଣ୍ଣ ଚକି ମାଳ, ସୁବର୍ଣ୍ଣ କମରପଟି, ସୁବର୍ଣ୍ଣ ଚାରିସରିଆ ଚନ୍ଦ୍ର ହାର ଶିକୁଳି, ବାହୁରେ ସୁବର୍ଣ୍ଣ ଡେଉଁରିଆ ମାଳ, ସୁବର୍ଣ୍ଣ ତାବିଜ ମାଳ ଓ ସୁବର୍ଣ୍ଣ ତାବିଜ, ହାତରେ ସୁବର୍ଣ୍ଣ ବାଘନଖି ମାଳ, ପାଦରେ ସୁବର୍ଣ୍ଣ ନୂପୁର, ଘୁଙ୍ଗୁର, ବାଙ୍କୀ, ପାପଦ୍ମ ଓ ଚୁପୁଲି ଶୋଭା ପାଉଥିଲା। ସେହିପରି ଠାକୁର ଶ୍ରୀଶ୍ରୀଗୋପାଳଜୀଉଙ୍କ ମନୋରମ ନଟବର ବେଶ ହୋଇଥିଲେ। ଠାକୁର ନୂତନ ପାଟବସ୍ତ୍ର ପରିଧାନ କରିଥିଲେ। ମସ୍ତକରେ ସୁବର୍ଣ୍ଣ କିରୀଟ, ଗଳାରେ ସୁବର୍ଣ୍ଣ ସେବତୀ ଫୁଲ ହାର, ହସ୍ତରେ ସୁବର୍ଣ୍ଣ ବଂଶୀ, ନାସାରେ ଗଜମୁକ୍ତା, କର୍ଣ୍ଣରେ ସୁବର୍ଣ୍ଣ କୁଣ୍ଡଳ ଓ ଆଙ୍ଗୁଠିରେ ହୀରକ ମୁଦ୍ରିକା ଶୋଭା ପାଉଥିଲା।

**ଚାରିଛକ:** ଚାରିଛକ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ମହା ଆଡ଼ମ୍ବରରେ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି। ଅଞ୍ଚଳରେ ଥିବା ଚାରିଛକ ସମେତ ବାହାରଣା, ଖୁଲିସ, ଭୋଦର, ତୁଳସୀପୁର, ଓରପଟ, ନୂଆଗାଁ ପ୍ରମୁଖ ସ୍ଥାନରେ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀରେ ରାଶିଲଡ୍ଡୁ ସମେତ ବିଭିନ୍ନ ପ୍ରକାର ଫଳ ଆଣି ସୁସଜ୍ଜିତ ବିମାନରେ ଗୋପାଳ କୃଷ୍ଣଙ୍କ ଫଟୋଚିତ୍ର ଓ ମୂର୍ତ୍ତି ରଖି ପୂଜାର୍ଚ୍ଚନା କରିବା ସହିତ ନାମକୀର୍ତ୍ତନ କରି ଜନ୍ମାଷ୍ଟମୀ ଉତ୍ସବ ପାଳନ କରିଥିଲେ। ଅନେକ ସ୍ଥାନରେ ଦହି ହାଣ୍ଡି ଭଙ୍ଗାଯାଇ ଲଉଡ଼ି ଖେଳ ହେଉଥିବା ଦେଖିବାକୁ ମିଳିଛି।


**ବଳଙ୍ଗା :** ଭାଦ୍ରବ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ସରସ୍ୱତୀ ଶିଶୁ ମନ୍ଦିର ବାଲିଘାଇଠାରେ ଶ୍ରୀ କୃଷ୍ଣଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟୟନରତ ଶିଶୁ କଳାକାର ଶ୍ରୀକୃଷ୍ଣ, ବଳରାମ, ରାଧା, ମାତା ଯଶୋଦା ପ୍ରଭୃତି ବେଶ ଧାରଣକରି ଅଭିନୟ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟମାନେ ସେମାନଙ୍କୁ ବନ୍ଦାପନା ଓ ପୂଜାର୍ଚ୍ଚନା କରିଥିଲେ। ଆଚାର୍ଯ୍ୟ କପିଳ ଖୁଣ୍ଟିଆ ଭାଗବତ ପୁରାଣରେ ଥିବା କୃଷ୍ଣ ଜନ୍ମ ପଠନ କରିଥିଲେ। ସମସ୍ତ ଗୁରୁଜୀ, ଗୁରୁମା', ଅଭିଭାବକ ଉତ୍ସବରେ ଅଂଶଗ୍ରହଣ କରିଥିବାବେଳେ ପ୍ରଧାନଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଦୀକ୍ଷିତ ଉତ୍ସବ ପରିଚାଳନା କରିଥିଲେ।

**ନିମାପଡ଼ା :** ଶନିବାର ନିମାପଡ଼ାସ୍ଥିତ ଟାଉନ୍ ହଲ୍ ପ୍ରକୋଷ୍ଠରେ ରାଷ୍ଟ୍ରୀୟ ହିନ୍ଦୁ ସମାଜ ଓଡ଼ିଶା ତରଫରୁ ପବିତ୍ର ଜନ୍ମାଷ୍ଟମୀ ମହୋତ୍ସବ ପରିପାଳନ ହୋଇଯାଇଛି। ଏ ଉପଲକ୍ଷେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରକଳା ଓ କୃଷ୍ଣ ବେଶ ପ୍ରତିଯୋଗିତା ଆୟୋଜିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ବିଚାରକ ରୂପେ ବସନ୍ତ ବେହେରା ଓ ସୁଧାଂଶୁ ଶେଖର ସାମନ୍ତସିଂହାର, ଡ. ବୈଦ୍ୟନାଥ ମିଶ୍ର, ବିନୟ ରଥ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅଲ୍ ଓଡ଼ିଶା ହୋମିଓପାଥି ଆସୋସିଏସନ୍ ସଭାପତି ଡ. ନେତ୍ରାନନ୍ଦ ଭୋଇ, ମୁଖ୍ୟବକ୍ତା ଭାବେ ସ୍ୱାମୀ ରାମେଶ୍ୱରାନନ୍ଦ ସରସ୍ୱତୀ ମହାରାଜ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ତଥା କ୍ରୀଡ଼ାବିତ୍ ନିର୍ମଳ ମିଶ୍ର ଓ ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ସାବତ୍ ଯୋଗଦେଇଥିଲେ। ସଂଗଠନର ସଭାପତି ସତ୍ୟନାରାୟଣ ମିଶ୍ର, କାର୍ଯ୍ୟକର୍ତ୍ତା ମଣ୍ଡଳୀ ଜ୍ଞାନ ରଞ୍ଜନ ପଣ୍ଡା, ଅକ୍ଷୟ ନାୟକ, କ୍ଷେତ୍ରବାସୀ ସାହୁ, ଭବତୋଷ ପଣ୍ଡା, ନୃସିଂହ ବେହେରା, ଭରତ ସାହୁ, ଅନିତା ବେହେରା, ବିସ୍ମୟ ସାହୁ, ପ୍ରକାଶ ବଳ, ପ୍ରଫୁଲ୍ଲ ଦାସ ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

୧୬/୮/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୯୦,୪୬୭/- ସୁନା: ୦୬.୯୮୦ ଗ୍ରାମ୍ ରୁପା: ୩୭.୧୦୦ ଗ୍ରାମ୍





### ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

# ‘ଇତିହାସକୁ ଭୁଲିଗଲେ ଭବିଷ୍ୟତ ଅନ୍ଧାର ହୋଇଯିବ’

ପୁରୀ,୧୬।୮ (ସମିସ): କଷ୍ଟଲବ୍ଧ ସ୍ୱାଧୀନତାର ଉପଲବ୍ଧିକୁ ଧରି ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ଇତିହାସକୁ ଭୁଲିଗଲେ ଭବିଷ୍ୟତ ଅନ୍ଧାର ହୋଇଯିବ। ୧୯୪୭ ମସିହା ଆଜିର ଦିନରେ ଅଗଣିତ ସତ୍ୟନିଷ୍ଠ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ପାଥେୟ କରି ଆମେ ପାଇଥିଲୁ ବହୁ ପ୍ରତୀକ୍ଷିତ ସ୍ୱାଧୀନତା। ସ୍ୱାଧୀନତାର ମୂଲ୍ୟକୁ ଅକ୍ଷୁଣ୍ଣ ରଖି ଶାନ୍ତି ଓ ପ୍ରଗତି ପଥରେ ଅଗ୍ରସର ହେବାକୁ ଆହ୍ୱାନ ଦେଇଛନ୍ତି ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଶୁକ୍ରବାର ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜାତୀୟ ପତାକା ଉତ୍ତୋଳନ, ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସମେତ ସମସ୍ତ ବରପୁତ୍ରଙ୍କୁ, ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ଓ ଚାଖି ଖୁଣ୍ଟିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଶା ତିନି ଭାଗ ହୋଇ ରହିଥିଲା। ଆମ ପୂର୍ବସୁରୀମାନଙ୍କ ଉଦ୍ୟମରେ ୧୯୩୬ରେ ପ୍ରଥମ ଭାଷାଭିତ୍ତିକ ରାଜ୍ୟର ମାନ୍ୟତା ପାଇଲା। ଆଜି ଭାରତର ସଫଳତା, କୃତିତ୍ୱ ଓ ମତାମତ ବିଶ୍ୱବାସୀଙ୍କୁ ପ୍ରଭାବିତ କରିବା ସହ ବିଭିନ୍ନ ବିଶ୍ୱ ମଞ୍ଚରେ ଆମ ଦେଶ ସମ୍ମାନିତ, ପ୍ରଶଂସିତ ଓ ଆଦୃତ ହୋଇଛି। ଦେଶର ଅଭିବୃଦ୍ଧି ସହ ତାଳ ଦେଇ ଆମ ରାଜ୍ୟ ନିଜ ବିକାଶର ଯାତ୍ରା ଅବ୍ୟାହତ ରଖିଛି। ଚାରିଧାମ ମଧ୍ୟରେ ଶ୍ରେଷ୍ଠ ଧାମ ପୁରୀ। ପୁରୀକୁ ବିଶ୍ୱସ୍ତରୀୟ ସହର ଲକ୍ଷ୍ୟରେ ମହାନଗର ନିଗମ କରାଯାଉଛି, ଭକ୍ତମାନଙ୍କ ଗମନାଗମନରେ ସୁବିଧା, ରହଣି ବ୍ୟବସ୍ଥା କରାଯାଉଛି। ମନ୍ଦିର ଚତୁଃପାର୍ଶ୍ୱରେ ଅନ୍ନ ଯଜ୍ଞ, ଜ୍ଞାନ ଯଜ୍ଞ, ଘୃତ ଯଜ୍ଞ ଓ ନାମ ଯଜ୍ଞର ବ୍ୟବସ୍ଥା କରାଯାଉଛି। ମହାପ୍ରଭୁଙ୍କ ମହିମା ସମ୍ପର୍କରେ ବିଶ୍ୱସ୍ତରୀୟ ବ୍ୟାଖ୍ୟାନ କେନ୍ଦ୍ର କରାଯାଉଛି। ପୁରୀ ଆମ ପରିଚୟ। ସମସ୍ତଙ୍କ ସହଯୋଗରେ ରାଜ୍ୟର ବିକାଶ ଯାତ୍ରାକୁ ଅଧିକ କ୍ରିୟାଶୀଳ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହା ପରେ ଦେଶାତ୍ମବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ଭାରତୀୟମ୍ ପରିବେଷଣ କରାଯାଇଥିଲା। ପରେ ମନ୍ତ୍ରୀ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡା. ପ୍ରବୀଣ କୁମାର ଜେନା, ନର୍ସ ଅଫିସର ସଚଳା ମହାରଣା, ହସ୍ପିଟାଲ ମ୍ୟାନେଜର ଅନ୍‌ମୋଲ ସୁକାନ୍ତ ମହାନ୍ତି, ସିଡିପିଓ ମିନାକ୍ଷୀ ସାହୁ, ସୁପରଭାଇଜର ସୁଚିତ୍ରା ପ୍ରଧାନ, ଅଙ୍ଗନବାଡ଼ି କର୍ମୀ ଜ୍ୟୋସ୍ନାମୟୀ ରାଉତରାୟ, ସଫେଇ କର୍ମଚାରୀ କମଳା ନାଏକ, ଶତୁରା ନାଏକ, ୨୦୨୪-୨୫ ମାଟ୍ରିକ୍ ପରୀକ୍ଷା ଜିଲ୍ଲା ଟପ୍ପର ସ୍ୱୟଂ ପ୍ରକାଶ ସାହୁ, ଶିଶୁ ପରିଚର୍ଯ୍ୟା ଗୃହ କର୍ମଚାରୀ ସୁମା ନାୟକ, ପୁଷ୍ପାଞ୍ଜଳି ସାହୁ, ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣକାରୀ ଓ ପରେଡ୍‌ର ଶ୍ରେଷ୍ଠ ଦଳଙ୍କୁ ପୁରସ୍କୃତ କରାଯାଇଥିଲା। ସିନିୟର ଡିଭିଜନ୍ ଏନ୍‌ସିସିରେ ଏସ୍‌ସିଏସ୍ କଲେଜ, ଜୁନିଅର ଡିଭିଜନ ଏନ୍‌ସିସି ବାଳକ ବର୍ଗରେ ପୁରୀ ଜିଲ୍ଲା ସ୍କୁଲ, ବାଳିକାରେ ଭୋଳାନାଥ ବିଦ୍ୟାପୀଠ, ଶ୍ରେଷ୍ଠ ଗାଇଡ୍‌ରେ ଡିଏଭି ପବ୍ଲିକ୍ ସ୍କୁଲ, ଶ୍ରେଷ୍ଠ ସ୍କାଉଟ୍‌ରେ ବିଶ୍ୱମ୍ଭର ବିଦ୍ୟାପୀଠ ଓ ଶ୍ରେଷ୍ଠ ଶୃଙ୍ଖଳା ରକ୍ଷା ପାଇଁ ଏସ୍‌ସିଏସ୍ ମହାବିଦ୍ୟାଳୟଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ପରେ ଷ୍ଟାଡିୟମ୍ ପରିସରରେ ବୃକ୍ଷରୋପଣ, ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ପୋଷାକ ବଣ୍ଟନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ଫଳ ବଣ୍ଟନ ଏବଂ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିରକୁ ମୁଖ୍ୟଅତିଥି ଉଦ୍‌ଘାଟନ କରିଥିଲେ।



**କଷ୍ଟଲବ୍ଧ ସ୍ୱାଧୀନତାର ଉପଲବ୍ଧିକୁ ଧରି ରଖିବା ଆମ ସମସ୍ତଙ୍କ ଦାୟିତ୍ୱ**



କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପିନାକ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ୍ ପରିବେଷଣ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଗାନ୍ଧୀଘାଟଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସର୍ବୋଦୟ ସମିତି ସହଯୋଗରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ବିଭିନ୍ନ ଅନୁଷ୍ଠାନରେ ଉଡ଼ିଲା ତ୍ରିରଙ୍ଗା

### ■ ଭଗବତୀ ବିଦ୍ୟାନିକେତନ

ପୁରୀ,୧୬।୮ (ସମିସ): ଅଠରନଳା ଶିକ୍ଷାଶ୍ରୀ ଲେନ୍‌ସ୍ଥିତ ଭଗବତୀ ବିଦ୍ୟାନିକେତନରେ ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ପ୍ରଭାତ ଚନ୍ଦ୍ର ରଥ, ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ, ବିଦ୍ୟାଳୟର ସମ୍ପାଦକ ମହେନ୍ଦ୍ର ବିଶୋଇ, ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ ଉପସ୍ଥିତ ଥିଲେ। ଓଡ଼ିଆ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଭା ପରେ ବିଦ୍ୟାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ■ ଝାଡ଼େଶ୍ୱରୀ କ୍ଲବ୍

ଝାଡ଼େଶ୍ୱରୀ କ୍ଲବ୍ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ କ୍ଲବ୍ ପରିସରରେ ପାଳିତ ହୋଇଯାଇଛି। ଜିମ୍ନାଷ୍ଟିକ୍ କୋଚ୍ ସଞ୍ଜୟ କୁମାର ମିଶ୍ର, କ୍ଲବ ସମ୍ପାଦକ ପାର୍ଥାସାରଥି ମହାପାତ୍ର, କୋଷାଧ୍ୟକ୍ଷ ଜିତେନ୍ଦ୍ର ନାଥ ଦାସଙ୍କ ସମେତ ନିମାଇଁ ଚରଣ ଦାସ, ଶଙ୍କର ପ୍ରଧାନ, ସିତେନ୍ଦ୍ର ନାଥ ଦାସ ପ୍ରମୁଖ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏଥିରେ ଜିମ୍ନାଷ୍ଟିକ, ଯୋଗ, ମାଲଖମ୍ବ, ହ୍ୟାଣ୍ଡବଲ, ଥ୍ରୋ ବଲ୍ ଆଦି ପ୍ରତିଯୋଗିତାର ପ୍ରଶିକ୍ଷାର୍ଥୀମାନେ ଯୋଗଦେଇଥିଲେ।

### ■ ଆଶ୍ୱସ୍ତି ଫାଉଣ୍ଡେସନ ଟ୍ରଷ୍ଟ

ମଙ୍ଗଳାଘାଟସ୍ଥିତ ଆଶ୍ୱସ୍ତି ଫାଉଣ୍ଡେସନ ଟ୍ରଷ୍ଟଠାରେ ବାସେଳି ସାହି ଥାନାର ଉପଭାର ଅଧିକାରୀ ଦୀପ୍ତି ପ୍ରକାଶ ସାହୁ, ସହ ଉପଭାରପ୍ରାପ୍ତ ଅଧିକାରୀ ଅର୍ଜ୍ଜୁନ ସେଠୀ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଟ୍ରଷ୍ଟର ସଭାପତି ଆଇନଜୀବୀ ଦୀପକ ପଣ୍ଡା, ମୁଖ୍ୟ ସମ୍ପାଦିକା ଗିରିଜା ମଞ୍ଜରୀ, କର୍ମକର୍ତ୍ତା ସଂଘମିତ୍ରା ପଣ୍ଡା, ସ୍ୱର୍ଣ୍ଣଲତା ପରମଗୁରୁ ଉପସ୍ଥିତ ଥିଲେ। ଏଥିରେ ରାଜକିଶୋର ମହାନ୍ତି, ଆଶୁତୋଷ ମିଶ୍ର, ମାନସ ଦାସ, ସୌମ୍ୟକ୍ ପରିଛା, ଶାନ୍ତନୁ ପଣ୍ଡା, ରାଧାକାନ୍ତ ଦାସ, ରଶ୍ମି ପାଢ଼ୀ, ବୈକୁଣ୍ଠ ମହାନ୍ତି, ଜିବେଶ ବେହେରା, ମଦନ ମୋହନ ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ■ ‘ସକାଳ’ ଓ ‘ନନ୍ଦିଘୋଷ’ ଜିଲ୍ଲା କାର୍ଯ୍ୟାଳୟ




‘ସକାଳ’ ଓ ‘ନନ୍ଦିଘୋଷ’ ପୁରୀ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଭଗବତୀ ବିଦ୍ୟାନିକେତନର ସମ୍ପାଦକ ମହେନ୍ଦ୍ର ବିଶୋଇ, ପଟ୍ଟଚିତ୍ର ସେଣ୍ଟରର ପ୍ରତିଷ୍ଠାତା ସରୋଜ କୁମାର ବେହେରା, ସୌମିତ୍ର ହରିଚନ୍ଦନ, ହେମନ୍ତ ନାୟକ, ସୁଧାଂଶୁ ସାହୁ, ଶିବପ୍ରସାଦ ଦାସ, ସାଗର ମଲ୍ଲିକ, ବିକାଶ ପୃଷ୍ଟି, ଅନୀଲ ସାହୁ, ବିକାଶ ମହାନ୍ତି, ଅଜିତ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ■ ବ୍ଲେସ୍ ପରିବାର

ବ୍ଲେସ୍ ପରିବାର ତରଫରୁ ଦେଶର ସ୍ୱାଧୀନତା ପାଇଁ ଅମୂଲ୍ୟ ତ୍ୟାଗ କରିଥିବା ବୀର ବରପୁତ୍ର ଓ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଭାପତି ଦିଲ୍ଲୀପ ସାମନ୍ତରାୟ, ମାଧବ ମହାନ୍ତି, ବିଚିତ୍ର ଦାଶ, ବ୍ୟୋମକେଶ ଚିନରା, ଅଜୟ ସାହୁ, ଉପଦେଷ୍ଟା ପ୍ରାଣକୃଷ୍ଣ ନନ୍ଦ, କୋଷାଧ୍ୟକ୍ଷ ଅଶୋକ ରଥ, ଶୁଭଲକ୍ଷ୍ମୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପରିଚାଳନା କରିଥିଲେ ସମ୍ପାଦକ ଲାଲା ଅନନ୍ତ କୁମାର ସିଂହ।

### ■ ମିଳିତ ସ୍ୱେଚ୍ଛାସେବୀ ସଂଗଠନ

ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମ୍ମୁଖ୍ୟ ଦ ବେଲ୍ ଯୁବ ଶାଖା, ଇନର ହୁଇଲ୍ କ୍ଲବ୍ ଶ୍ରୀକ୍ଷେତ୍ର, ସମର୍ପଣ, ଦ ମିରର, ଶିଶୁ ସମାଚାର, ସାଇ ଉଦୟ ଲକ୍ଷ୍ମୀ ନାରାୟଣ ଟ୍ରଷ୍ଟ, ସାରା ଆକାଶ ମିଳିତ ଆନୁକୂଲ୍ୟରେ ବଳିଆପଣ୍ଡାସ୍ଥିତ ଏକଲବ୍ୟ ପାଠଶାଳାଠାରେ ଭାରତ ଯୋଗ କେନ୍ଦ୍ରର ସଭାପତି ଯୋଗଗୁରୁ ରମାବଲ୍ଲଭ ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟତମ ଅତିଥି ଭାବେ ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ବେଲ୍ ଓମେନ୍ସ କ୍ଲବ୍ ସହ ସଂଯୋଜିକା ଶିଳି ସେଠୀ, ୟୁଥ୍ କ୍ଲବ୍ ସଂଯୋଜକ ଆକାଶ ସିଂ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଉମେଶ ଚନ୍ଦ୍ର ଦାସ, ବନିତା ଦୀକ୍ଷିତ, ରାଜକିଶୋର ପାତ୍ର, ଓମ୍ ପ୍ରକାଶ ତ୍ରିପାଠୀ, ପ୍ରଦୀପ କୁମାର ସାହୁ, ଜ୍ୟୋତିପ୍ରକାଶ ମହାନ୍ତି, ରଞ୍ଜିତ ମହାନ୍ତି, ସଞ୍ଜୟ ପଟ୍ଟନାୟକ ଉପସ୍ଥିତ ଥିଲେ।

### ■ କଳିଙ୍ଗ ସ୍ମାର୍ଟ ସ୍କୁଲ

କଳିଙ୍ଗ ସ୍ମାର୍ଟ ସ୍କୁଲରେ ବିଶିଷ୍ଟ ସମାଜସେବୀ ଓ ସାମ୍ବାଦିକ ଜିତେନ୍ଦ୍ର ନାରାୟଣ ମିଶ୍ର ପତାକା ଉତ୍ତୋଳନ କରିଥିଲେ। ଶନିବାର ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ମଧ୍ୟ ପାଳିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ ପ୍ରଧାନ, ଅଧ୍ୟକ୍ଷା ପ୍ରଜ୍ଞା ଶୁଭମିତା ପ୍ରତିହାରୀ, ଐଶ୍ୱର୍ଯ୍ୟା ମହାନ୍ତି, ସାଗରିକା ପ୍ରଧାନ, ଜ୍ଞାନ ଜ୍ୟୋତି ସିଂ, ପ୍ରିୟଙ୍କା ରଥ, ସନ୍ଧ୍ୟାରାଣୀ ବାରିକ, ବିଶ୍ୱଜିତା ମିଶ୍ର, ସନ୍ଧ୍ୟାରାଣୀ ମହାରଣା, ପ୍ରଲ୍ଲବୀ ମିଶ୍ର, ଲିପ୍ସା ମହାନ୍ତି, ଦେବେନ୍ଦ୍ର ପ୍ରଧାନ ଓ ବିପିନ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ■ ହୋପ୍ ଇଜ୍ ଲାଇଫ୍

ବେଲଦଳସ୍ଥିତ ବୃଦ୍ଧାଶ୍ରମ ହୋପ୍ ଇଜ୍ ଲାଇଫ୍‌ରେ ପୁରୀ ସାଂସଦ ଡା. ସମ୍ବିତ ପାତ୍ର ଜାତୀୟ ପତାକା ଉତ୍ତୋଳନ କରିବା ସହ ବୃକ୍ଷରୋପଣ କରିଥିଲେ। ସେଠାରେ ରହୁଥିବା ଅନ୍ତେବାସୀଙ୍କ ସହିତ ମୁଖ୍ୟଅତିଥି ଭାବବିନିମୟ କରିଥିଲେ। ଅନୁଷ୍ଠାନର ମୁଖ୍ୟ ସୁରେଶ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ଅନ୍ୟ କର୍ମକର୍ତ୍ତା ଏବଂ ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ■ ଜନ ଶିକ୍ଷଣ ସଂସ୍ଥାନ

ସର୍ବୋଦୟ ନଗରସ୍ଥିତ କାର୍ଯ୍ୟାଳୟ ପରିସରରେ ଜନ ଶିକ୍ଷଣ ସଂସ୍ଥାନ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା ନିଯୁକ୍ତି ବିନିମୟ ପ୍ରତିନିଧି ଶ୍ରୀମାନ ସଞ୍ଜୁ, ବୁଦ୍ଧିଜୀବୀ ସୁକାନ୍ତ କୁମାର ମହାନ୍ତି, ସାମାଜିକ ଅନୁଷ୍ଠାନ ସାହିଭାଇର ସଭାପତି ବ୍ରଜବନ୍ଧୁ ମହାରଣା, ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର, ସଂସ୍ଥାନର ପୂର୍ବତନ କୋଷାଧ୍ୟକ୍ଷ ସମୀର କେଶରୀ ହରିଚନ୍ଦନ ଉପସ୍ଥିତ ଥିଲେ। ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ଶଶିଭୂଷଣ ଦତ୍ତ, ସହ କାର୍ଯ୍ୟକ୍ରମ ଅଧିକାରିଣୀ ନିକି ପ୍ରଧାନ, ପ୍ରସାଦ ଦ୍ୱିବେଦୀ, ଜୀବନଜିତା ଦାସ, ପ୍ରତାପ ବେହେରା, ବାଦଲ ପରିଡ଼ା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

### ■ ପାରାଡାଇଜ୍ ବୃଦ୍ଧାଶ୍ରମ

ଶାସନ ଦାମୋଦରପୁର କୋଇଲାଅଡାସ୍ଥ ପାରାଡାଇଜ୍ ବୃଦ୍ଧାଶ୍ରମରେ ଅନୁଷ୍ଠାନର ମୁଖ୍ୟ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ମାନସ ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ବଦ୍ରି ମିଶ୍ର, ଜୟନ୍ତୀ ମହାପାତ୍ର, ମଧୁମିତା ମହାପାତ୍ର ଯୋଗଦେଇଥିବା ବେଳେ କେଦାରନାଥ ମହାପାତ୍ର, ଅଜୟ ପ୍ରଧାନ, ଶିବରାମ ପ୍ରଧାନ, ସବ୍ୟସାଚୀ ସେନାପତି, ରମାକାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ଶ୍ରୀମନ୍ଦିରରେ ସରିଲା ନନ୍ଦୋତ୍ସବ

## ସୋମବାରଠୁ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ନୀତି

ପୁରୀ,୧୬।୮ (ସମିସ): ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ପରେ ଶନିବାର ଶ୍ରୀମନ୍ଦିରରେ ପାଳିତ ହୋଇଛି ନନ୍ଦୋତ୍ସବ। ମଙ୍ଗଳ ଆଳତି ବଢ଼ିବା ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ଆଣି ଜଗମୋହନ ଦୋଳିରେ ବିଜେ କରାଇଥିଲେ। ଦକ୍ଷିଣୀଘରୁ ମଦନମୋହନ ଆସି ସେହି ଦୋଳିରେ ବିଜେ ହୋଇଥିଲେ। ମହାସ୍ନାନ ନୀତି ପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ନୂଆ ଲୁଗା ଲାଗି କରାଇଥିଲେ। ଏହାପରେ ମହାପ୍ରଭୁଙ୍କ ସର୍ବାଙ୍ଗ ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ଦେବୀ ସୁଭଦ୍ରାଙ୍କୁ ଆଜ୍ଞାମାଳ ଖଣ୍ଡେ ଏବଂ କର୍ପୂର ଲାଗି କରାଯାଇଥିଲା। ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଷଷ୍ଠୀ ମାର୍କଣ୍ଡୀ ପୂଜା ପରେ ପାଣିପଡ଼ି ଟେରାବନ୍ଧା ହୋଇଥିଲା। ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଶୁଦ୍ଧସୁଆର ଦୁଇଟି ପିତ୍ତଳ ବଟାରେ ମଙ୍ଗଳାର୍ପଣ ସାମଗ୍ରୀ ରଖିଥିଲେ। ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ଶ୍ରୀଜଗନ୍ନାଥ ବାଡ଼ ଏବଂ ସୁଭଦ୍ରାଙ୍କ ବାଡ଼ରେ ମଙ୍ଗଳାର୍ପଣ କରି ତିନିବାଡ଼ରେ ବନ୍ଦାପନା କରିଥିଲେ। ପତିମହାପାତ୍ର ଭଣ୍ଡାର ଘରୁ ରୁପାବଟାରେ ଦୁର୍ଗାଦେବୀଙ୍କୁ ବିଜେ କରାଇ ଆଣିଥିଲେ। ପୂଜାପଣ୍ଡା ସୁଭଦ୍ରାଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ପ୍ରଦାନ କରିଥିଲେ। ପତିମହାପାତ୍ର ଦେବୀ ଦୁର୍ଗାଙ୍କୁ ଜଗମୋହନ ଦୋଳି ସମ୍ମୁଖ ଖଟୁଲି ଉପରେ ବିଜେ କରାଇଥିଲେ। ସେଠାରେ ମହାସ୍ନାନ ଓ ଶୀତଳଭୋଗ ନୀତି ସମ୍ପନ୍ନ ହୋଇଥିଲା। ଦେବୀ ଦୁର୍ଗାଙ୍କୁ ସାତପାହାଚ ଦ୍ୱାର ଡମ୍ବରୁ ଉପରକୁ ବିଜେ କରାଯାଇଥିଲା। ସେଠାରେ ବିଜୁଳି କନ୍ୟା ନୀତି ସମ୍ପନ୍ନ ପରେ ଦେବୀ ଭଣ୍ଡାର ଘରକୁ ବାହୁଡ଼ା ବିଜେ କରିଥିଲେ। ଏହାପରେ ରାମ, କୃଷ୍ଣ ଓ ମଦନମୋହନ ଦୋଳିରୁ ଓହ୍ଲାଇ ଖଟ ଉପରକୁ ବିଜେ କରିଥିଲେ। ସେଠାରେ ମାଜଣା ଏବଂ ଫୁଲ ଲାଗି ହେବା ପରେ ସାତପାହାଚ ଦ୍ୱାରରେ ଥିବା ପାଲିଙ୍କିରେ ଯାଇ ଲକ୍ଷ୍ମୀମନ୍ଦିର ଜଗମୋହନରେ ପଡ଼ିଥିବା ଖଟ ଉପରେ ବିଜେ କରିଥିଲେ। ଭିତରଚ୍ଛ ମହାପାତ୍ର ନନ୍ଦ ରାଜା ଭାବେ ଶ୍ରୀନଅରକୁ ଯାଇ ଫେରିଆସି ସ୍ନାନ ମଣ୍ଡପରେ ବସିଥିଲେ। ଭରତିଆ ଗୌଡ଼ ପୁତ୍ର ଜନ୍ମ ହେବା ଖବର ଦେବା ସହିତ ନନ୍ଦରାଜାଙ୍କ ଲୁଗା ଫେରକୁ ଭିଡ଼ି ଭିଡ଼ି ଲକ୍ଷ୍ମୀ ମନ୍ଦିରକୁ ନେଇଥିଲେ। ସେଠାରେ ନନ୍ଦରାଜା ପୁତ୍ରଙ୍କୁ ଦୁଗ୍ଧ ସମର୍ପଣ କରିବା ସହିତ ବନ୍ଦାପନା କରିଥିଲେ। ପରେ ପୁଅମାନଙ୍କୁ (ରାମ, କୃଷ୍ଣ ଓ ମଦନମୋହନ) ଧରି ଜଗମୋହନ ଦୋଳିକୁ ବିଜେ କରିଥିଲେ। ଦୋଳିରୁ ଠାକୁରମାନେ ଦକ୍ଷିଣୀଘରକୁ ବିଜେ କରିଥିଲେ। ସୋମବାରଠାରୁ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ନୀତି ଆରମ୍ଭ ହେବ। ପ୍ରଥମଦିନ ଠାକୁରଙ୍କ ବଣଭୋଜି ବେଶ ଓ କୋଳିବିକା ନୀତି ଅନୁଷ୍ଠିତ ହେବ। ଶ୍ରୀକୃଷ୍ଣ ବକାସୁର ଏବଂ ଅର୍ଘାସୁରକୁ ବଧ କରିବେ।

**ପ୍ରଥମ ଦିନରେ ହେବ ବଣଭୋଜି ବେଶ**

## ପୁଲିସ ଅଧିକାରୀଙ୍କୁ ୧୮୯ ବାଇକ୍ ପ୍ରଦାନ

ପୁରୀ,୧୬।୮ (ସମିସ): ପୁଲିସ ଅଧିକାରୀ ପାଟ୍ରୋଲିଂ ଏଣିକି ସହଜ ହେବ। ଭିଡ଼ ଭିତରେ ବି ସେମାନେ ଘଟଣାସ୍ଥଳରେ ପହଞ୍ଚିବା ସହଜ ହେବ। ଆଉ ଚାରିଚକିଆ ଗାଡ଼ି ଉପରେ ସେମାନଙ୍କୁ ନିର୍ଭର କରିବାକୁ ପଡ଼ିବ ନାହିଁ। କୌଣସି ସ୍ଥାନରେ ଅପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ଖବର ପାଇବାକ୍ଷଣି ସର୍ଟକଟ୍ ଏପିରିକି, ଗଳିକନ୍ଦି ରାସ୍ତାରେ ଯାଇ ଠିକଣା ଜାଗାରେ କମ୍ ସମୟ ମଧ୍ୟରେ ପହଞ୍ଚିବେ। ସମଗ୍ର ଜିଲ୍ଲାରେ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି ସହଜ ଓ ସୁଗମ କରିବା ପାଇଁ ଏସ୍‌ଆଇ ଓ ଏଏସ୍‌ଆଇ ଅଧିକାରୀଙ୍କୁ ବାଇକ୍ ପ୍ରଦାନ କରାଯାଇଛି। ରିଜର୍ଭ ପୁଲିସ ପଡ଼ିଆରେ ବାଇକ୍ ପାଟ୍ରୋଲିଂ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ସମଗ୍ର ଜିଲ୍ଲାରେ ୧୮୯ଟି ମୋଟର ସାଇକଲ୍ ପ୍ରଦାନ କରାଯିବ। ଶୁକ୍ରବାର ରିଜର୍ଭ ପଡ଼ିଆରେ ଏସ୍‌ପି ପିନାକ ମିଶ୍ର ପତାକା ଦେଖାଇ ଏହି ବାଇକ୍ ପାଟ୍ରୋଲିଂର ଶୁଭାରମ୍ଭ କରିଛନ୍ତି। ମହିଳା ପୁଲିସ୍ ଅଧିକାରୀଙ୍କୁ ସ୍କୁଟି ଏବଂ ପୁରୁଷ ଅଧିକାରୀଙ୍କୁ ବାଇକ୍ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




CAD-1496

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ

ORERA

Odisha Real Estate Regulatory Authority

ଆପଣ ଜାଣନ୍ତି କି ?

- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ। ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ।

ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ
ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ।

Secretary, Odisha RERA
Block-A1, 3rd Floor, Toshali Bhawan, Satya Nagar, Bhubaneswar-751007
Email: reraodisha@gmail.com

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
https://rera.odisha.gov.in

“ଆପଣଙ୍କର ଅଧିକାର, ଆମ ଦାୟିତ୍ୱ”

OIPR-13223/11/0014/2526

# ଆତ୍ମଦାହ



ମହମ୍ମଦ ହିଫ୍‌ଜୁର ରହେମାନ

ବୁଢ଼ା ଲୋକଟି । ବୟସ ପାଖାପାଖି ୭୦ ହେବ । ହାତରେ ବାଡ଼ି ଓ ଖଣ୍ଡିଆ ସାଇକଲ ଧରି ସବୁଦିନ କଲେଜ ସାମ୍ନାରେ ଥିବା ଆମ୍ବଗଛ ମୂଳେ ବସନ୍ତି । ସକାଳୁ ସନ୍ଧ୍ୟା ଯାଏଁ ସେଠି ବସନ୍ତି । ସୂର୍ଯ୍ୟ ନଇଁଲେ ଚୁପଚାପ୍ ପୁଣି ଗାଁ ଘରକୁ ଫେରି ଯାଆନ୍ତି । କି ଖରା, କି ବର୍ଷା, କି ଶୀତ, ୬-୭ ବର୍ଷ ହେଲା ଏହା ତାଙ୍କ ଅଭ୍ୟାସରେ ପରିଣତ ହୋଇଯାଇଛି । ଧୋତି, ପଞ୍ଜାବୀ, ଗାମୁଛା, ସଅଁପ, ତକିଆ ହେଉଛି ତାଙ୍କର ମୋଟ୍ ସଂପତ୍ତି । କିନ୍ତୁ ଗାଁ ଲୋକ ତାଙ୍କର ବହୁତ ସମ୍ମାନ କରନ୍ତି । ସମୟରେ ଆଣି ତାଙ୍କୁ ଖାଇବାକୁ ଦିଅନ୍ତି । କେହି କେହି ତାଙ୍କର କପଡ଼ା ନେଇ ସଫା ମଧ୍ୟ କରି ଦିଅନ୍ତି । ସେ କାହାରିକୁ କିଛି କହନ୍ତି ନାହିଁ । ପାଗଳପ୍ରାୟ, ଚୁପଚାପ୍ ରହନ୍ତି । କେହି କିଛି ପଚାରିଲେ ଉତ୍ତର ବି ଦିଅନ୍ତି ନାହିଁ । କେବଳ ଅନାଇ ଦିଅନ୍ତି । ଲାଗୁଛି ତାଙ୍କ ଆଖିରେ ଭର୍ତ୍ତି ରହିଛି ମାଳ ମାଳ ପ୍ରଶ୍ନ ।

ବିଶ୍ୱମିତ୍ର ସାର୍‌ଙ୍କୁ କିଏ ନ ଚିହ୍ନେ! ମାଳତିପୁର ହାଇସ୍କୁଲର ଖୁବ୍ ଲୋକପ୍ରିୟ ଶିକ୍ଷକ । ତାଙ୍କର ଅନେକ ଶିଷ୍ୟ ସରକାରରେ ବଡ଼ ବଡ଼ ପଦବିରେ ଅଛନ୍ତି । ପିଲାମାନଙ୍କୁ ଏମିତି ସ୍ନେହରେ ପଢ଼ାନ୍ତି ଯେ ପିଲାମାନେ ନିଜ ଘରକୁ ଭୁଲି ଯାଆନ୍ତି । ସେମାନେ ଖାଇବାକୁ ଭୁଲି ପାରନ୍ତି,କିନ୍ତୁ ବିଶ୍ୱମିତ୍ର ସାର୍‌ଙ୍କ କ୍ଲାସ୍‌କୁ ମିସ୍ କରିବେ ନାହିଁ । ଦରକାର ପଡ଼ିଲେ ଘରକୁ ଡାକି ପିଲାଙ୍କୁ ପାଠ ପଢ଼ାନ୍ତି । ଏଥିପାଇଁ ଟଙ୍କାଟିଏ ବି ନିଅନ୍ତି ନାହିଁ ।

ତାଙ୍କର ବି ସୁଖୀ ସଂସାର । ପତ୍ନୀ ବିଜୟଲକ୍ଷ୍ମୀ ମଧ୍ୟ ପର୍‌ଫେକ୍ଟ ଗୃହିଣୀ । ସ୍କୁଲ ପିଲା ଆସିଲେ, ସେମାନଙ୍କୁ ମା'ଙ୍କ ପରି ସ୍ନେହ କରି ଘରେ ବସାନ୍ତି । ନିଜ ପିଲାଙ୍କ ଭଳି ଘରେ ଖାଇବାକୁ ଦିଅନ୍ତି । ବିଶ୍ୱମିତ୍ର ସାର୍‌ଙ୍କର ଦୁଇଟି ଝିଅ । ବଡ଼ ଝିଅ ମନୋରମା ବିପି କଲେଜରେ ବି.ଏସ୍‌ସି. କରୁଛି । ନା ଯେମିତି ଦେଖିବାକୁ ବି ଭାରି ସୁନ୍ଦର । ପାଠପଢ଼ାରେ ବି ସ୍ମାର୍ଟ । ସାନ ଝିଅ ଶେଫାଳି ନବମ କ୍ଲାସ୍‌ରେ ପଢୁଛି ।

ମନୋରମା ସବୁଦିନ ଠିକ୍ ୧୦ଟାରେ ସାଇକଲ୍ ଧରି କଲେଜ ଯାଏ । ସନ୍ଧ୍ୟା ହେଲେ ଫେରି ଆସେ । କ୍ଲାସ୍ ସରିଲେ ଲାଇବ୍ରେରିରେ ବସି ନୋଟ୍ ଲେଖାଲେଖି କରେ । କୌଣସି ଟେନସନ୍ ନାହିଁ । ପାଠ ପଢ଼ିବା ସହିତ ଘର କାମରେ ମାଆଙ୍କ ହାତ ବଢ଼ାଏ । କଲେଜ ଯିବା ପୂର୍ବରୁ ବାପାଙ୍କ ପାଇଁ ଖାଇବା ପ୍ରସ୍ତୁତ କରିଦିଏ । ବାପାଙ୍କର ଯେମିତି ଟିକିଏ ବି ଅସୁବିଧା ନହୁଏ, ସେଥିପାଇଁ ସେ ଭାରି କେୟାରଫୁଲ୍ ।

ସେଦିନ କାହିଁ କେଜାଣି, ମନୋରମା ଭାରି ଟେନ୍‌ସନ୍‌ରେ ଲାଗୁଥିଲା । ମାଆ ବିଜୟଲକ୍ଷ୍ମୀ ବିଶେଷ ଧ୍ୟାନ ଦେଲେନି । ଭାବିଲେ ପଢ଼ାପଢ଼ି କରୁଛି ତ ପ୍ରେସର୍‌ରେ ଥିବ । ସନ୍ଧ୍ୟା ବେଳେ ଚା' ପିଇବାକୁ ବାରଣ୍ଡାରେ ବସି ଥାଆନ୍ତି ବିଶ୍ୱମିତ୍ର ସାର୍ । ପାଖରେ ବିଜୟଲକ୍ଷ୍ମୀ ଏବଂ ଶେଫାଳି ବି ବସିଛନ୍ତି । କିନ୍ତୁ ସେଠାରେ ନଥିଲା ମନୋରମା । ବିଶ୍ୱମିତ୍ର ସାର୍ ଖୋଜିଲେ, ଆରେ ମନୋରମା କୁଆଡ଼େ ଗଲା? କଲେଜରୁ ଫେରିଲାଣି ତ?

ବିଜୟଲକ୍ଷ୍ମୀ କହିଲେ, "ହଁ ଫେରିଛି । ବୋଧେ ଦେହ ଭଲ ଲାଗୁନି, ଶୋଇଛି ସେ ।"

- କାହିଁକି କ'ଣ ହେଲା ତାକୁ? ବ୍ୟସ୍ତ ହୋଇପଡ଼ିଲେ ବିଶ୍ୱମିତ୍ର ସାର୍ ।

- ତମେ ଚା' ପିଅ, ସେ ଟିକିଏ ପରେ ଆସିବ, କହିଲେ ବିଜୟଲକ୍ଷ୍ମୀ ।

- ଚା' କପ୍ ଧରି ଉଠିପଡ଼ିଲେ ବିଶ୍ୱମିତ୍ର ସାର୍ । ମନୋରମାଙ୍କ ରୁମକୁ ଯାଇ ପଚାରିଲେ, "ଆରେ ମା' କ'ଣ ହେଲା, ଶୋଇଛୁ କାହିଁକି? ଦେହ ଭଲ ଲାଗୁନି?"

କିଛି କହିଲାନି ମନୋରମା । ବ୍ୟସ୍ତ ହୋଇପଡ଼ିଲେ ବିଶ୍ୱମିତ୍ର ସାର୍ । ପାଖରେ ଯାଇ ବସି ମନୋରମାର ମୁଣ୍ଡ ଆଉଁସି ଦେଲେ ।

ଧଡ଼ କରି ଉଠିପଡ଼ିଲା ମନୋରମା । କହିଲା – "ନାହିଁ ବାପା କିଛି ନୁହେଁ । ଦେହ ଭଲ ଲାଗୁନି ।"

-କ'ଣ ହେଇଛି କହୁନୁ? ଡାକ୍ତର ପାଖକୁ ନେଇଯିବି ।

ସେପଟୁ ବିଜୟଲକ୍ଷ୍ମୀ ପାଟି କରି କହିଲେ, "ଛାଡ଼ି ଦିଅ ତାକୁ । ଦେହ ଭଲ ଲାଗିଲେ ସେ ଆସିବ ନି ।"

- ଠିକ୍ ଅଛି ମା', ତୁ ରେଷ୍ଟ ନେ । କହିଲେ ବିଶ୍ୱମିତ୍ର ସାର୍ ।

ରାତିରେ ଖାଇଲା ବେଳକୁ ବି ଆସିଲାନି ମନୋରମା । ତାକୁ ଡାକିବା ଲାଗି ବିଶ୍ୱମିତ୍ର ସାର୍ ଜିଦ୍ ଧରିବାରୁ ବିଜୟଲକ୍ଷ୍ମୀ ଯାଇ ମନୋରମାକୁ ଡାକିଲେ । କିନ୍ତୁ ସେ ଖାଇବାକୁ ମନାକଲା ।

-ତତେ କ'ଣ ହେଇଛି କହୁନୁ? କଲେଜରୁ ଫେରିବା ବେଳଠୁ ବେଡ୍‌ରେ ପଡ଼ିଛୁ । ତୋର ପରୀକ୍ଷା ପାଇଁ ଏବେ ସମୟ ତ ଅଛି । ଏତେ ଟେନ୍‌ସନ୍ କାହିଁକି? ବାପାଙ୍କୁ କହୁଛି କାଲି ନେଇ ତତେ ମାମୁଁ ଘରେ ଛାଡ଼ିଦେବେ । ଟିକେ ବୁଲି ଆସିଲେ ଭଲ ଲାଗିବ ।

ଏହାଶୁଣି କାନ୍ଦିବାକୁ ଲାଗିଲା ମନୋରମା । କହିଲା, "କାଲିଠୁ ଆଉ କଲେଜ ଯିବି ନାହିଁ ।"

ମନୋରମା ମୁହଁରୁ ଏହା ଶୁଣି ଚମକି ପଡ଼ିଲେ ବିଜୟଲକ୍ଷ୍ମୀ । ଆଉ ଯାହା ପଚାରିଲେ, କିଛି କହିଲାନି ମନୋରମା । ଖାଲି କାନ୍ଦିବାକୁ ଲାଗିଲା । ବିଜୟଲକ୍ଷ୍ମୀ ଡାକ ପକାଇବାରୁ ବିଶ୍ୱମିତ୍ର ସାର୍ ଆସିଲେ ।

- ହେଇଠି ଶୁଣ, କ'ଣ କହୁଛି ମନୋରମା ।

- କ'ଣ ହେଇଛି ମା' । କାନ୍ଦୁଛୁ କାହିଁକି ପଚାରିଲେ ବିଶ୍ୱମିତ୍ର ସାର୍ ।

ସେହି ତା'ର ଗୋଟିଏ ଉତ୍ତର, ମୁଁ ଆଉ କଲେଜ ଯିବିନାହିଁ ।

- କାହିଁକି କ'ଣ ହେଇଛି, କହୁନୁ ।

- ମୁଁ କଲେଜରୁ ଫେରିଲା ବେଳେ ତିନି ଚାରି ଜଣ ଟୋକା ମୋର ପିଛା କରି ଖରାପ ଖରାପ କମେଣ୍ଟ ମାରୁଛନ୍ତି ।

ମନୋରମାର ଏହି କଥା ଶୁଣି, ରାଗିଗଲେ ବିଶ୍ୱମିତ୍ର ସାର୍ । " ତୁ ତ କାହିଁକି ଆଗରୁ କହିଲୁନି । ହଉ କାଲି ମୁଁ ଯାଇ ତୋ ପ୍ରିନ୍‌ସିପାଲଙ୍କୁ ଦେଖା କରି କହିବି ।"

ମନୋରମା କହିଲା, "ମୁଁ ପ୍ରିନ୍‌ସିପାଲ ସାର୍‌ଙ୍କୁ କହିଥିଲି । ଖାଲି କହୁଛନ୍ତି, ହଁ ଦେଖିବା , ଆଉ କିଛି କରୁ ନାହାନ୍ତି ।"

- ହଉ ଠିକ୍ ଅଛି ମୁଁ କଥା ହେବି । ତୁ ବ୍ୟସ୍ତ ହୁଅନା । କହିଲେ ବିଶ୍ୱମିତ୍ର ସାର୍ ।

ରାତିରେ ଖାଇପିଇ ସମସ୍ତେ ଶୋଇବାକୁ ଗଲେ । ସକାଳେ ସମସ୍ତେ ଶୋଇକି ଉଠିଲେ । ମନୋରମା ଏତେ ଡେରି ଯାଏଁ ଶୋଇବ ନାହିଁ ତ? ବିଜୟଲକ୍ଷ୍ମୀ ଘର କବାଟ ଦେଖିଲା ବେଳକୁ ମନୋରମା ତା' ରୁମରେ ନାହିଁ । ତା' ବେଡ୍‌ରେ ଖାଲି ଗୋଟିଏ ପେପର୍ କ'ଣ ପଡ଼ିଛି!

କାଗଜ ପଢ଼ି ବିଜୟଲକ୍ଷ୍ମୀଙ୍କ ମୁଣ୍ଡରୁ ଝାଳ ବୋହିଗଲା । ସେ ଦୌଡ଼ିଯାଇ ବିଶ୍ୱମିତ୍ରଙ୍କୁ ଦେଖାଇଲେ । ବାରଣ୍ଡାରେ ବସି ଖବର କାଗଜ ପଢୁଥିଲେ ବିଶ୍ୱମିତ୍ର । କାଗଜ ପଢ଼ି ବିଶ୍ୱମିତ୍ର ସାର୍‌ଙ୍କ ଆଖି ତଳେ ଅନ୍ଧାର ହୋଇଗଲା ।

"ବାପା-ବୋଉ, ମତେ ଆଉ ଖୋଜିବ ନାହିଁ । କାଲି କଲେଜରୁ ଫେରିଲା ବେଳେ ସେହି ପିଲାମାନେ ମୋ ସହ ଯାହା କରିଛନ୍ତି, ମୁଁ କହିପାରିବି ନାହିଁ । ମୋତେ କ୍ଷମା କରିବ । ମୁଁ ଆଉ ବଞ୍ଚିବାକୁ ଚାହେଁ ନାହିଁ । ଶେଫାଳିକୁ ଆଉ କଲେଜ ଛାଡ଼ିବ ନାହିଁ । ପ୍ଲିଜ୍ ।"

ମନୋରମାର ଏହି ନୋଟ୍ ଯେମିତି ବିଶ୍ୱମିତ୍ର ସାର୍‌ଙ୍କ ସଂସାର ଉଜାଡ଼ି ଦେଲା । ଆଖପାଖ ଅଞ୍ଚଳରେ ଯେତେ ଖୋଜିଲେ ବି ମନୋରମାର ପତ୍ତା ମିଳିଲା ନାହିଁ । ଥାନାରେ ଏଫ୍‌ଆଇଆର୍ ଦେଲେ । ପୁଲିସ କହୁଛି, ଆମେ ଚେଷ୍ଟା କରୁଛୁ । ଆପଣ ବି ନିଜ ବନ୍ଧୁବାନ୍ଧବ ଘରକୁ ଯାଇ ଖୋଜନ୍ତୁ । ପୁଲିସ ପାଖକୁ ଡେଲି ଦୌଡ଼ିଲେ ବିଶ୍ୱମିତ୍ର ସାର୍ । କାଳେ ସେମାନେ ଖବର ପାଇଥିବେ । ଥାନାରେ ପଶୁ ପଶୁ ଜଣେ ପୁଲିସ ବାଲା କହିଲେ, "ସାର୍ ଯାହା ଲାଗୁଛି, ସେଟିଂ ହେଇ ଆପଣଙ୍କ ଝିଅ କାହା ସହ ପଳାଇଛି । ମୋତେ ଡାଉଟ୍ ଲାଗୁଛି । ଆପଣ ଦେଖନ୍ତୁ ।"

ଏହା ଶୁଣି ବିଶ୍ୱମିତ୍ର ସାରଙ୍କ ମୁହଁ ଲାଲ୍ ପଡ଼ିଗଲା । "ନା ନା ଏମିତି ହେଇପାରିବ ନି । ମୋ ଝିଅ ଏମିତି ସେମିତି ଝିଅ ନୁହେଁ । ମୋ ଝିଅ ଚରିତ୍ର ଉପରେ ଆଙ୍ଗୁଠି ଉଠାଇବାକୁ ଆପଣ କିଏ? ହାଓ ଡେୟାର??"

ମନରେ କୋହ ଓ ଆଖିରେ ଲୁହ ନେଇ ଘରକୁ ଫେରିଲେ ବିଶ୍ୱମିତ୍ର ସାର୍ । ବିଜୟଲକ୍ଷ୍ମୀଙ୍କୁ ସବୁକଥା କହିଲେ । ବିଜୟଲକ୍ଷ୍ମୀ ମୁଣ୍ଡରେ ହାତ ଦେଇ କହିଲେ, କାହା କାହା ତୁଣ୍ଡ ବନ୍ଦ କରିବି । ଯାଡ଼େ ସାଇ ପଡ଼ିଶା ଲୋକ କହୁଥିବା ବେଳେ, ଶେଷରେ ପୁଲିସ ବି ତାଙ୍କ କଥାରେ ପଡ଼ିଗଲା । ହେ ଭଗବାନ, ମୋ ଝିଅଟା ଖାଣ୍ଟି ସୁନା । ତା' ମୁଣ୍ଡରେ ଅପବାଦ କାହିଁକି? ତମର ଆମେ କି ଦୋଷ କରିଥିଲୁ ଯେ ଆଜି ଏଭଳି ଅବସ୍ଥା ଭୋଗିବାକୁ ପଡୁଛି ।

ଝିଅକୁ ଖୋଜିବାରେ ଦିନରାତି ଏକ କରିଦେଲେଣି ବିଶ୍ୱମିତ୍ର ସାର୍ । କେବେ ଥାନାକୁ ଦୌଡୁଛନ୍ତି, ତ କେବେ କଲେଜ । ପୁଣି କଉ ବନ୍ଧୁବାନ୍ଧବ ଘର ବି ଛାଡ଼ି ନାହାନ୍ତି । ମନୋରମାଙ୍କୁ ଖୋଜିବାରେ ଟିକିଏ ବି ଅବହେଳା କରୁ ନାହାନ୍ତି । ଯାହାର ଅଚିହ୍ନା ଶବ ମିଳିଲେ ପୁଲିସବାଲା ବିଶ୍ୱମିତ୍ର ସାର୍‌ଙ୍କୁ ଡାକି ଦେଖାଉଛନ୍ତି । ଏ ଆପଣଙ୍କ ଝିଅ ନୁହେଁ ତ ? ଏମିତ କେତେ ଯେ ବିକୃତ ଶବ ଦେଖିଲେଣି ।

ଥକି ଗଲିଣି ହେ ପ୍ରଭୁ । ମୋ ଦେହରେ ଆଉ ବଳ ନାହିଁ । ମୋ ଝିଅକୁ ଫେରାଇ ଦିଅ । ଝିଅକୁ ଝୁରି ଝୁରି ବେମାର ହୋଇଗଲେଣି ବିଜୟଲକ୍ଷ୍ମୀ । ଆଉ ବିଛଣାରୁ ଉଠି ପାରୁନାହାନ୍ତି । ତାଙ୍କୁ ଡାକ୍ତରଖାନା ନେବାରେ ବିଶ୍ୱମିତ୍ର ସାର୍‌ଙ୍କ ସମୟ ଯାଉଛି । ସାନ ଝିଅ ଶେଫାଳି ଆଉ ସ୍କୁଲ ଯାଇପାରୁନି । ଘର କାମ ବୋଝ ତା' ଉପରେ । ମା'ଙ୍କ ସେବାରେ ବି ଲାଗିଛି ।

ଉଜୁଡ଼ି ଗଲାଣି ସୁନାର ସଂସାର । ଯାହା ଜମିବାଡ଼ି ଥିଲା ସବୁ ବିକ୍ରି କରି ବିଜୟଲକ୍ଷ୍ମୀଙ୍କ ଚିକିତ୍ସାରେ ଯାଉଛି । ଦିନକୁ ଦି ଥର ବି ଆଉ ପେଟପୂରା ଖାଇବାକୁ ନାହିଁ ।

ଝିଅ, ଆମେ କି ଦୋଷ କରିଥିଲୁ ଯେ ତୁ ଏଭଳି ବଦଲା ନେଲୁ । କିଏ କ'ଣ ଭାବୁଛି ଭାବୁ, ତୁ ତ ଆମର ସୁନାପିଲା ଥିଲୁ । ଆମ କଥା ଟିକିଏ ବି ଚିନ୍ତା କଲୁନାହିଁ । ଘର ବାରଣ୍ଡାରେ ବସି କାନ୍ଥରେ ଆଉଜି ମନକୁ ମନ କହି ଚାଲିଥିଲେ ବିଶ୍ୱମିତ୍ର ସାର୍ । ଆଖିରୁ ଲୁହ ସୁଖୁନାହିଁ, ନିଦ ବି ହଜିଗଲାଣି ।

ଶେଷରେ ମୃତ୍ୟୁ ଆଗରେ ହାର ମାନିଗଲେ ବିଜୟଲକ୍ଷ୍ମୀ । ଯାହା ଟିକିଏ ବାକି ଥିଲା, ତାହା ବି ସରିଗଲା । ସାନ ଝିଅ ଶେଫାଳିକୁ ତାଙ୍କ ମାମୁଁ ଘର ଲୋକ ଆସି ନେଇଗଲେ । ସେମାନେ ବିଶ୍ୱାମିତ୍ର ସାର୍‌ଙ୍କୁ ନେବାକୁ ବହୁତ ଚେଷ୍ଟା କଲେ । କିନ୍ତୁ ସେ ଗଲେ ନାହିଁ । କାଳେ ଝିଅ ଆସିବ । କହିଲେ, "ଶେଷ ନିଶ୍ୱାସ ଯାଏଁ ଅପେକ୍ଷା କରିବି ।"

ବିଶ୍ୱମିତ୍ର ସାର୍ ଝିଅ ଓ ପତ୍ନୀଙ୍କୁ ଝୁରି ଝୁରି ପାଗଳ ପ୍ରାୟ ହୋଇଗଲେଣି । ସେ ଖଣ୍ଡିଆ ଦଦରା ସାଇକଲ ଧରି ସବୁଦିନ ଝିଅ ପଢ଼ିଥିବା ବିପି କଲେଜ ସାମ୍ନାକୁ ଯାଇ ଗଛ ତଳେ ବସୁଛନ୍ତି । ଅପେକ୍ଷା, ଝିଅ ନିଶ୍ଚୟ ଫେରିବ ।



# ଅନ୍ତରୀକ୍ଷରେ ଅନ୍ଧାର



ନୃସିଂହ ତରାଇ


ଅନ୍ଧାର ଚଢୁଥାଏ
ମାଟିରୁ ପାହାଡ଼ ଶିଖରକୁ
ବଣ ମାଳ ଡେଇଁ
ଅମ୍ଲଜାନ ସରି ଆସୁଥାଏ
ଓ ସେଇଠୁ ଆରମ୍ଭ ହେବାକୁ
ଥାଏ ବୋଧେ
ଗ୍ଲାନିର ଆକାଶ ।

ସାରା ଆକାଶ
ଆକାଶର ଶିରା ପ୍ରଶିରାରେ
ଲୁହ ଆଉ ଲହୁ
ରକ୍ତବୋଳା ମାଂସ ସାରା
ପୋଡ଼ା ଗନ୍ଧ...ବାରୁଦ ବାରୁଦ
ନେସି ହେଇ ରହିଛି
ମୃତ୍ୟୁମାନଙ୍କ ନାଗ ଫାଶ ।

ନଈ ସମୁଦ୍ର ପାହାଡ଼
ଘଞ୍ଚ ବଣ, ପଥ ଅପର୍ଯ୍ୟାପ୍ତ
ଦିଗବଳୟ ପରି ଦିଶୁଥିବା
ମାଇଲ ମାଇଲ ଦୂରତାରୁ
ଯୁଦ୍ଧର ଜୁଆର ଲଂଘେ
ସୀମା ସରହଦ... ।

ଆସ ଆସ ଦେଖିବ
କେତେ କେତେ ମୃତ୍ୟୁ
ମଣିଷର ,ପ୍ରକୃତିର
ପୃଥିବୀର ମୃତ୍ୟୁ
ମାନବିକତାର ମୃତ୍ୟୁ
ଆଲୁଅର ଅଶାର ଆକାଂକ୍ଷାର
ମୃତ୍ୟୁ ମୃତ୍ୟୁ ମୃତ୍ୟୁ ...

ମୋ ୭ ୯ ୭ ୮ ୩ ୮ ୧୨୧୩



# ଗୁଞ୍ଜରଣ



ପୂରବୀ ଶତପଥୀ

ଅଗଣନ ଅଶରୀରୀର ଅପାଦ ନୃତ୍ୟରେ
କୁହୁଡ଼େଇ ଅଦୃଶ୍ୟ ହୋଇଯାଉଥିବା
ଏକ ଅଦ୍ଭୁତ ପୃଥିବୀ ଏଠି ଏବେ ।

ବନମାନସରେ, ଏଇ ଜୈତ୍ରଯାତ୍ରାରେ,
ମୁହୂର୍ମୁହୁଃ କାନଫଟା ଆତଙ୍କ ଭିତରେ,
ଏ କେଉଁ ଆତ୍ମବିସ୍ମୃତ ସ୍ୱରର ଗୁଞ୍ଜର ?

ମୁଁ କିଏ?
ହଜାର ଲଟାଦେହୀ ମୁଁ କି ଏକ ସେତୁ?
ଅସୁମାରି ପାଣିର ଗାର ନେଇ
ମୁଁ କି ଏକ ନଈ?
ମାଟିର ଦେହରଙ୍ଗ ବଦଳେଇ ପାରୁଥିବା
ମୁଁ ମୁଠାଏ ସ୍ୱଚ୍ଛ ଅବିର ?
ଅଥବା ସ୍ରୋତର ଛାତିରେ
ଛମ୍‌ଛମ୍ ବାଜୁଥିବା ମାଳେ ଘୁଙ୍ଗୁର ?

ମୁଁ କିଏ?
ଜଳପକ୍ଷୀ ଯୂଥର ଅପ୍ରତିଭ ଉଲ୍ଲାସ?
ଅବାଞ୍ଛିତ ବିପ୍ଳବ
ଉଦ୍ଧ୍ୟ ଆବେଗ,
ଅଲୋଡ଼ା ସଂପ୍ରୀତି
ନା ଅସମୟର ହାହୁତାଶ?

କିଏ ମୁଁ? ମୁଁ କିଏ?

ମୁଁ କି ଏବେ
ଆନତ ମୁଦ୍ରାରେ ସ୍ଥିରେଇ ଯାଇଥିବା
ଆବେଗ ଓ ତରଙ୍ଗର
ଟୋପେ,ଅକସ୍ମାତ ଦ୍ରବଣ,
ଏକପାଦୀ ମୌନୀ ମୁନି!


ଜିଜୀବିଷା ସହ
ବାଲ୍‌କୋନୀ ରେଲିଂ ଉପରୁ
ଘର ଭିତରକୁ ଡେଇଁପଡ଼ି
ଡାଏରୀ ଭିତରକୁ ଛିଟିକି ଆସୁଥିବା
ଦଲକାଏ ଶବ୍ଦର ସିମ୍ଫୋନି !

ରାସୋଲ, ଢେଙ୍କାନାଳ
ମୋ: ୮୮୪୭୮୨୫୬୮୮

## ପୁସ୍ତକ ପରିଚୟ

### କର୍ଣ୍ଣିକା

କ୍ଷମାନିଧି ଭୋଇ




କାବ୍ୟଲୋକ
ଗ୍ୟାରେଜ ଛକ
ଲୁଇସ୍ ରୋଡ୍, ଭୁବନେଶ୍ୱର-୨
ପ୍ରଥମ ସଂସ୍କରଣ: ୨୦୨୨
ମୂଲ୍ୟ: ୨୦୦ ଟଙ୍କା

ତୋଷାମଦ, ଟାଉଟର, କୁଟିଳ ପ୍ରକୃତିର ମଣିଷ ଯଦି ସିଂହାସନରେ ବସେ,ତେବେ ଶାସନ ବ୍ୟବସ୍ଥା ନିଶ୍ଚୟ ଦୁର୍ବଳ ହୋଇପଡ଼ିବ । ସେ ରାଜତନ୍ତ୍ର ହେଉ କି ଗଣତନ୍ତ୍ର । ଏଭଳି ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି କ୍ଷମାନିଧି ଭୋଇଙ୍କ 'କର୍ଣ୍ଣିକା' ପୁସ୍ତକର କେତେକ କବିତାରେ । ଏହି ପୁସ୍ତକର 'ମାୟା ଖେଳଘର', 'ସିଂହାସନ', 'ବସନ୍ତ', 'ମୁଁ ବଢ଼ିଲା ଝିଅର ବାପା', 'ଅସ୍ପଷ୍ଟ ଅସ୍ତିତ୍ୱ', 'ଫାଶ', 'ଭଙ୍ଗା ହୃଦୟ', 'ଗାନ୍ଧିଜୀ ନାହାନ୍ତି ବୋଲି', 'ଚିରନ୍ତନ ପ୍ରେମ', 'ସବୁ ଯଦି ଠିକ୍', 'ବର୍ଷା ଭାବନା','ପ୍ରୀତିପଦ୍ମା', 'ଆମେ ସ୍ୱାଧୀନ', 'ଶାନ୍ତିର ସନ୍ଧାନ', 'ଉଠ ଜାଗ୍ରତ ହୁଅ','ଅଭିବ୍ୟକ୍ତି', 'ମୋ ଚିତ୍ରିତ ପୃଥିବୀ', 'ଅଭିବ୍ୟକ୍ତ', 'ସ୍ୱାର୍ଥପର', 'ଭାଗ୍ୟ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । କେଉଁଠି କବି ସାଂପ୍ରତିକ ସମାଜର ଅବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି, ପୁଣି କେଉଁଠି ଦୁର୍ବଳ ଶାସନ ବ୍ୟବସ୍ଥାକୁ କଟାକ୍ଷ କରିଛନ୍ତି । ପୁଣି କେଉଁ କବିତାରେ ମାନବିକତାର ଚିତ୍ର ପ୍ରତିଫଳିତ ହୋଇଛି । ଭାବ, ଭାଷା, ଅନୁଭବର ଏକ ପରିପକ୍ୱ କାବ୍ୟ ଚେତନାକୁ ଅନୁଭବ କରିହୁଏ ଏହି ପୁସ୍ତକର କବିତାଗୁଡ଼ିକରେ । 'କର୍ଣ୍ଣିକା'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

### ସ୍ୱାମୀ ବିବେକାନନ୍ଦ

ଶାରଦା ପ୍ରସନ୍ନ ପଣ୍ଡା



ସାଇ ଯମୁନା ପବ୍ଲିକେଶନ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୮୦ ଟଙ୍କା

ମହାନ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନକୁ ନେଇ ଶାରଦା ପ୍ରସନ୍ନ ପଣ୍ଡାଙ୍କ 'ବିଶ୍ୱ ବିଜୟୀ ବିବେକାନନ୍ଦ' ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକର 'ବାଲ୍ୟଜୀବନ', 'ଆଦର୍ଶଛାତ୍ର ନରେନ୍ଦ୍ରନାଥ', 'ଗୁରୁ-ଶିଷ୍ୟ ଭେଟାଭେଟି', 'ଗୁରୁ ପରୀକ୍ଷା', 'ବାପ ଛେଉଣ୍ଡ ନରେନ୍ଦ୍ରନାଥ', 'ଶ୍ରୀରାମକୃଷ୍ଣଙ୍କ ସମାଧି ଓ ନରେନ୍ଦ୍ରନାଥଙ୍କ ସିଦ୍ଧି' ଆଦି ଅଧ୍ୟାୟରେ ବିବେକାନନ୍ଦଙ୍କ ଶୈଶବ ଜୀବନ, ଶିକ୍ଷା, ସିଦ୍ଧିପ୍ରାପ୍ତ, ଗୁରୁ ରାମକୃଷ୍ଣଙ୍କ ସାନ୍ନିଧ୍ୟ ଲାଭ ସଂପର୍କରେ ସଂକ୍ଷିପ୍ତ ଅଥଚ ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି । ଛାତ୍ର ଜୀବନରେ ତାଙ୍କର ଉତ୍ତମ ଚରିତ୍ର, ମେଧା, ମାନବିକତା, ସୌମ୍ୟ ଚେହେରା ସମସ୍ତଙ୍କୁ ଆକର୍ଷିତ କରୁଥିଲା । ବିବେକାନନ୍ଦଙ୍କ ନିରାଡ଼ମ୍ବର ଜୀବନ ଶୈଳୀ, ବ୍ୟକ୍ତିତ୍ୱ, ଆଧ୍ୟାତ୍ମିକତା, ମହତ ବାଣୀ ମାନବ ସମାଜ ପାଇଁ ପ୍ରେରଣାଦାୟକ ନିଶ୍ଚୟ । ଏହି ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।

# ସତ୍ୟବାଦୀ ବାଣୀମଞ୍ଚର କବି ନୀଳକଣ୍ଠ



ଡ. ପ୍ରଫୁଲ୍ଲ କୁମାର ସାହୁ

ସତ୍ୟବାଦୀ ବାଣୀମଞ୍ଚର ନୀତିନିଷ୍ଠ ଆଚାର୍ଯ୍ୟ ପଣ୍ଡିତ ନୀଳକଣ୍ଠ ଦାସ । ଉତ୍କଳୀୟ ସଂସ୍କୃତିର ଜଣେ ମୌଳିକ ଭାଷ୍ୟକାର । ଜାତି ଓ ଜାତୀୟ ଚରିତ୍ର ଗଠନ କ୍ଷେତ୍ରରେ ଏହି ଶୁଚିନିଷ୍ଠ ସତ୍ୟ ସନ୍ଧାନୀ କର୍ମବୀରଙ୍କ ଜୀବନ ଥିଲା ଏକ ଅନିର୍ବାଣ ଯଜ୍ଞ । ସାହିତ୍ୟ ସାଧନା, ରାଜନୀତି, ସାମ୍ବାଦିକତା ଓ ସମାଜ ସଂସ୍କାର ଥିଲା ସେ ଯଜ୍ଞର ଏକ ଏକ ଅବିଚ୍ଛେଦ୍ୟ ଓ ଅପରିହାର୍ଯ୍ୟ ଅଙ୍ଗ ।

ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଉତ୍କଳ ସମ୍ମିଳନୀ ମଣ୍ଡପରୁ ଯେଉଁ ଉଗ୍ର ଜାତୀୟତାବୋଧର ପ୍ରବାହ ସୃଷ୍ଟି ହୋଇଥିଲା, ତାକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ସତ୍ୟବାଦୀ ବନବିଦ୍ୟାଳୟକୁ କେନ୍ଦ୍ର କରି ଗଢ଼ି ଉଠିଥିଲା ଏକ ସଂକଳ୍ପସ୍ନାତ ସାରସ୍ୱତ ପରିମଣ୍ଡଳ । ସତ୍ୟବାଦୀର ସାଧକ ଶିକ୍ଷକଙ୍କ ଲେଖନୀ ଚାଳନା ଫଳରେ ଓଡ଼ିଆ ବାଣୀ ଭଣ୍ଡାର ଯେ, କେବଳ ପରିପୁଷ୍ଟ ହେଲା ତା' ନୁହେଁ, ଏଥି ସହିତ ଓଡ଼ିଆ ସାହିତ୍ୟ ଇତିହାସରେ ଆତ୍ମ ପ୍ରକାଶ କଲା ସତ୍ୟବାଦୀ ଯୁଗ ନାମରେ ଆଉ ଏକ ମହିମା ମଣ୍ଡିତ ଅଧ୍ୟାୟ ।

ବିସ୍ମୃତି ଗର୍ଭରୁ ପ୍ରାଚୀନ ଐତିହ୍ୟର ସ୍ମୃତିଚାରଣ,ବୀରତ୍ୱ କାହାଣୀର ଉଦ୍‌ଘାଟନ ଓ ସ୍ୱରାଜ୍ୟ ପ୍ରାପ୍ତିର ଦୁର୍ନିବାର ବାସନା ଥିଲା ଆଲୋଚ୍ୟ ଯୁଗର ସାହିତ୍ୟିକ ଆଦର୍ଶ । ସେହି ଐତିହ୍ୟବୋଧର ଏକ ଗୀତିମୟ ଗାୟତ୍ରୀ ହେଉଛି କବି ନୀଳକଣ୍ଠଙ୍କ ଐତିହାସିକ କାବ୍ୟ 'କୋଣାର୍କେ' । ନିଦ୍ରିତ ଛାତ୍ରମାନଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିବା ତା'ର ବିଷୟ ଉପସ୍ଥାପନା ପରିପାଟୀ ଓ ଚରିତ୍ର ନିର୍ମାଣ କୌଶଳ ଯେମିତି ଅଭିନବ,ଇତିହାସର ନବୀକରଣ ସେମିତି ଜାତୀୟ ଭାବଦ୍ୟୋତକ । ସତ୍ୟବାଦୀ ସାହିତ୍ୟର ମୁଖପତ୍ର ଭାବରେ ପରିଚିତ 'କୋଣାର୍କେ' ।

ଅନ୍ୟପକ୍ଷରେ ଅନୁଭୂତିର ତୀବ୍ରତା ଓ ଅଭିଜ୍ଞତାର ବିଶ୍ୱସ୍ତତାକୁ ଆଧାର କରି ଗଢ଼ି ଉଠିଥିବା ନୀଳକଣ୍ଠଙ୍କ କାବ୍ୟ ଚେତନାର ସମଗ୍ରତାରେ ବିନ୍ୟସ୍ତ ଏକ ମହତ୍ତର ଆଦର୍ଶବୋଧ । ଯା'ର ଆବେଦନ ଅତ୍ୟନ୍ତ ଗଭୀର ଓ ଗମ୍ଭୀର । ତେଣୁ ବ୍ୟଭିଚାର ପରିବର୍ତ୍ତେ ତାଙ୍କ କାବ୍ୟ ନାୟକ ଓ ନାୟିକା ସଂଯମ ଓ ଶୃଙ୍ଖଳାର ଖଣ୍ଡାଧାରରେ ଚାଲନ୍ତି, ଯା'ର ଜ୍ୱଳନ୍ତ ଦୃଷ୍ଟାନ୍ତ ବହନ କରେ ଇତିହାସ ପରିପୁଷ୍ଟ କାବ୍ୟ 'ଖାରବେଳ" । କାବ୍ୟର ବିଷୟବସ୍ତୁ ହୋଇପାରେ ଅତ୍ୟନ୍ତ କ୍ଷୀଣ,ମାତ୍ର ନିର୍ମଳ ପ୍ରେମର ପ୍ରକାଶ ବୈଚିତ୍ର୍ୟ ହିଁ ତା'ର ଯଥାର୍ଥ ସୃଷ୍ଟି ଗୌରବ ।

ଆଧ୍ୟାତ୍ମିକ ଅଭୀପ୍ସାର କବି ପଣ୍ଡିତ ନୀଳକଣ୍ଠ । ତାଙ୍କ 'ଭକ୍ତି ଗାଥା'ର ପ୍ରତ୍ୟେକଟି ଗୀତିକାରେ ପ୍ରକାଶ ପାଇଛି, ସେହି ଭକ୍ତି ପ୍ରାଣତାର ଛଳ ଛଳ ପ୍ରବାହ । 'ଗୀତା ଭାଷ୍ୟ' ଓ 'ଗୀତା ପ୍ରବେଶ' ତାଙ୍କ ଜୀବନ ଦର୍ଶନ ଓ ପ୍ରଜ୍ଞାର ଏକ ପ୍ରସାରିତ ଫଳକ । କବିଙ୍କ ଦୃଷ୍ଟିରେ ଯାହା ମାନବ ସମାଜର ମଙ୍ଗଳ ବିଧାନ କରେ ତାହା ହିଁ ଧର୍ମ । ଅର୍ଥାତ୍ ଧର୍ମକୁ ଏକ ଆଦର୍ଶ ମାର୍ଗ ଭାବେ ଗ୍ରହଣ କରିଛନ୍ତି ଏବଂ ସେହି ମାର୍ଗ ଅନୁସରଣ କରିବା ପାଇଁ ପିଲାମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି 'ପିଲାଙ୍କ ରାମାୟଣ' ଓ 'ପିଲାଙ୍କ ଭାଗବତ'ରେ ।

ପଣ୍ଡିତ ନୀଳକଣ୍ଠ କେବଳ ପରମ୍ପରାର ପ୍ରମୂର୍ତ୍ତ ପୂଜାରୀ ନୁହନ୍ତି, ସେ ପୁରୋଗାମୀ ଚେତନାର ବାର୍ତ୍ତାବହ । ସତ୍ୟବାଦୀ ବନ ବିଦ୍ୟାଳୟକୁ କେନ୍ଦ୍ର କରି ସୂତ୍ରପାତ ହୋଇଥିବା ସଂସ୍କାର ଆନ୍ଦୋଳନର ସେ ଥିଲେ ମୁକ୍ତ ପ୍ରବକ୍ତା । 'ମୋ ନିଶ' ପ୍ରବନ୍ଧରେ ସମାଜର କୁସଂସ୍କାର ବିରୋଧରେ ବିଦ୍ରୂପର ଶାଣିତ ଖଡ୍‌ଗ ପ୍ରୟୋଗ କରି ସେ ତା'ର ଭିତ୍ତିଭୂମି ସ୍ଥାପନ କରିଥିଲେ ଏବଂ ସେହି କାରଣରୁ ତାହା ନିଶ ଆନ୍ଦୋଳନ ନାମରେ ପରିଚିତ । ବୌଦ୍ଧିକସ୍ତରରେ ସେ ଆନ୍ଦୋଳନକୁ ଆହୁରି ଆଗକୁ ନେବା ପାଇଁ ସେ ଲେଖିଛନ୍ତି 'ଅଛୁ ଓ ହେବୁ' ଏବଂ 'ପ୍ରତିଭା ପୂଜା ଓ ପ୍ରତିମା ପୂଜା' ଆଦି ଅନେକ ସଂସ୍କାରଧର୍ମୀ ପ୍ରବନ୍ଧ । ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ପଣ୍ଡିତ ନୀଳକଣ୍ଠଙ୍କ 'ଆର୍ଯ୍ୟ ଜୀବନ' ଏକ ଉଚ୍ଚକୋଟୀର ଗ୍ରନ୍ଥ । ଏଥିରେ ସେ ଆର୍ଯ୍ୟ ଜୀବନର ପ୍ରକୃତି, ତା'ର ଆଧ୍ୟାତ୍ମିକ ସାଧନା ଓ ଆଦର୍ଶ ସଂପର୍କରେ ଯେଉଁ ମନନଧର୍ମୀ ଆଲୋଚନା କରିଛନ୍ତି, ସାଂପ୍ରତିକ ପରିପ୍ରେକ୍ଷୀରେ ଆଦୌ ମହଳଣ ପଡ଼ି ଯାଇନି ତା'ର ପ୍ରାସଙ୍ଗିକତା ।

କବିଙ୍କ 'ଭକ୍ତିଗାଥା'ର ପ୍ରତ୍ୟେକଟି ଗୀତିକାରେ ପ୍ରକାଶ ପାଇଛି ତାଙ୍କ ଭକ୍ତିପ୍ରାଣତାର ଛଳଛଳ ଆବେଗ । ହଜାରିବାଗ ଜେଲରେ ଥାଇ ଗୀତା ଉପରେ ସେ ଯେଉଁ ଗଭୀର ଅଧ୍ୟୟନ କରିଥିଲେ, ତା'ର ଅମୃତମୟ ଫଳ ହେଉଛି ତାଙ୍କ 'ଗୀତା ଭାଷ୍ୟ' ଓ 'ଗୀତା ପ୍ରବେଶ' । ସଂସ୍କୃତକୁ ଅନେକ ମୃତଭାଷା କହୁଥିବାବେଳେ ସେ ତାକୁ ମର୍ଯ୍ୟାଦାବନ୍ତ ସ୍ଥାନ ଦେଇଛନ୍ତି 'ସଂସ୍କୃତି ଓ ସଂସ୍କୃତି' ଗ୍ରନ୍ଥରେ । କେବଳ ମୌଳିକ ପ୍ରବନ୍ଧ ରଚନା ନୁହେଁ, ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସେ ଥିଲେ ଅନେକଙ୍କ ପାଇଁ ଦିଗଦର୍ଶନ । 'ଓଡ଼ିଆ ସାହିତ୍ୟର କ୍ରମବିକାଶ' ଏକ ଚମତ୍କାର ଆଲୋଚନା ଗ୍ରନ୍ଥ, ଯାହା ତାଙ୍କ ସ୍ୱତନ୍ତ୍ର ଶୈଳୀ ଓ ଗଭୀର ଅନ୍ତର୍ଦୃଷ୍ଟିରେ ଗରୀୟାନ ।

ଓଡ଼ିଆ ଲିପି ସଂସ୍କାର କ୍ଷେତ୍ରରେ ସେ ଥିଲେ ଆଦ୍ୟ ଉଦ୍ୟକ୍ତା । ତାଙ୍କରି ଲେଖାରୁ ଆରମ୍ଭ ହୋଇଥିଲା ଓଡ଼ିଆ ଭାଷାର ବୈଜ୍ଞାନିକ ଶୃଙ୍ଖଳା ଓ ତୁଳନାତ୍ମକ ଅଧ୍ୟୟନ ଧାରା । ସେ ହିଁ ପ୍ରଥମେ ଯୁକ୍ତାକ୍ଷର ପରିବର୍ତ୍ତେ ଅନୁସ୍ୱାର ବ୍ୟବହାର କଲେ ଏବଂ ଏ କ୍ଷେତ୍ରରେ ଏକ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ପରିଚୟ ବହନ କରେ ତାଙ୍କ ଗବେଷଣାତ୍ମକ ଗ୍ରନ୍ଥ 'ଓଡ଼ିଆ ଭାଷା ଓ ସାହିତ୍ୟ' । ତାଙ୍କ ଆତ୍ମଜୀବନୀ 'ସ୍ମୃତି ଓ ଅନୁଭୂତି' କେବଳ ଆତ୍ମକଥା ଅନ୍ତର୍ଲିପି ନୁହେଁ, ଏହା ଦୀର୍ଘ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଘଟଣାବଳୀର ଐତିହାସିକ ଦସ୍ତାବିଜ । ତାଙ୍କ ସମ୍ପାଦନାରେ ପ୍ରକାଶ ପାଉଥିଲା 'ନବଭାରତ' ମାସିକ ପତ୍ରିକା ଥିଲା ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଏକ ଆଲୋକ ବର୍ତ୍ତିକା । ଇତିହାସ, ଦର୍ଶନ, ସାହିତ୍ୟ ଓ ଭାଷାତତ୍ତ୍ୱ ଆଦି ପ୍ରତ୍ୟେକ ବିଷୟରେ ତାଙ୍କ ପ୍ରଜ୍ଞାର ପରିସୀମା ଏତେ ବ୍ୟାପକ ଯେ ତା'ର ଗୋଟିଏ ପାର୍ଶ୍ୱରେ ଥାଇ ଲକ୍ଷ୍ୟ କଲେ ଅପର ପାର୍ଶ୍ୱଟି ଦିଶେ ଦୂର ଦିଗବଳୟର ଚେନାଏ ନୀଳିମା ପରି ।

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ୧୮ ରେ ବରଗଡ଼ରେ ବିଜେଡିର ଚାଷୀ ସମାବେଶ




ବରଗଡ଼, ୧୬।୮(ସମିସ): ବରଗଡ଼ ଜିଲ୍ଲା ରାଜ୍ୟର ଏକ ଚାଷୀବହୁଳ ଅଞ୍ଚଳ। ରାଜ୍ୟର ସର୍ବାଧିକ ଉତ୍ପାଦନ ଏହି ଜିଲ୍ଲାରୁ ହିଁ ହୋଇଥାଏ। ଚାଷୀଙ୍କୁ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନରୁ ବଞ୍ଚିତ କରିବା ପାଇଁ ଚାଷୀ ପଞ୍ଜୀକରଣ ନୀତିକୁ ସରକାର ଜଟିଳ କରିଛନ୍ତି। ଫଳରେ ବହୁ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବେ। ଏହା ସରକାରଙ୍କ ଏକ ସୁପରିକଳ୍ପିତ ଫନ୍ଦି। କିନ୍ତୁ ଚାଷୀଙ୍କ ସହ ବିଜେଡି ରହିଆସିଛି, ଆଗକୁ ବି ରହିବ। ଚାଷୀଙ୍କ ହକ୍ ପାଇଁ ଲଢ଼େଇ କରିବ। ଆସନ୍ତା ୧୮ ତାରିଖରେ ଚାଷୀମାନଙ୍କୁ ନେଇ ବରଗଡ଼ରେ ଏକ ବିରାଟ ସମାବେଶ କରାଯିବ। ଉକ୍ତ ଦିନ ଗଣେଶଗମ ଭବନରୁ ଏକ ବିରାଟ ଶୋଭାଯାତ୍ରାରେ ଚାଷୀମାନେ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସମସ୍ୟା ସମ୍ବଳିତ ଦାବିପତ୍ର ପ୍ରଦାନ କରିବେ। ବରଗଡ଼ ଗଣପତି ହୋଟେଲଠାରେ ବିଜେଡି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଆଜି ଏହି ସୂଚନା ଦେବା ସହ ବିଜେପି ସରକାର ଉପରେ ବର୍ଷିଛନ୍ତି।

ଏଥିରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେଡି ନେତା ଅଚ୍ୟୁତାନନ୍ଦ ମହାପାତ୍ର, ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଗୌରହରି ମିଶ୍ର, ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଚାଷୀମାରଣ ନୀତି ପାଇଁ ବିଜେପି ସରକାର ଉପରେ ବର୍ଷିଛନ୍ତି। ସେମାନେ କହିଥିଲେ ଯେ ସରକାରଙ୍କ ବିମାତୃକ ମନୋଭାବ ଯୋଗୁଁ ଆଜି ହଜାରହଜାର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରତିଦିନ ଚାଷୀ ନିଜ ହକ୍ ପାଇଁ ରାଜରାସ୍ତାରେ ଗର୍ଜନ କରୁଥିବା ବେଳେ ସରକାର ପୁଲିସ ଲଗାଇ ସେମାନଙ୍କୁ ଗିରଫ କରୁଛି। ଦେଶର ଅନ୍ନଦାତାଙ୍କୁ ଜେଲରେ ପୂରାଉଛି। ଖାଲି ସେତିକି ନୁହେଁ, ଚାଷୀ ଆଖିରୁ ଲୁହ ଖସିବ ଲୁହ ବୋଲି କହୁଛି। ଏଥିପାଇଁ ସରକାରଙ୍କୁ ଲଜ୍ଜା ଲାଗିବା ଉଚିତ। ସରକାର ଯଦି ଚାଷୀଙ୍କ ପଞ୍ଜୀକରଣ ଓ ଅନ୍ୟ ସମସ୍ୟାର ତୁରନ୍ତ ସମାଧାନ ନ କରନ୍ତି, ଆଗାମୀ ଦିନରେ ବିଧାନସଭାରେ ଚାଷୀଙ୍କ ସମସ୍ୟାକୁ ଉପସ୍ଥାପନ କରାଯିବ ବୋଲି ବିରୋଧୀ ଦଳ ଉପନେତା ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

# ସପ୍ତାହକ ମଧ୍ୟରେ ଗଠନ ହେବ ଶ୍ରୀମନ୍ଦିର ପରିଚାଳନା କମିଟି

ପୁରୀ,୧୬।୮(ସମିସ): ଆଉ ଦିନ କେଇଟା ପରେ ବର୍ଷେ ପୂରିବ ବିନା ପରିଚାଳନା କମିଟିରେ ଚାଲିଛି ଶ୍ରୀମନ୍ଦିର ପରିଚାଳନା। ଗତବର୍ଷ ସେପ୍ଟେମ୍ବର ୧୪ରେ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହୋଇଥିଲା। ଏବେ ପୁଣି ସେପ୍ଟେମ୍ବର ହେବାକୁ ଯାଉଛି। ହେଲେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇପାରିନାହିଁ। ବିନା ପରିଚାଳନା କମିଟିରେ ରଥଯାତ୍ରା ସମେତ ବିଭିନ୍ନ ପର୍ବପର୍ବାଣୀ ଅନୁଷ୍ଠିତ ହେଉଛି। ଏହାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ଟାର୍ଗେଟ କରାଯାଉଛି। ହେଲେ ଏପର୍ଯ୍ୟନ୍ତ ପରିଚାଳନା କମିଟି ଗଢ଼ାଯାଇପାରି ନାହିଁ। ତେବେ ଏହାରି ଭିତରେ ପରିଚାଳନା କମିଟିକୁ ନେଇ ବଡ଼ ଘୋଷଣା କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସପ୍ତାହେ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବ ହେବ ବୋଲି ଶୁକ୍ରବାର ପୁରୀରେ ସ୍ୱାଧୀନତା ଦିବସ ସମାରୋହ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପରିଚାଳନା କମିଟି ଗଠନ ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। କମିଟି ଗଠନ ପରେ ବୈଠକ ବସି ଅନୁମୋଦନ ପରେ ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି କରାଯିବ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ର ଦୁଇଜଣ ଅଧିକାରୀ ନିୟୋଜିତ ହୋଇସାରିଛନ୍ତି। ସେମାନଙ୍କ ଉପସ୍ଥିତିରେ ଗଣତି ମଣତି ହେବ।

# ପରଲୋକରେ କଟକର ପ୍ରସିଦ୍ଧ ଦହିବରା ବ୍ୟବସାୟୀ ରଘୁ ମଉସା

କଟକ, ୧୬। ୮(ସମିସ): ନା ସେଥିରେ ଘୁଗୁନି ମିଶୁଥିଲା ନା ପଡ଼ୁଥିଲା ପିଆଜ, ସେଓ। କିନ୍ତୁ ସେ ଦହିବରା ଆଳୁଦମର ସ୍ୱାଦ ଥିଲା ନିଆରା। ବାସ୍ନା ନାକରେ ବାଜୁବାଜୁ ପାଟିରୁ ଆପେଆପେ ଲାଳ ଗଡ଼ି ଆସୁଥିଲା। ଥରେ ଯିଏ ଖାଇଛି, ବାରମ୍ବାର ସେଠାକୁ ଦୌଡ଼ିଛି। ସାଙ୍ଗସାଥୀ, ସ୍ତ୍ରୀ-ପିଲା-ଛୁଆଙ୍କୁ ନେଇ ବି ଚଖେଇଛି। ଖାଲି କଟକ ନୁହେଁ, ଦୂରଦୂରାନ୍ତରୁ ବି ଲୋକେ କଟକ ଆସିଲେ, ସେଠି ଖାଇବାକୁ ଭିଡ଼ ଜମାଉଥିଲେ। କିନ୍ତୁ, ବଡ଼ ତରତରରେ ସେ ଆଳୁଦମ୍-ଦହିବରା ବାଢ଼ୁଥିବା ଲୋକଟାକୁ ଆଉ ଦେଖିବାକୁ ମିଳିବନି। କଟକ ବିଡାନାସୀରେ ବେପାର କରି ଆସୁଥିବା ପ୍ରସିଦ୍ଧ ରଘୁ ଦହିବରା ଓ ଆଳୁଦମର ମାଲିକ ରଘୁନାଥ ସାସମଲଙ୍କ ପରଲୋକ ଘଟିଛି। ରଘୁ ମଉସା ନାମରେ ଖ୍ୟାତ ସ୍ୱର୍ଗତ ସାସମଲ ତାଙ୍କ ବିଡାନାସୀ ଗୋପାଳସାହିସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୯୧ ବର୍ଷ ହୋଇଥିଲା। କଟକ ଦହିବରାକୁ ଦେଶବିଦେଶରେ ପରିଚିତ ଓ ପ୍ରସିଦ୍ଧ କରାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି।



ରଘୁଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କର ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅନ୍ତିମ ଶଯ୍ୟା ନିକଟରେ ପତ୍ନୀ ନିଶାମଣି, ପୁଅ ଲିଙ୍ଗରାଜ, ବନମାଳୀ ଓ ପୁତୁରା କେଦାରନାଥଙ୍କ ସମେତ ୫ଝିଅ ଜ୍ୱାଇଁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଏପରିକି, ସାମାଜିକ ଗଣମାଧ୍ୟମରେ ରଘୁଙ୍କ ପରଲୋକ ଜନିତ ଖବର ଓ ଶୋକବାର୍ତ୍ତା ସମ୍ପୂର୍ଣ୍ଣ ଛାଇ ହୋଇଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ତର ପାକିସ୍ତାନରେ...

ପାଣିରେ ବୁଡ଼ି ରହିଥିବାରୁ ସେହି ଅଞ୍ଚଳକୁ ଯିବା ସମ୍ଭବ ହୋଇପାରୁ ନାହିଁ। ପ୍ରବଳ ବର୍ଷା କାରଣରୁ ଶୁକ୍ରବାର ପାକିସ୍ତାନର ବିଭିନ୍ନ ଜିଲ୍ଲାରେ ଅଚାନକ ବନ୍ୟା ଆସିଥିଲା। ଏଥିରେ ୯ଟି ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ଜିଲ୍ଲାରେ ଦୁଇ ହଜାର ଉଦ୍ଧାରକାରୀ କର୍ମଚାରୀ ନିୟୋଜିତ ହୋଇଛନ୍ତି। କିନ୍ତୁ ଏବେ ବି ବହୁ ଇଲାକାରେ କର୍ମଚାରୀମାନେ ପହଞ୍ଚି ପାରି ନାହାନ୍ତି। ଖାଇବର ପଖତୁନଖୱାରେ ବର୍ଷା କାରଣରୁ ଭୂସ୍ଖଳନ ମଧ୍ୟ ହୋଇଥିବାର ଖବର ମିଳିଛି। ଜଣେ ସେନା ଅଧିକାରୀ କହିଛନ୍ତି ଯେ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। କାରଣ ଅନେକ ଧ୍ୱସ୍ତବିଧ୍ୱସ୍ତ ଅଞ୍ଚଳକୁ ଉଦ୍ଧାରକାରୀ ଦଳ ଯାଇ ପାରି ନାହାନ୍ତି। ଏବେ ବି ଶତାଧିକ ଗାଁ ପାଣି ଘେରରେ ରହିଛନ୍ତି। ବର୍ଷା ଲାଗି ରହିଥିବାରୁ ଉଦ୍ଧାର କାର୍ଯ୍ୟ ହୋଇପାରୁ ନାହିଁ।

### ୬୫ ମୃତ...

ପାର୍ବତ୍ୟ ଅଞ୍ଚଳରେ ଥିବା ଏହି ଗ୍ରାମରେ ହଜାର ହଜାର ଶ୍ରଦ୍ଧାଳୁ ଏକ ଧାର୍ମିକ କାର୍ଯ୍ୟକ୍ରମ ପାଇଁ ଏକତ୍ରିତ ହେଉଥିବା ବେଳେ ଏଭଳି ବିପର୍ଯ୍ୟୟ ଘଟିଥିଲା। ବର୍ତ୍ତମାନ ସୁଦ୍ଧା ୫୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏବେବି ୨୦୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଅଛନ୍ତି ବୋଲି କୁହାଯାଇଛି। ସେହିପରି ଏଥିରେ ୧୮୦ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତ ବ୍ୟକ୍ତିଙ୍କୁ କିସ୍ତୱାର-ଜମ୍ମୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆରଏଫ୍ ୩ଟି ଟିମ୍, ସେନାର ୩୦୦ରୁ ଊର୍ଦ୍ଧ୍ୱ ଯବାନ, ହ୍ୱାଇଟ୍ ନାଇଟ୍ କୋର ମେଡିକାଲ ଟିମ୍, ପୁଲିସ, ଏସ୍‌ଡିଆରଏଫ୍ ଓ ଅନ୍ୟ ଏଜେନ୍ସିଗୁଡିକ ସାମିଲ ରହିଛନ୍ତି।

### ଆଶା ବଢ଼ାଇଲା...

ହୋଇ ନଥାନ୍ତା ବୋଲି ପୁଟିନ କହିଛନ୍ତି। ଏବେ ଯୁଦ୍ଧ ରୋକିବା ଜେଲେଁସ୍କିଙ୍କ ଉପରେ ନିର୍ଭର କରୁଛି ବୋଲି ଟ୍ରମ୍ପ କହିଛନ୍ତି। ଖୁବଶୀଘ୍ର ପୁଟିନ ଓ ଜେଲେଁସ୍କିଙ୍କ ମଧ୍ୟରେ ବୈଠକ ହେବ ବୋଲି ଟ୍ରମ୍ପ କହିଛନ୍ତି। ଏହାପରେ ଟ୍ରମ୍ପଙ୍କ ସମେତ ପୁଟିନ ଓ ଜେଲେଁସ୍କିଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ହେବ ଏବଂ ଏହା ନିର୍ଣ୍ଣାୟକ ହେବ ବୋଲି କୁହାଯାଉଛି। ଟ୍ରମ୍ପ ଏହି ବୈଠକକୁ ୧୦ରୁ ୧୦ ନମ୍ବର ଦେଇଛନ୍ତି। ଅନ୍ୟପଟେ ରୁଷିଆର ସୁରକ୍ଷା ଆମପାଇଁ ସର୍ବୋପରି ବୋଲି ପୁଟିନ କହିଛନ୍ତି। ଆଗାମୀ ବୈଠକ ମସ୍କୋ ।।ରେ ଆୟୋଜନ କରିବାକୁ ପୁଟିନ ପ୍ରସ୍ତାବ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଦୁହେଁ ନିଜ ବକ୍ତବ୍ୟ ରଖିବା ପରେ ଦୁଇ ନେତା ସେଠାରୁ ତୁରନ୍ତ ଚାଲିଯାଇଥିଲେ।

ଏହାପରେ ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କିଙ୍କୁ ଫୋନ କରି ଏବଇୟରେ ଅବଗତ କରାଇଥିଲେ। ଦେଢଘଣ୍ଟା ଧରି କଥା ହୋଇଥିବା କଥା ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କି ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଜେଲେଁସ୍କି ୧୮ ତାରିଖ ଅର୍ଥାତ ସୋମବାର ଆମେରିକା ଯାଇ ଟ୍ରମ୍ପଙ୍କୁ ଦେଖା କରିବେ। ଟ୍ରମ୍ପ-ପୁଟିନ ଆଲୋଚନାକୁ ସ୍ୱାଗତ କରିବା ସହିତ ସମ୍ପୂର୍ଣ୍ଣ ଭାବେ ଶାନ୍ତି ପ୍ରତିଷ୍ଠା କରିବାକୁ ୟୁକ୍ରେନ ପୂର୍ଣ୍ଣପ୍ରାଣରେ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ଭାରତ ସରକାର ମଧ୍ୟ ଆଲାସ୍କା ବୈଠକ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି।

### ୨ ଭିସୁଟ୍ ପ୍ରଫେସର...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟରେ ଅଭାବନୀୟ ଘଟଣା ଘଟିବା ପରେ ଭିସୁଟ୍ ଅଭିଯୋଗକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଏ ନେଇ ପଦକ୍ଷେପ ଗ୍ରହଣ କରି ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ତଦନ୍ତ କରି କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦାଖଲ କରିଥିଲା। ସେହିପରି, ଆଉ ଏକ ବିଭାଗରେ ଜଣେ ମହିଳା ପ୍ରଫେସର୍‌ଙ୍କୁ ଜଣେ ବିଭାଗୀୟ ପ୍ରଫେସର ଅସଦାଚରଣ କରିଥିଲେ। ଏହି ଘଟଣା ମଧ୍ୟ ଆଇସିସି ଦ୍ୱାରା ତଦନ୍ତ କରାଯାଇ ରିପୋର୍ଟ ଦିଆଯାଇଥିଲା। ଏହାପରେ ଭିସୁଟ୍ କର୍ତ୍ତୃପକ୍ଷ ଉପରୋକ୍ତ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। ଉଭୟ ଘଟଣା ଗଣିତ ବିଭାଗ ଓ ପ୍ରଡକ୍ସନ ଇଞ୍ଜିନିୟରିଂ ବିଭାଗରେ ହୋଇଥିବା କୁହାଯାଉଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଅସ୍ୱୀକାର ନକଲେ ମଧ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରୁନାହାନ୍ତି।

### ଗଠନ ହେବ...

ଦୃଷ୍ଟିରେ ରଖି ଶ୍ରୀ ପଟ୍ଟନାୟକ ଏଭଳି ଘୋଷଣା କରିଥିଲେ। ୨୦୨୪ ମସିହାରେ ୫୬ଟି ଏନ୍‌ଏସି ଘୋଷଣା କରାଯାଇଥିଲା ବେଳେ ଏହାର ଗୋଟିଏ ବର୍ଷ ପରେ ନୂତନ ସରକାର ଏନ୍‌ଏସି ଗଠନର ଡ୍ରାପ୍ଟ ନୋଟିଫିକେସନ୍ ନେଇ ଆସିଛନ୍ତି। ଏହି ନୋଟିଫିକେସନ ଅନେକଙ୍କୁ ନିରାଶ କରିଛି। ଏଥିରେ ମାତ୍ର ୧୨ଟି ଏନ୍‌ଏସି ଗଠନ ହେବ ବୋଲି ଦର୍ଶାଯାଇଛି। ଅର୍ଥାତ୍ ନୂତନ ସରକାର ରାଜ୍ୟରେ ୪୪ଟି ଏନ୍‌ଏସି ଗଠନ ଉପରେ ନିରବ ରହିଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି।

### ସମ୍ପତ୍ତି ପାଇଁ ପୁଅକୁ...

ଶୋଚନୀୟ ଅବସ୍ଥାରେ ରହୁଥିଲେ। ତେବେ ଏହା ଭିତରେ ଜ୍ୟୋତି ନିଜର ହକ୍ ପାଇଁ ଲଢ଼େଇ କରିଥିଲେ। ଜାଗାବାଡ଼ିକୁ ନେଇ ସେ ନିଜ ହକ୍ ମାଗି ଆସୁଥିଲେ। ଦିନକୁ ଦିନ ଏହି ବିବାଦ ଉଗ୍ର ହେବାରୁ ଜ୍ୟୋତିଙ୍କ ରାସ୍ତାରୁ ହଟାଇବା ପାଇଁ ବାପା, ସାବତ ମା' ଓ ସାବତ ଭାଇ ଷଡ଼ଯନ୍ତ୍ର ରଚିଥିଲେ। ଗତକାଲି ସେମାନେ ଜ୍ୟୋତିଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଜ୍ୟୋତିରଞ୍ଜନଙ୍କୁ ପ୍ରଥମେ ଅଠାନ୍ତର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ସଂପର୍କରେ ତାଙ୍କ ପତ୍ନୀ ବିଜୟଲକ୍ଷ୍ମୀ ବେହେରା ଅଭିଯୋଗ କରିବାରୁ ପୁଲିସ୍ ହସ୍ପିଟାଲରେ ପହଞ୍ଚି ଜ୍ୟୋତିଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରିଥିଲା। ସେଥିରେ ସେ କହିଥିଲେ ଯେ ତାଙ୍କ ବାପା, ସାବତ ମାଆ ଓ ସାବତ ଭାଇ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ପରେ ତାଙ୍କ ଅବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଥିଲା।

ଜ୍ୟୋତିଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ କହିଛନ୍ତି ଯେ ଜମିବାଡ଼ି ଓ ସମ୍ପତ୍ତି ପାଇଁ ବାପା, ସାବତ ମା' ଓ ଭାଇ ମାରିଛନ୍ତି। ପୂର୍ବରୁ ମାରପିଟ୍ ଘଟଣା ନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏପରିକି, ବିଜୟଲକ୍ଷ୍ମୀଙ୍କ ମୁଣ୍ଡ ଫଟାଇ ଦେଇଥିଲେ ପ୍ରଭାତୀ। କିନ୍ତୁ ଅଭିଯୋଗ ପରେ ବି ହୋଇନଥିଲା କାର୍ଯ୍ୟାନୁଷ୍ଠାନ। ନିଜ ଘରେ ରହିବାକୁ ଭଡ଼ାଟିଆ ଭଳି ଭଡ଼ା ଦେଉଥିଲେ ମୃତ ଜ୍ୟୋତିରଞ୍ଜନ। ବାପା ଏବଂ ସାବତ ମା' ସାନ ପୁଅ ନାମରେ ସବୁ ସମ୍ପତ୍ତି କରିଦେଇଥିଲେ। ଏପରିକି, ସେମାନେ କୋଠା ଘରେ ରହୁଥିବା ବେଳେ ତାଙ୍କୁ ଏକ ଆଉଟ୍‌ହାଉସ୍ ଭଳି ଆଜବେଷ୍ଟସ୍ ଘର ରହିବାକୁ ଦେଇଥିଲେ। ତାହାର ମଧ୍ୟ ଭଡ଼ା ନେଉଥିଲେ ବୋଲି ପତ୍ନୀ ବିଜୟଲକ୍ଷ୍ମୀ କହିଛନ୍ତି। କେବଳ ସେତିକି ନୁହଁ ଭଡ଼ା ସାଙ୍ଗକୁ ଦେଉଥିଲେ ବାପାଙ୍କ ପ୍ରତିପୋଷଣର ଖର୍ଚ୍ଚ।

### ବିଷ ପିଆଇ...

ମାଣ୍ଡାଙ୍ଗି, ସିଂ ପୁଆଲା, ବୃନ୍ଦାବନ ମାଣ୍ଡାଙ୍ଗି, ବିଜୟ ଜିଲାକାରା, ଦିବା ଜିଲାକାରା, ରମେଶ ମାଣ୍ଡାଙ୍ଗି, ଜ୍ଞାନେୟ ଜିଲାକାରା, ପ୍ରକାଶ ମାଣ୍ଡାଙ୍ଗି, ପ୍ରତାପ ଜିଲାକାରା, ରାଜେଶ ମାଣ୍ଡାଙ୍ଗି, ସଶେୟମାଣ୍ଡାଙ୍ଗି, ବମ୍ବେୟମାଣ୍ଡାଙ୍ଗି। ଏନେଇ ଥାନାରେ ନଂ ୭୩/୨୦୨୫ରେ ପୁଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଘଟଣାଟି ଗତ ୮ ତାରିଖରେ ଘଟିଥିବା ବେଳେ ଅଭିଯୁକ୍ତମାନଙ୍କ ଧମକ ଓ ଭୟ ଯୋଗୁଁ ବିଳମ୍ବରେ ମୃତକଙ୍କ ଭାଇ ଧର୍ମାରାଓ ଜିଲାକାରା ଶେଷଖାଲ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି। ଉକ୍ତ ଗ୍ରାମରେ ପୂର୍ବରୁ ଗୁଣିଗାରେଡ଼ିକୁ ସନ୍ଦେହ କରି ମୃତ ରାମାରାଓଙ୍କ ପରିବାର ସହ ଗ୍ରାମବାସୀଙ୍କ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। କିନ୍ତୁ ଉକ୍ତ ପତ୍ରକୁ ଅଣଦେଖା କରି ଗିରଫ ଅଭିଯୁକ୍ତମାନେ ଏହି ହତ୍ୟାକାଣ୍ଡ ଭିଆଇଥିବା ପୁଲିସ କହିଛି। ଧାରା ୧୮୯(୧)(ସି), ୧୯୧(୩), ୧୦୩(୨), ୨୯୬(୬)୨୩୮(ଏ)୩୫୧(୨) ଏବଂ ଭାରତୀୟ ନ୍ୟାୟ ସଂହିତା ୧୯୦ ଅଧାରରେ ଶେଷଖାଲ ଥାନା ପୁଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ମୃତକଙ୍କ ପୋଡା ପାଉଁଶ ସଂଗ୍ରହ କରିଥିବା ଶେଷଖାଲ ଥାନା ଅଧିକାରୀ ମୁନି ଆଚାରୀ ପ୍ରକାଶ କରିଛନ୍ତି।

### ଘରୁ ଡାକିନେଇ...

ବେଳେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ବଢ଼ିଥିଲା। ଶେଷରେ ସ୍ମୃତିରଞ୍ଜନଙ୍କୁ ରାସ୍ତାରୁ ହଟାଇ ଦେବାକୁ ଯୋଜନା କରି ଗତକାଲି ମଧ୍ୟାହ୍ନ ସମୟରେ ଅଭିଯୁକ୍ତ ନାବାଳକ ନିଜ ସ୍କୁଟିରେ ଗୋଡ଼ାଧର୍ମସାଗର ଯାଇ ସ୍ମୃତିରଞ୍ଜନଙ୍କୁ ଘରୁ ଡାକିଥିଲା। ଏହାପରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ଗାଡ଼ିରେ ବସାଇ ହନୁମାନ ମନ୍ଦିର ନିକଟରେ ପହଞ୍ଚିଥିଲେ। କିଛି ସମୟ ଭିତରେ ସ୍ମୃତିରଞ୍ଜନ ଘଟଣାସ୍ଥଳରେ ପହଞ୍ଚି କଥାବାର୍ତ୍ତା ହେବାବେଳେ ସେମାନଙ୍କ ସହ ବଚସା ହୋଇଥିଲା। ଏତିକିରେ ନାବାଳକ ସାଙ୍ଗ ରାଗିଯାଇ ଖଣ୍ଡାରେ ତାକୁ ଆକ୍ରମଣ କରିବା ପରେ ଘଟଣାସ୍ଥଳରୁ ୩ ଜଣ ଫେରାର ହୋଇଯାଇଥିଲେ।

ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସ୍ମୃତିକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳଙ୍କ ସହ ପୁଲିସର ଏକ ଟିମ୍ ପହଞ୍ଚି ଘଟଣାସ୍ଥଳରେ ପହଞ୍ଚି ପଚରାଉଚରା ପରେ ହତ୍ୟାକାରୀଙ୍କୁ ଚିହ୍ନଟ କରି ୩ଜଣଙ୍କୁ ଘରୁ ଉଠାଇ ଆଣିଥିଲା। ପଚରାଉଚରା ପରେ ସେମାନେ ସତ ସ୍ୱୀକାର କରିଥିଲେ। ଅନ୍ୟପଟେ ହତ୍ୟାକାରୀଙ୍କୁ ଗିରଫ ଦାବିରେ ଅଞ୍ଚଳବାସୀ ଗତକାଲି ରାତିରେ ଜଟଣୀ ମୁଖ୍ୟ ରାସ୍ତା ଅବରୋଧ କରିବା ସହ ଥାନା ଘେରଉ କରିଥିଲେ। ଫଳରେ ଘଣ୍ଟା ଘଣ୍ଟା ଧରି ମୁଖ୍ୟ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

# ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟକ୍ରମ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୮(ସମିସ): ଅପପୁଷ୍ଟି ରୋକିବା ପାଇଁ କାର୍ଯ୍ୟକାରୀ ହେଉଥିବା ଟେକ୍-ହୋମ୍-ରାସନ୍ ଯୋଜନାରେ ଦିଆଯାଉଥିବା ଖାଦ୍ୟ ବିଶେଷକରି ଛତୁଆ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ପାଇଁ ଉପଯୁକ୍ତ ତଦାରଖ ଓ ମୂଲ୍ୟାଙ୍କନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି। ଶନିବାର ଲୋକସେବା ଭବନରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଛତୁଆର ପ୍ରସ୍ତୁତି ଠାରୁ ଆରମ୍ଭ କରି ପ୍ୟାକେଜିଙ୍ଗ୍, ବଣ୍ଟନ ପର୍ଯ୍ୟନ୍ତ ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଆଣିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନର ଯେପରି ମୁକାବିଲା କରିପାରିବେ, ସେଥିପାଇଁ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଓମ୍ପାଡ୍‌ସି ଜିଲ୍ଲାଗୁଡିକରେ ଶତ ପ୍ରତିଶତ ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଏଆଇସିସି ନିଯୁକ୍ତ କଲା ୨୮ ଜଣିଆ ପର୍ଯ୍ୟବେକ୍ଷକ

ଭୁବନେଶ୍ୱର,୧୬।୮(ସମିସ): ଦେଶର ୪ଟି ରାଜ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ଚୟନ ପାଇଁ ଏଆଇସିସି ପକ୍ଷରୁ ସୃଜନ ଅଭିଯାନ ଆରମ୍ଭ କରାଯାଇଛି। ପଞ୍ଜାବ, ଉତ୍ତରାଖଣ୍ଡ, ଝାଡଖଣ୍ଡ ଓ ଓଡ଼ିଶାରେ ଜିଲ୍ଲା ଏଥିରେ ଥିବାବେଳେ ଏଆଇସିସି ପକ୍ଷରୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଓଡ଼ିଶା ପାଇଁ୨୮ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତି ମିଳିଥିବା ବେଳେ ଏମାନେ ଜିଲ୍ଲା କଂଗ୍ରେସ ସଭାପତି ଚୟନ କରିବେ।

**ନିଯୁକ୍ତ ହେବେ ଜିଲ୍ଲା କଂଗ୍ରେସ ସଭାପତି**

# ହୀରାକୁଦ ଜଳସ୍ତର ୬୧୩.୪୧ ଫୁଟ୍

ସମ୍ବଲପୁର, ୧୬।୮ (ସମିସ): ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୪୧ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୬,୬୩୮ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନେଲ ଦେଇ ୩୧,୯୮୬ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୪୩୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୮.୦୬ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୪.୩୭ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

**OFFICE OF THE PRINCIPAL PANCHAYAT SAMITI DEGREE COLLEGE, BANGOMUNDA, DIST.- BALANGIR (ODISHA) PIN-767040**
Mob.: 9078208298

**TENDER CALL NOTICE**

Sealed tender are hereby invited from the intending manufacturers/ authorized stockists/ Distributors for supply of following items for upgrading I.T. infrastructure at Panchayat Samiti Degree College, Bangomunda, Dist. Balangir. The details specification and guidelines may be referd to Govt. of Odisha, Deptt. of Higher Education vide Letter No. 12655 Dated 05.03.2025

| Sl No. | ITEM/ DESCRIPTION | Quantity |
|---|---|---|
| 1 | DESKTOP ( Intel I3 (13100) or Higher, Chipset – Intel H770 or Higher, OS- Windows – 11 Home Factory Preloaded), Intel UHD Graphics 770 or higher, 512 GB NVMe SSD, 19.5" LED Display with CTO Certified same must be belongs to the same OEM, KEYBOARD, MOUSE | 12 |
| 2 | UPS – 600VA/ 360W, 230 VAC nominal, | 12 |
| 3 | MFM Printer (Print, Scan and Copy) A4 and Legal, Print Speed – 26 to 30, Auto Duplexing Printing (2 sided printing) | 02 |
| 4 | LED TV 65" (350 Nits or better), HDR10, HLG, Speaker Position – Down firing (10W + 10W), Android TV, Storage 16 GB, RAM – 3GB, WiFi, LAN | 01 |
| 5 | Wireless Mice and Camera ( Logitech Master Series Graphite MX Brio 4K Ultra HD Web Camera) for virtual meeting | 01 |
| 6 | Internet Facilities | |

The eligible bidders may submit their tender paper on or before 26.08.2025 through Regd. Post/ Speed Post. The undersigned reserves the right to cancel part or whole of tender/ quotation without specifying any reason thereof.

Sd/- Principal

GOVERNMENT OF ODISHA
OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR
Phone/Fax: 0680-2233996, e-mail: sernb2.ganjam@gmail.com
INVITATION FOR BIDS (IFB) [e-Procurement]
**TENDER CALL NOTICE**

Bid Identification No. SC (R&B)-GM-II-08/2025-26 — No. 7310 Dated 11.08.2025

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Double cover system (composite) to be received in **ONLINE MODE** only for the work as detailed below:
2) Nature of Work : Building work
3) No. of work : 01 No.
4) Tender Cost : Rs.10,000/-
5) Class of Contractor : 'B' Class
6) Availability of bid documents in the website : From 20.08.2025 10.00 AM to 02.09.2025 4.00 P.M.
7) Date of opening of Bid : 03.09.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in
9) The bidders must submit all the original uploaded documents within 03 days from opening of the tender.

(Sd/- S. Panigrahi)
Superintending Engineer
Ganjam (R&B) Division No.II

OIPR-34080/11/0027/2526 B-402

**OFFICE OF THE PANCHAYAT SAMITI: RAYAGADA SADAR** i-275
**DIST- RAYAGADA, PIN CODE-765001, ODISHA**
Tel No/ Fax No - 06856 - 223355, E-mail : ID: ori-brayagada@nic.in
INVITATION FOR BIDS (I.F.B)
e-Tender Notice
IDENTIFICATION No. PS- RGDA No. 03 OF 2025-26 Dt: 14/08/2025

1) The Block Development Officer, Rayagada Sadar, Rayagada invites Percentage Rate bid. in Single Cover System in ONLINE MODE for the construction of Additional Class Room Building work (Civil) as detailed in the Detailed Tender Call Notice( D.T.C.N) from the eligible class of contractors.
2) No. of works: 07(Seven) Nos.
3) Cost of Tender paper: Rs. 6000 /- (Rupees Six Thousand)only for each work
4) Class of Contractor: "D & C" Class
5) Date of Time of available in website receipt online: 11:00 Hrs of 19.08.2025 / 17.00 Hrs of 30.08.2025
6) Date of opening of Technical Bid : 11:00 Hrs of 01.09.2025
7) The Bidders have to participa te in ONLINE bidding only. Further details can be seen from the State Govt. Portal website https: tendersodisha.gov.in
8) Any Conigendum/ Addendum will be displayed in the website https://tendersodisha.gov.in only

Block Development Officer
Rayagada

OIPR-19322/11/0007/2526

**AFFIDAVIT (for Minor)**
By virtue of an Affidavit No.477 dtd-13/08/2025 Sworn before the Executive Magistrate Bisoi, I, Bhima Charan Tudu, At-Saraspada ,PO - Sunajodia, Ps-Bisoi, Dist Mayurbhanj, declared that my son Aadhaar card bearing No.7203 9238 6660 my son name has been wrongly written as YOSET TUDU instead of JOSEF TUDU.That both name as YOSET TUDU and JOSEF TUDU are same and one person.And I use to written my son name as JOSEF TUDU for any relevant documents.
Bhima Charan Tudu

**AFFIDAVIT**
I, Mohan Prsad Raiguru, S/o- Late Gokuleswar Raiguru, resident of At/Po.: Jagruti Vihar, Ps.: Burla, Dist. - Sambalpur, Pin - 768020, Odisha, declare by this affidavit No. 5144 dtd. - 12/08/2025 that now onwards I shall be known as **MOHAN PRASAD RAIGURU** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Banpur, vide no-3172, dated 14/08/2025 I, Kabiraj Pradhan, S/o- Dhaneswar Pradhan, of At- Sanahantuad, Po-Sanahantuad, Ps- Banpur, Dist-Khordha, declare that in my Adhar card my name is wrongly mentioned as **Kabraj Pradhan instead** of **Kabiraj Pradhan**. Henceforth, I shall be known as **Kabiraj Pradhan** for all purposes.

**AFFIDAVIT**
By virtue of an affidavit sworn before Executive Magistrate, Ranpur, CF.NO-4/1, SL. NO. 902, dated 29-07-2025 I, **RUDRA MADHAB PRADHAN, S/o Pratap kishore Pradhan** permanent resident of Village At- Kandarasingh, PO-Basudia, PS- Ranpur, Dist- Nayagarh, State- Odisha, PIN- 752026, declare that I have changed my name from **RUDRA MADHAB PRADHAN** (Old name) to **SANTANU KUMAR PRADHAN** (New name), Henceforth, I shall be known as **SANTANU KUMAR PRADHAN** for all purposes.
Sd-( **SANTANU KUMAR PRADHAN** )

**AFFIDAVIT**
I, Manas Ranjan Sankhua, S/o- Chakradhar Sankhua, resident of At-Nuapatana, Po-Gujidarada, PS/Dist-Bhadrak, PIN- 756128, Odisha declared by this affidavit No. 1410, dtd-16/08/2025 that now onwards I shall be known as **Manas Ranjan Sankhua** for all future purposes.

**AFFIDAVIT**
By of an affidavit before Executive Magistrate, Khordha vide No.- 2188, Dt.14.08.2025 I, Fakirun Nisha, of Vill.- Mukunda-prasad, Po- P.N. College, Ps-Industrial Estate, Dist-Khordha, Pin- 752057 complete declare that i have changed my name from **Fakrun Nisha** to **Fakirun Nisha**. Henceforth i shall be known as **Fakirun Nisha** for all purposes.

**AFFIDAVIT**
I, Manoj Kumar Singh S/o Madan Singh, presently residing at 1554, Sharma Chhak, 1st Floor, Talcher, Dist-Angul, PIN-759100, Odisha declare by this affidavit No.6569 dtd 14.08.2025 that now onwards I shall be known as **MANOJ SINGH** for all future purposes.

**LOST**
I, **Sekh Jakir**, C/o- Sekh Sabir, resident of At- Musalim Sahi, Balugaon Chilika, Dist- Khordha, Odisha. I was going Kuhuri to Balugaon way from lost my 3 land paper in somewhere, details given below:- **1) ROR Khata No- 321/566, and Plot No-7, 2) Sell Deed No. 2711, Doc No- 11101102712, 3) Deed No-1243.**
If anyone finds it kindly contact to my number: 9853277994 or Balugaon Police Station. If anyone will misutilize it, we will not be responsible for it.
**Sd/- Sekh Jakir**

**AFFIDAVIT**
By virtue of an affidavit (CF No. 06) sworn before The Executive Magistrate, Padampur, on dated-14/08/2025. I, **Naresh Kumar Saha,** S/o- Prahallad Saha, permanent & current resident of At-Putudera, Po- Khaliapali, Ps-Buden, Dist- Bargarh, PIN-768036, Odisha declare that I have changed my name from **Bhopal Saha** (old name) to **Naresh Kumar Saha** (new name). Henceforth, I shall be known as **Naresh Kumar Saha** (new name) for all future purposes.
**Naresh Kumar Saha**

**AFFIDAVIT**
By virtue of an affidavit sworn before The Notary Public, Bhubaneswar. I, **Tithi Das** declare that, after marriage I have changed my name from **Tithi Nayak** to **Tithi Das.** Henceforth, I shall be known as **Tithi Das,** W/o Guru Prasad Das for all future purposes.
**Tithi Das**

**AFFIDAVIT**
I, Pravallika Simhadri, W/o- Bhavani Raj Jami, resident of New Colony, 1st Lane, Ward No.13, Rayagada, PO/PS/Dist-Rayagada, Odisha declared by this affidavit No. 2335, dtd-12/08/2025 that now onwards I shall be known as **PRAVALLIKA JAMI** for all future purposes.

**୭୯ ତମ ସ୍ୱାଧୀନତା ଦିବସ ପାଳନ**

# ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶ ପ୍ରେମର ଭାବ ଜାଗ୍ରତ ହେବା ଆବଶ୍ୟକ







ନୟାଗଡ଼, ୧୬।୮ (ସମିସ)

ନୟାଗଡ଼ ସଦର ମହକୁମାରେ ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସକାଳେ ଡାକବାଜିରେ ରାମଧୂନ ପରିକ୍ରମା, ପ୍ରଭାତଫେରୀ, ବିଭିନ୍ନ ଅନୁଷ୍ଠାନ, ସ୍କୁଲ ଓ କଲେଜରେ ଜାତୀୟ ପତାକା ଉତ୍ତୋଳନ ପରେ ତ୍ରିନାଥଛକରେ ଅବସ୍ଥାପିତ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସକାଳ ୯ଘଟିକା ସମୟରେ ପିଟିଏସ୍ ପଡ଼ିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ୟାରେଡରେ ଭାଗ ନେଇଥିବା ୪୯ ଗୋଟି ଦଳ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ପ୍ରଦାନ କରିଥିଲେ। ପ୍ୟାରେଡେରେ ଭଲ ପ୍ରଦର୍ଶନ କରିଥିବା ୫ଗୋଟି ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ୩ଟି ବିଦ୍ୟାଳୟକୁ ମଧ୍ୟ ପୁରସ୍କୃତ







କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଥିବା ଛାତ୍ରଛାତ୍ରୀ ଯଥାକ୍ରମେ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଚୟନରେ ପ୍ରିୟରଞ୍ଜନ ମିଶ୍ର, ରାଜ୍ୟସ୍ତରୀୟ କିଶୋରୀ-କିଶୋର ବକ୍ତୃତା ପ୍ରତିଯୋଗିତାରେ ସୁଶ୍ରୀ ବିଦ୍ୟାବିଜିତା ମହାନ୍ତି, ରାଜ୍ୟସ୍ତରୀୟ ଓଡ଼ିଶା ସାହିତ୍ୟ ଏକାଡେମୀ ୬୮ତମ ସ୍ୱନକ୍ଷତ୍ର ବକ୍ତୃତା ପ୍ରତିଯୋଗିତାରେ ସୁଶ୍ରୀ ବିଶ୍ୱବିଜିତା ମହାନ୍ତି, ରୁତଭିକା ପାଲ, ଶିଖରପୁର ଅଙ୍ଗନବାଡ଼ି କେନ୍ଦ୍ରର ଛାତ୍ରୀ ଯିଏକି ଡ.ଏପିଜେ ଅବଦୁଲ କଲାମ ଭାରତରତ୍ନ ସମ୍ମାନ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ କରି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ନୟାଗଡ଼ ପୁରୁଣା ସହରର ସ୍ୱର୍ଗତ ଶିବୁନ୍ ସିଦ୍ଧାର୍ଥ ସାହୁଙ୍କର ଅଙ୍ଗ ପ୍ରଦାନ କରିଥିବାରୁ ତାଙ୍କ ମା’ ଜୟନ୍ତୀ ସାହୁଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ସୁରଜ୍ ଆୱାର୍ଡ ପ୍ରଦାନ କରାଯାଇଛି। ତାଙ୍କ ମାଆଙ୍କୁ ଆଜିର ଦିବସରେ ଏହି ମହତ୍ କାର୍ଯ୍ୟ ପାଇଁ ମୁଖ୍ୟ ଅତିଥି ସ୍ୱତନ୍ତ୍ର ଭାବେ ସମ୍ମାନିତ କରିଥିଲେ। ସେହିପରି ନୟାଗଡ଼ ରେଡକ୍ରସ ଭଲେଣ୍ଟିୟର୍ସ ଫୋରମର ବିଭିନ୍ନ ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ ପାଇଁ ଅନୁଷ୍ଠାନର ସଂଯୋଜିକା ସୁନୀତା ରାଣୀ ମହାପାତ୍ରଙ୍କୁ ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ପରିଶେଷରେ ଜିଲ୍ଲା କାରାଗାର ଅନ୍ତେବାସୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ମିଷ୍ଟାନ୍ନ ବଣ୍ଟନ ମଣ୍ଡଳ ଉନ୍ନୟନ ଅଧିକାରୀ, ନୟାଗଡ଼ଙ୍କ ଆନୁକୂଲ୍ୟରେ କରାଯାଇଥିଲା। ଏହାପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଟାରୀ କ୍ଲବ ନୟାଗଡ଼ ଓ ବ୍ଲଡ୍ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ପରେ ପରେ ନୟାଗଡ଼ ପୌରପରିଷଦ ପକ୍ଷରୁ ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଫଳ ବଣ୍ଟନ କରାଯାଇଥିଲା।

**ଭାପୁର:** ଭାପୁର ବ୍ଲକ ପରିସରରେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ବ୍ଲକର ଜନପ୍ରତିନିଧି ଓ ବ୍ଲକ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ସେହିପରି ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅର୍ଜୁନ ପ୍ରଧାନ, ଡାକ୍ତରଖାନାରେ ଡାକ୍ତର ବିଶ୍ୱନାଥ ସାହୁ, ଫତେଗଡ଼ ଥାନାରେ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା, ଭାପୁର ଫାଣ୍ଡିରେ ସୁଶାନ୍ତ କୁମାର ବେହେରା, ଭାପୁର ବଜାରରେ କ୍ରିୟାନୁଷ୍ଠାନ କମିଟିର ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ, ବରିଷ୍ଠ ନାଗରିକ ସଂଘ ତାର ନିଜସ୍ୱ ଗୃହରେ ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ବଜାରରେ ବଜାର ସଭାପତି କାର୍ତ୍ତିକଚନ୍ଦ୍ର ନାୟକ, ମାନପୁରଠାରେ ଖଣ୍ଡପଡ଼ା ଭାପୁର ବିକାଶ ପରିଷଦର ସଭ୍ୟ ମାନେ, ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଓ ବ୍ଲକ ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ସମସ୍ତ ବ୍ୟାଙ୍କ, ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ସ୍କୁଲ କଲେଜ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଭାତ ଫେରି କରି ଜାତୀୟ ସଙ୍ଗୀତ ଗାନ କରି ଗାଁ ଗାଁ ବୁଲି ଜନସାଧାରଣଙ୍କ ମନରେ ଜାତୀୟତା ଭାବ ଜାଗ୍ରତ କରାଇଥିଲେ।

**ଗଣିଆ:** ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ତହସିଲ କାର୍ଯ୍ୟାଳୟ, ପଞ୍ଚାୟତ ସମିତି, ଗଣିଆ ଥାନା, ଶିଶୁ ରାଇଜ, ଗଣିଆ ଉନ୍ନୟନ କମିଟି, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷ କେନ୍ଦ୍ର, ମହାନଦୀ ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ବଣିକ ସଂଘ ଓ ମୋଟର କର୍ମଚାରୀ ସଂଘ, ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟରେ ବେଲପଡ଼ା ପଞ୍ଚାୟତ ସ୍ତରୀୟ ଉତ୍ସବ, ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାଳୟ, କିଶୋର ପ୍ରସାଦ ପଞ୍ଚାୟତ ସ୍ତରୀୟ ସ୍ୱାଧୀନତା ଦିବସ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ପିଏମଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ଆୟୋଜିତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତହସିଲଦାର ପ୍ରୀତିବାଳା ରଣା, ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ରାଉତରାୟ, ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏସ୍‌ଆଇ ଶ୍ୟାମସୁନ୍ଦର ପ୍ରଧାନ, ଦମକଳ ଅଧିକାରୀ ବିଜୟାନନ୍ଦ ପରିଡ଼ା, ପ୍ରଧାନଶିକ୍ଷୟତ୍ରୀ ନିହାର ବାଳା ରାଉତ, ସରପଞ୍ଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆ, ପୂର୍ବତନ କ୍ରୀଡ଼ା ଶିକ୍ଷକ ବିରଞ୍ଚି ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ। ପ୍ୟାରେଡରେ ଆରସି ସାମନ୍ତରାୟ ମହାବିଦ୍ୟାଳୟ, କିଶୋର ଚନ୍ଦ୍ର ଜେଆରସି ଗ୍ରୁପ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଉନ୍ନତ ପ୍ୟାରେଡ ପ୍ରଦର୍ଶନ କରିଥଲେ।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ ପରିସରରେ ବିଡିଓ ଅଙ୍କୁର ଅଭିଳାଷଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷା ଉପମା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏ ଅବସରରେ ଏବିଡିଓ ଝାଡେଶ୍ୱର ଦାଶ, ଜିପିଓ ଅନିତ ବଡ଼ସେଟଙ୍କ ସମେତ କାର୍ଯ୍ୟରତ ସମସ୍ତ ବ୍ଲକ କର୍ମଚାରୀ ଉପସ୍ଥିତ ରହିଥିଲେ। ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟଳୟ, ଏନଏସି କାର୍ଯ୍ୟାଳୟ, କୋର୍ଟ, ଥାନା, ଆଞ୍ଚଳିକ ସାମ୍ବାଦିକ ସଂଘ, ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ କାର୍ଯ୍ୟାଳୟ, ଉମାଦେବୀ ଘରୋଇ ମୋଟର ଆସୋସିଏସନ, ବିଭିନ୍ନ କ୍ଲବ, ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରଯାଇଥିଲା। ସେହିପରି କଣ୍ଟିଲୋର ନୀଳମାଧବ ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ଫାଣ୍ଡି ସମେତ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳନ ହୋଇଥିଲା। ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମଧୁବନ ମିନି ଷ୍ଟାଡିୟମରେ ତହସିଲଦାର ରାଜାରାମ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ତହସିଲସ୍ତରୀୟ ଉତ୍ସବରେ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଏସ୍‌ଡିପିଓ ବିମଳ କୁମାର ବାରିକ, ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନ ପ୍ରମୁଖ ଏହି ଉତ୍ସବରେ ଯୋଗଦେଇଥିଲେ। ଏ ଅବସରରେ ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ବିକ୍ରମ କେଶରୀ ଦେଓ, ସମାଜସେବୀ ଚିତ୍ତ ରଞ୍ଜନ ମିଶ୍ର, କ୍ରୀଡ଼ା ଶିକ୍ଷକ ସତ୍ୟଜିତ ଦାଶ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ବ୍ଲକ ଅଧୀନ ସମସ୍ତ ୨୨ ଗୋଟି ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କ ଉପସ୍ଥିତିରେ ସ୍ୱାଧୀନତା ଦିବସ ପାଳିତ ହୋଇଥିବା ସୂଚନା ମିଳିଛି।





**ଶରଣକୁଳ:** ଶରଣକୁଳ ଓ ଗୋଡିପଡ଼ା ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ବିଭିନ୍ନ କାର୍ଯ୍ୟାଳୟ ଏବଂ ବିଭିନ୍ନ ଅନୁଷ୍ଠାନରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଶରଣକୁଳ ମହାବିଦ୍ୟାଳୟରେ ଅଧ୍ୟକ୍ଷ ମହେଶ୍ୱର ମହାପାତ୍ର, ଆଞ୍ଚଳିକ ସାମ୍ବାଦିକ ସଂଘରେ ସମାଜସେବୀ ସୁଶାନ୍ତ କୁମାର ମହାପାତ୍ର, ଲଡୁକେଶ ବଣିକ ସଂଘରେ ଉପସଭାପତି ରମେଶ ଚନ୍ଦ୍ର ମହାପାତ୍ର, କେଏସ୍‌ବି ପବ୍ଲିକ ସ୍କୁଲ ଭିକାରିପଡ଼ାରେ ସଭାପତି ମନୋରଞ୍ଜନ ଦାଶ, ବିପନ୍ନ ସହାୟକ ସଙ୍ଘରେ ଶିକ୍ଷାବିତ କିଶୋର ଚନ୍ଦ୍ର କର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ, ପଥୁରିଆ ସାହି ଦାମୋଦର ଶିଶୁରାଇଜ ଓ ଜନକଲ୍ୟାଣ ସମିତି ସୁଆରସାହିରେ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଅଧିକାରୀ ମିନତୀ ସାହୁ, ସହଯୋଗ ସ୍ୱେଚ୍ଛାସେବୀ ସଙ୍ଗଠନରେ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ସଭାପତି ସୁରେନ୍ଦ୍ର କୁମାର ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ପରେ ଶରଣକୁଳରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଜାତୀୟ ପତାକା ଧରି ପ୍ରଭାତଫେରୀରେ ବାହାରିଥିଲେ।

**ଓଡ଼ଗାଁ:** ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶ ପ୍ରେମର ଭାବ ଜାଗ୍ରତ ହେବା ଆବଶ୍ୟକତା ରହିଛି। ଓଡ଼ଗାଁ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହିତ ଉପରୋକ୍ତ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଭାବଗ୍ରାହୀ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେହିପରି ଓଡ଼ଗାଁ ସିଭିଲ କୋର୍ଟ କମ୍ପ୍ଲେକ୍ସରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସଂଘମିତ୍ରା ଶର୍ମା, ଓଡ଼ଗାଁ ବ୍ଲକରେ ଅଧ୍ୟକ୍ଷ ଲୋକନାଥ ସାହୁ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଡ.ମାନସ ରଞ୍ଜନ ଭୋଇ, ଓଡ଼ଗାଁ ଏନ୍‌ଏସିରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ପତାକା ଉତ୍ତୋଳନ କରିଥିଲେ। ଏଥିସହିତ ବିଇଓଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଗୋଷ୍ଠୀଶିକ୍ଷା ଅଧିକାରୀ ରାଜକିଶୋର ସାହୁ, ଓଡ଼ଗାଁ ଆଦର୍ଶ ଥାନାରେ ଆଇଆଇସି ଅଭୟ ବେହେରା, ବନବିଭାଗ କାର୍ଯ୍ୟାଳୟରେ ଡେପୁଟି ରେଞ୍ଜର ଅଭିମନ୍ୟୁ ମଲିକ, ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା.ନିଲାଞ୍ଜନ ଦାସ, ଓଡ଼ଗାଁ ସିମ୍ବାଦିକ ସଂଘ ଓଡ଼ଗାଁ ଏବଂ ସତ୍ୟସାଇ ସେବାକେନ୍ଦ୍ରରେରେ କ୍ୟାପଟେନ ରବୀନ୍ଦ୍ର କୁମାର ବଳ, ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ ଅଧ୍ୟକ୍ଷ ରାଜକିଶୋର ସାହୁ ପତାକା ଉତ୍ତୋଳନ କରିଥିଲେ। ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ତତ୍ତ୍ୱାବଧାନରେ ୨ ଶହ ମିଟର ଲମ୍ବ ବିଶିଷ୍ଟ ଏକ ଜାତୀୟ ପତାକା ପରିକ୍ରମା କରିଥିଲା। ଓଡ଼ଗାଁ ସରକାରୀ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ନାୟକ, ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ପଥରା ବୃଦ୍ଧାଶ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଂଶୀଧର ପାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ କୁରାଳରେ ଅଧ୍ୟକ୍ଷ ଭାବଗ୍ରାହୀ କର, କୁରାଳ ରାଧାକୃଷ୍ଣ ଥିଏଟର ସଭାପତି ଗୌରଚନ୍ଦ୍ର ସାହୁ, କୋମଣ୍ଡ କଲେଜ ଗାୟତ୍ରୀ ବିଦ୍ୟାମନ୍ଦିର ମଶାବାରୀରେ ଅଧ୍ୟକ୍ଷ ବୀରେନ୍ଦ୍ର ସାହୁ, ପନ୍ତିଖାରୀ ପଞ୍ଚାୟତରେ ସରପଞ୍ଚ ସୁଶ୍ରୀ ଶ୍ରାବଣୀ ବିଶ୍ୱାଳ, ରଙ୍ଗଣୀପାଟଣା ରାଧାକାନ୍ତ ଯୁବକ ସଂଘ ଏବଂ ପଞ୍ଚାୟତରେ ସରପଞ୍ଚ ସସ୍ମିତା ପାତ୍ର, ଗାୟତ୍ରୀ ବିଦ୍ୟାମନ୍ଦିର ଓଡ଼ଗାଁ, ଗୋପବନ୍ଧୁ ଯୁବକ ସଂଘ ଛାମୁସାହି, ବସ୍ ଓନର ଆସୋସିଏସନ୍ ଓଡ଼ଗାଁରେ ଖେଳ ମଣିଷ ଭାବେ ଜଣାଶୁଣା ଦିବାକର ନାୟକ ପତାକା ଉତ୍ତୋଳନ କରିଥିଲେ। ଏତଦ ବ୍ୟତୀତ ଓଡ଼ଗାଁ, କୋମଣ୍ଡ, କୁରାଳ, ନନ୍ଦିଘୋର ବାହାଡାଖୋଲାରେ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ଘରୋଇ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି।

## ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ସଫଳତା

**ଓଡ଼ଗାଁ:** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ସୁଶ୍ରୀ କୀର୍ତ୍ତିଅର୍ଜିତାଙ୍କ ଧାରାବାହିକ ଭାବେ ଜିଲ୍ଲାସ୍ତରୀୟ ସଫଳତା ପାଇଛନ୍ତି। ସେ ଚଳିତବର୍ଷ ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ଜିଲ୍ଲା ସ୍ତରରେ ପ୍ରଥମ ହୋଇଥିବା ବେଳେ ଅବକାରୀ ବିଭାଗ ଦ୍ୱାରା ଆୟୋଜିତ ନିଶା ନିବାରଣ ପ୍ରବନ୍ଧ ପ୍ରତିଯୋଗିତାରେ ମଧ୍ୟ ପ୍ରଥମ ହୋଇ ପୁରସ୍କୃତ ହୋଇଛନ୍ତି। ଏଥିସହିତ ବିଗତ ବର୍ଷ ୨୦୨୪ ମସିହାରେ ସ୍ୱଚ୍ଛ ଭାରତ ଅଭିଯାନ, ନାରୀ ସଶକ୍ତିକରଣ, ସର୍ବଶିକ୍ଷା ଅଭିଯାନ, ବାଳିକା ସଶକ୍ତିକରଣର ସହିତ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ଜିଲ୍ଲାସ୍ତରରେ ମଧ୍ୟ ପ୍ରଥମ ହୋଇ ସମ୍ମାନିତ ହୋଇଥିଲେ। ତାଙ୍କର ଧାରାବାହିକ ସଫଳତା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହିତ ଓଡ଼ଗାଁ ବୁଦ୍ଧିଜୀବୀ ମହଲରରୁ ଅନେକ ପ୍ରଶଂସା ମିଳିଛି।

**■ ଦୁଇଗ୍ରାମ ମଧ୍ୟରେ ବିବାଦ**

## ପୁଲିସ କଲା ପତାକା ଉତ୍ତୋଳନ

**ଭାପୁର:** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଜାତୀୟ ପତାକା ଉତ୍ତୋଳନକୁ ନେଇ ଦୁଇ ଗ୍ରାମ ମଧ୍ୟରେ ବିବାଦ ଦେଖାଦେଇଛି। ହାଇସ୍କୁଲ ସମେତ ସମସ୍ତ ଘରଦ୍ୱାର ପଦ୍ମାବତୀ ଗ୍ରାମର ସୀମା ମଧ୍ୟରେ ଥିବାବେଳେ ଏହାର ଖେଳପଡ଼ିଆଟି ନିକଟସ୍ଥ ତଳମାରଡ଼ା ଗ୍ରାମ ସୀମା ସରହଦରେ ରହିଛି। ଏହି ଖେଳପଡ଼ିଆରେ ପଦ୍ମାବତୀ ଗ୍ରାମର ଯୁବକମାନେ ଶୁକ୍ରବାର ଜାତୀୟ ପତାକା ଉତ୍ତୋଳନ ପାଇଁ ସଜବାଜ ହୋଇ ସମସ୍ତ କାର୍ଯ୍ୟ କରିବା ପାଇଁ ଉଦ୍ୟମ କରିବା ସମୟରେ ତଳମାରଡା ଗ୍ରାମର କିଛି ଯୁବକ ଏହାକୁ ବିରୋଧ କରିଥିଲେ। ଯାହାକୁ ନେଇ ଦୁଇ ଗାଁ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବରପାଇ ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ସଦଳବଳେ ସେଠାରେ ପହଞ୍ଚି ଦୁଇ ଗ୍ରାମବାସୀଙ୍କୁ ବୁଝାଇ ଶାନ୍ତ କରିବା ସହ ଦୁଇ ଗ୍ରାମର ଯୁବକମାନଙ୍କୁ ସେଠାରୁ ବିଦାକରି ପଦ୍ମାବତୀ ପଞ୍ଚାୟତ ସରପଞ୍ଚ ଆଜୟକୁମାର ମଲ୍ଲିକଙ୍କୁ ଡକାଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଶନିବାର ଦୁଇ ଗ୍ରାମର ମୁରବୀମାନଙ୍କୁ ଡକାଇ ଏହାର ଆଶୁ ସମାଧାନ ପାଇଁ ଉଦ୍ୟମ କରିଛନ୍ତି।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ







ଗଣିଆ, ୧୬।୮ (ସମିସ)

ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ନିଷ୍ଠା ଓ ଭକ୍ତିର ସହିତ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଦିନ ତମାମ ପ୍ରତ୍ୟକ ମଠ, ରାଧାକୃଷ୍ଣ ମନ୍ଦିର, ଜଗନ୍ନାଥ ମନ୍ଦିର, ଗୋପାଳ ସାହିରେ ଶ୍ରଦ୍ଧାଳୁ ଏବଂ ବ୍ରତଧାରୀମାନଙ୍କ ସମାଗମ ଦେଖିବାକୁ ମିଳିଥିଲା। ଗଣିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ନିଜକୁ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ କରି ଗ୍ରାମ ପରିକ୍ରମା କରିଥିଲେ। ମନ୍ଦିର ଗୁଡ଼ିକରେ ପୂଜାର୍ଚ୍ଚନା ସହିତ କୃଷ୍ଣଜନ୍ମ ବିଧିମତେ ପାଳିତ ହୋଇଯାଇଛି। ଗଣିଆ ଗୋପାଳସାହିରେ ଜନ୍ମାଷ୍ଟମୀ ଅବସରରେ ଦିନତମାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟାରେ ଭାଗବତ ପାଠ ହୋଇଥିଲା। ନନ୍ଦୋତ୍ସବ ଅବସରରେ ଗୋପାଳ ସାହିର ଯୁବକମାନେ ଲଉଡିଖେଳି ନଗର ପରିକ୍ରମା କରିଥିଲେ। ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା ବିଭିନ୍ନ ମନ୍ଦିର ଏବଂ ପୂଜାସ୍ଥାନ ପରିଦର୍ଶନ କରି ବିଭୁକୃପା ଲାଭ କରିଥିଲେ।

**ଶରଣକୁଳ:** ସ୍ଥାନୀୟ ଲଡୁବାବାଙ୍କ ମନ୍ଦିରରେ ପାର୍ଶ୍ୱଦେବତା ରୂପେ ପୂଜା ପାଉଥିବା ଠାକୁର ଶ୍ରୀକୃଷ୍ଣଙ୍କର ଜନ୍ମାଷ୍ଟମୀ ଉତ୍ସବ ଶୁକ୍ରବାର ରାତ୍ରିରେ ପାଳିତ ହୋଇଯାଇଛି। ଶ୍ରୀକୃଷ୍ଣଙ୍କ ବିଜେ ପ୍ରତିମାଙ୍କୁ ମନ୍ଦିର ମହନ ଭିତରେ ଥିବା ମଣ୍ଡପକୁ ଅଣାଯାଇଥିଲା। ସେଠାରେ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯିବା ପରେ କୃଷ୍ଣ ଜନ୍ମନୀତି ପାଳନ କରାଯାଇଥିଲା। ଗୁରୁଣ୍ଡି ଗୋପାଳ ଶ୍ରୀକୃଷ୍ଣଙ୍କ ପ୍ରତିମା ମୂର୍ତ୍ତିକୁ ଜନ୍ମବିଧି ଅନୁଯାୟୀ ସ୍ନାନ, ମହୁପାଣି ସେବନ, ବସ୍ତ୍ର ଅଳଙ୍କାର ପରିଧାନ କରାଯାଇଥିବା ବେଳେ ଠାକୁରଙ୍କର ଶୈଶବ ଅବତାରକୁ ଅନ୍ତୁଡ଼ିରେ ସେକାଯାଇଥିଲା। ମନ୍ଦିରର ପୁରୋଧା ତୋଷବନ୍ତ କର, ପୂଜାପଣ୍ଡା ଗୋଲକ ବିହାରି ବଡ଼ପଣ୍ଡା, କୈଳାସ ଚନ୍ଦ୍ର ମହାପାତ୍ର, ସଞ୍ଜୟ କୁମାର ମହାପାତ୍ର ଓ ମାଳି ସେବାୟତଙ୍କ ସହଯୋଗରେ ପୂଜାବିଧି ପାଳନ କରାଯାଇଥିଲା। ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଶନିବାର ଅପରାହ୍ନରେ ନନ୍ଦ ଉତ୍ସବ ପାଳନ ହୋଇଥିଲା। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ୟୁନାଇଟେଡ଼ ପବ୍ଲିକ ସ୍କୁଲ, ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ପଞ୍ଚିରିଡ଼ା ମାନପୁର ମା’ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମକ୍ଷଷ୍ଟମୀ ଉତ୍ସବ ପାଳିତ ହୋଇଛ। ସେହିପରି ଶରଣକୁଳ ସୁଆର ସାହି, ନରେନ୍ଦ୍ରପୁର, ଶିଖରପୁର, ପଞ୍ଚିରିଡ଼ା ମାନପୁର, ଆଙ୍ଗିସିଙ୍ଗି, ବଡ଼ଗୋରଡ଼ା, ଗୋଡିପଡ଼ା, ଭାଲିଆଡିହି, କଇଁଫୁଲିଆ ଗ୍ରାମ ଗୁଡିକରେ ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବ ପାଳନ ହୋଇଯାଇଛି।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଜନ୍ମାଷ୍ଟମୀ ସହ ନନ୍ଦୋତ୍ସବ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ଉପଲକ୍ଷେ ବ୍ଲକ ଅନ୍ତର୍ଗତ ବିଭିନ୍ନ ମଠ ତଥା ମନ୍ଦିରରେ ଭକ୍ତ ମାନଙ୍କ ଗହଣରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି। ସିଧାମୁଳା ପଞ୍ଚାୟତ ଅନ୍ତର୍ଗତ ବଳରାମପ୍ରସାଦ ଗ୍ରାମରେ ଗୋପାଳ ସମାଜ ପକ୍ଷରୁ ରାଧାକୃଷ୍ଣଙ୍କର ପୂଜାର୍ଚନା କରାଯାଇ ନନ୍ଦ ଉତ୍ସବ ପାଳନ କରଯାଇଥିଲା। ସେହିପରି ବନମାଳିପୁର ପଞ୍ଚାୟତ ଅନ୍ତର୍ଗତ ପୁରୁଷୋତ୍ତମପୁର ଗୋପୀନାଥ ମନ୍ଦିରରେ ପ୍ରଭୁ ଗୁରୁଣ୍ଡି ଗୋପାଳଙ୍କୁ ଦୋଳବେଦୀରେ ସ୍ୱତନ୍ତ ବେଶରେ ପୂଜାର୍ଚ୍ଚନା କରାଯାଇଥିଲା। ଅପରପକ୍ଷରେ ମର୍ଦ୍ଦରାଜପୁର ପଞ୍ଚାୟତର ଚାଉପଲ୍ଲୀ, କଣ୍ଟିଲୋ ରାଧାମୋହନଜୀଉ ମଠ, ସିଧାମୂଳା ଗୋକୁଳାନନ୍ଦ ଜୀଉ ମଠ, କୋସକା ରାମଚନ୍ଦ୍ରପୁର କଳ୍ପତରୁ ହଂସ ଆଶ୍ରମ ଆଦି ବିଭିନ୍ନ ସ୍ଥାନରେ ପ୍ରଭୁ ଶ୍ରୀକୃଷ୍ଣଙ୍କର ନନ୍ଦୋତ୍ସବ ସହ ଭଗବତ ପଠନ ଓ ଭଜନ ନାମ ସଙ୍କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର ପରିସରରେ ଥିବା ଗୋପୀନାଥ ଦେବ, ଗୁଣ୍ଡିଚା ମନ୍ଦିର ପରିସରରେ ଥିବା ଭିଆଣିଆ ଗୋପୀନାଥ ମନ୍ଦିରରେ ଏହି ଉତ୍ସବ ଖୁବ ଧୁମଧାମରେ ପାଳନ କରାଯାଇଥିବା ସୂଚନା ମିଳିଛି।

**■ କଣ୍ଟିଲୋରେ ପର୍ଯ୍ୟଟନ ସଚିବ**

## ନୀଳମାଧବ ମନ୍ଦିର ବିକାଶ ପ୍ରକଳ୍ପ ସମୀକ୍ଷା



କଣ୍ଟିଲୋ, ୧୬।୮ (ସମିସ): ଆଜି ପର୍ଯ୍ୟଟକ ବିଭାଗ ସଚିବ ବଲବନ୍ତ ସିଂ ଜଗନ୍ନାଥଙ୍କ ଆଦିପୀଠ ନୀଳମାଧବ କ୍ଷେତ୍ରରେ ଚାଲିଥିବା ବିକାଶ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରି ଫେରିଛନ୍ତି। ଏଥି ସହିତ ନିକଟସ୍ଥ ଧନଚାଙ୍ଗଡ଼ା ଗ୍ରାମ ସ୍ଥିତ ବିଶ୍ୱାବସୁ ପୀଠ କାଳିଆପଲ୍ଲୀ ମଧ୍ୟ ପରିଦର୍ଶନ କରିଥିଲେ। ସଚିବ ପ୍ରଥମେ ନୀଳମାଧବ ଦର୍ଶନ କରିବା ପରେ ମନ୍ଦିର ଚତୁଃପାର୍ଶ୍ୱରେ ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ସଚିବଙ୍କ ସହିତ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆ, ଜଳସମ୍ପଦ ବିଭାଗ ଯନ୍ତ୍ରୀ ରାମମୋହନ ବେହେରା, ଯନ୍ତ୍ରୀ ଆଶୁତୋଷ ମହାପାତ୍ର, ଓବିସିସି ପ୍ରୋଜେକ୍ଟ ମ୍ୟାନେଜର ଚୈତନ ମାଝୀ, ମାନସ ବେହେରା, ଏଜେନ୍ସି ବଂଶଲ ଅଧିକାରୀ ଭକ୍ତହରୀ ଜେନା ପ୍ରମୁଖ ନିର୍ମାଣଧୀନ ପ୍ରକଳ୍ପ କାର୍ଯ୍ୟ ପରିଦର୍ଶନ କରିଥିଲେ। ଏଥି ସହିତ ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରିକ୍ରମା ରାସ୍ତା ନିର୍ମାଣ, ପଶ୍ଚିମ ଦ୍ୱାର ବିକାଶ, ଚନ୍ଦନ ପୋଖରୀ ଆଲୋକୀ କରଣ, ମନ୍ଦିରରେ ଆଲୋକୀକରଣ, ମନ୍ଦିରରେ ପାନୀୟ ଜଳର ବ୍ୟବସ୍ଥା, ନୀଳମାଧବ ମନ୍ଦିର ଅଫିସ ଗୃହ ତଥା ପଥରଚକଡା ପାନ୍ଥଶାଳା ପୁନଃରୁଦ୍ଧାର, ବିଶ୍ୱାବସୁ ପୀଠ କାଳିଆପଲ୍ଲୀର ବିକାଶ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ଡକାୟତି ଯୋଜନା ପଣ୍ଡ; ୪ ଗିରଫ

## ୪ ବନ୍ଧୁକ, ୮ ଗୁଳି, ରଡ୍, ଲଙ୍କାଗୁଣ୍ଡ ପ୍ୟାକେଟ୍ ଜବତ

ଖୋର୍ଦ୍ଧା,୧୬।୮ (ସମିସ): ସଦର ଥାନା ପୁଲିସକୁ ମିଳିଛି ବଡ଼ ସଫଳତା। ଏକ ବଡ଼ଧରଣର ଡକାୟତି ପୂର୍ବରୁ ପୁଲିସ ୪ ଅଭିଯୁକ୍ତଙ୍କୁ ଧରିବାରେ ସଫଳତା ପାଇଛି। ଗିରଫମାନେ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲାର ମନୋଜ ସାହୁ (୨୫), ଖୋର୍ଦ୍ଧା ବକ୍ସିଲେନ୍‌ର ସୁନିଲ ସାହୁ (୨୫), ସଦର ଥାନା ଅଧୀନ କଦଳୀବାଡ଼ିର ସଦାଶିବ ପ୍ରଧାନ ଓରଫ ଧଣ୍ଡ(୩୪) ଓ ନୟାପଲ୍ଲୀ ଥାନା ଏନ୍-୩/୧୬୪ ଆଇଆର୍‌ସି ଭିଲେଜ୍‌ର ଧନଞ୍ଜୟ ନାୟକ (୩୩)। ସେମାନଙ୍କଠାରୁ ପୁଲିସ ୪ ବନ୍ଧୁକ, ୮ ଅଫୁଟା ଗୁଳି, ୩ ରଡ୍, ୨ଟି ଲଙ୍କାଗୁଣ୍ଡ ପ୍ୟାକେଟ୍ ଓ ଏକ ସ୍କୁଟିକୁ ପୁଲିସ ଜବତ କରିଛି।

ପୁଲିସ ସୂଚନା ଅନୁସାରେ, ଦଧିମାଛଗାଡ଼ିଆ ଖେଳପଡ଼ିଆଠାରେ କେତେକ ଯୁବକ ଏକାଠି ବସି ଡକାୟତି ଯୋଜନା କରୁଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏସ୍‌ଆଇ ଦେବସ୍ମିତା ବେହେରାଙ୍କ ନେତୃତ୍ୱରେ ପୁଲିସର ଏକ ଟିମ୍ ସେଠାରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ଯୁବକମାନେ ଦୌଡ଼ିଥିଲେ। ଅଧିକ ସନ୍ଦେହ ହେବାରୁ ପୁଲିସ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ କାବୁ କରିଥିଲା। ଜଣେ ଘଟଣାସ୍ଥଳରୁ ଖସି ଯାଇଥିଲା। ପରେ ପଚରାଉଚରା ସମୟରେ ରାମେଶ୍ୱର ପେଟ୍ରୋଲ ପମ୍ପ ଓ ଟାଙ୍ଗୀ ଅଞ୍ଚଳର ପେଟ୍ରୋଲ ପମ୍ପ ଲୁଟିବା ପରେ ଏନ୍‌ଏଚ୍-୨୩ ଦେଇ ଆନ୍ଧ୍ର ଅଭିମୁଖେ ଫେରାର୍ ହୋଇଯିବାକୁ ଯୋଜନା କରିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏହି ଘଟଣାରେ ପୁଲିସ ୨୪୭/୨୫ରେ ଏକ ମାମଲା ରୁଜୁ କରି ଗିରଫ ୪ଜଣଙ୍କୁ କୋର୍ଟ ଚାଲାଣ କରିଛି। ଫେରାର୍ ଥିବା ଅଭିଯୁକ୍ତକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

## ଫାର୍ମ ହାଉସ୍‌ରେ ପୁଲିସର ଚଢ଼ଉ

# ୨୮ ଲକ୍ଷର ବ୍ରାଉନ୍‌ସୁଗର, ହରିଣ ଶିଙ୍ଗ, ବନ୍ଧୁକ ଜବତ



ଖୋର୍ଦ୍ଧା,୧୬।୮ (ସମିସ): ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଟାଙ୍ଗିଆପଡ଼ା ନିକଟ ଏକ ଫାର୍ମ ହାଉସ୍‌ରେ ବ୍ରାଉନ୍‌ସୁଗର ଡିଲ୍‌ବେଳେ ପୁଲିସ ଚଢ଼ଉ କରି ୨୮ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ କରିଛି। ଏହି ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ବାସେଳୀ ସାହିର କ୍ଷୀରୋଦ ବେହେରା (୨୩), ଏୟାରଫିଲ୍ଡ ଥାନା ଭୀମଟାଙ୍ଗୀର ସଂଗ୍ରାମ କେଶରୀ ନାଥ ଓରଫ ବାବୁଲି ଓରଫ୍ ବାଦଲ (୪୮)। ସେମାନଙ୍କଠାରୁ ପୁଲିସ ବ୍ରାଉନ୍‌ସୁଗର ସମେତ ହରିଣ ଶିଙ୍ଗ, ଜଙ୍ଗଲୀ ବାରହା, ବନ୍ଧୁକ ଜବତ କରିଛି। ଏହି ଘଟଣାରେ ପୁଲିସକୁ ଚକ୍‌ମା ଦେଇ ଫାର୍ମ ହାଉସ୍ ମାଲିକ ଫେରାର୍ ହୋଇଥିବାବେଳେ ତାକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ସନ୍ଧ୍ୟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁସାରେ, ଟାଙ୍ଗିଆପଡ଼ା ନିକଟ ଫାର୍ମ ହାଉସ୍‌ରେ ଏକ ବଡ଼ଧରଣର ବ୍ରାଉନ୍‌ସୁଗର କାରବାର ହେଉଥିବା ନେଇ ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ନିହାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ନେତୃତ୍ୱରେ ପୁଲିସର ଏକ ଟିମ୍ ଫାର୍ମ ହାଉସ୍ ନିକଟ ଅଞ୍ଚଳରେ ଛପି ରହିଥିଲେ। ଫାର୍ମ ହାଉସଠାରେ ଅଭିଯୁକ୍ତ ୩ ଜଣ ଏକାଠି ହେବା କ୍ଷଣି ପୁଲିସ ଚଢ଼ଉ କରିଥିଲା। ଏହି ସମୟରେ ମାଲ୍ କିଣିବାକୁ ଆସିଥିବା ଅଭିଯୁକ୍ତ ଜଣକ କୌଶଳକ୍ରମେ ଖସିଯାଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ପୁଲିସ ଧରିଥିଲା। ସେମାନଙ୍କଠାରୁ ୨୮୩.୫୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର, ୨ ଅଫୁଟା ଗୁଳି ସହ ଦେଶୀ ବନ୍ଧୁକ, ଅନ୍ୟ ଏକ ଲମ୍ବା ରାଇଫଲ୍ (ବନ୍ଧୁକ), ଦୁଇଟି ବାଇକ୍, ଦୁଇଟି ମୋବାଇଲ୍ ଫୋନ୍ ପୁଲିସ ଜବତ କରିଥିଲା। ଫାର୍ମ ହାଉସ୍ ଭିତରେ ଚଢ଼ଉବେଳେ ପୁଲିସ ତା' ଭିତରୁ ଏକ ହରିଣ ଶିଙ୍ଗ ଜବତ କରିବା ସହ ଜଙ୍ଗଲୀ ବାରହା ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲା। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ୨୮ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଜିଲ୍ଲାକୁ ନିଶା କାରବାରମୁକ୍ତ ଲାଗି ପ୍ରୟାସ ଜାରି ରହିଛି ବୋଲି ଏସ୍‌ପି ସାଗରିକା ନାଥ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ନିହାର ପ୍ରଧାନ, ସଦର ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଭୂଷଣ୍ଡପୁର ଷ୍ଟେସନରେ ଅଟକିଲା ଭୁବନେଶ୍ୱର-ଜଗଦଲପୁର ଟ୍ରେନ୍

ଭୂଷଣ୍ଡପୁର,୧୬।୮ (ସମିସ): ୭୯ତମ ସ୍ୱାଧୀନତା ଦିବସ ଅବସରରେ ଟାଙ୍ଗୀ ବ୍ଲକ୍ ଭୂଷଣ୍ଡପୁର ଷ୍ଟେସନରେ ଭୁବନେଶ୍ୱର-ଜଗଦଲପୁର ଦ୍ରୁତଗାମୀ ରେଳ ଗାଡ଼ି ରହଣୀକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ଏହି ରେଳ ଗାଡ଼ି ରହଣୀ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲା। ଭୂଷଣ୍ଡପୁର, ବାଲିପାଟପୁର, କନ୍ତଲବାଇ, ସାନରାଉତପଡ଼ା, ଉଜ୍ଜ୍ୱଳା ଗୋପୀନାଥପୁର ଓ ନୂଆଗଡ଼ ପଞ୍ଚାୟତର ବାସିନ୍ଦା ଭୂଷଣ୍ଡପୁର ଷ୍ଟେସନରୁ ରେଳ ଯୋଗେ ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି। ଏହି ରେଳ



ରହଣୀର ଯଥେଷ୍ଟ ଆବଶ୍ୟକତା ଥିଲା ତାହା ପୂରଣ ହୋଇଥିବା ହେତୁ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ଅଶୋକ ପାତ୍ର, ଗୋପାଳ କୃଷ୍ଣ ଜେନା, ଗୀତାଞ୍ଜଳି ପାଟଶାଣୀ, ରଘୁନାଥ ମାଝୀ, ଗିରିଶ ଚନ୍ଦ୍ର ମହାରଣା, ଦୁର୍ଯ୍ୟୋଧନ ରାଉତରାୟ, ସୌରଭ ଦାସ ମହାପାତ୍ର, ତାରାପ୍ରସାଦ ଚ୍ୟାଉ ପଟ୍ଟନାୟକ, ବୈକୁଣ୍ଠ ନାଥ ବେହେରା, ଅମଳ ଚକ୍ରବର୍ତ୍ତୀ, ପ୍ରଭାସ ମଣ୍ଡଳ, କିଶୋର ରାଉତରାୟ, ପ୍ରଭାକର ରାଉତରାୟ, ପ୍ରଶାନ୍ତ ସ୍ୱାଇଁ, ଲୋକନାଥ ଦାଶଙ୍କ ସମେତ ଏହି ସବୁ ପଞ୍ଚାୟତର ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ରହି ଟ୍ରେନ୍‌କୁ ସ୍ୱାଗତ କରିଥିଲେ।

# ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ

ଟାଙ୍ଗୀ,୧୬।୮ (ସମିସ): କନ୍ଧନୟାଗଡ଼ରେ ପଞ୍ଚଦଶ ବାର୍ଷିକ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଗ୍ରାମର ଉତ୍ସାହୀ ଯୁବ



କଳାକାରଙ୍କୁ ପାରମ୍ପରିକ ରାଧାକୃଷ୍ଣ, ବଳରାମ ଓ ଅନ୍ୟାନ୍ୟ ଭୂମିକାର ବେଶ ପୋଷାକରେ ସଜ୍ଜିତ କରାଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଗ୍ରାମର ନେତୃସ୍ଥାନୀୟ ବ୍ୟକ୍ତି ଅରୁଣ ସୁବୁଦ୍ଧି, ଲକ୍ଷ୍ମୀଧର ବେହେରା, ଜମ୍ବେଶ୍ୱର ଖମାରି, ନବଘନ ବେହେରା, ଦିଲ୍ଲୀପ ବେହେରା, ବିଜୟ ବେହେରା, ଶଙ୍କର୍ଷଣ ସାହୁ, ଦୁର୍ଯ୍ୟୋଧନ ସାହୁ, ଆଲୋକ ବେହେରା, ହରିହର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


# ସିଗ୍‌ମା ପବ୍ଲିକ୍ ସ୍କୁଲରେ ନନ୍ଦୋତ୍ସବ



ଖୋର୍ଦ୍ଧା,୧୬।୮ (ସମିସ): ସିଗ୍‌ମା ପବ୍ଲିକ୍ ସ୍କୁଲରେ ଶନିବାର ମହାସମାରୋହରେ ନନ୍ଦୋତ୍ସବ ପାଳିତ ହୋଇଛି। ଶ୍ରୀକୃଷ୍ଣଙ୍କ ଶିଶୁ ଅବତାରକୁ ଅତ୍ୟନ୍ତ ଆକର୍ଷଣୀୟ ଭାବରେ ଅଲଙ୍କୃତ କରାଯାଇଛି। ଅନୁଷ୍ଠାନର ଶିକ୍ଷୟିତ୍ରୀ ସୁମିତ୍ରା ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ପ୍ରତିଷ୍ଠାତା ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ଭଜନକୀର୍ତ୍ତନ, ନୃତ୍ୟନାଟିକା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଅନୁଷ୍ଠାନର ଶିକ୍ଷୟିତ୍ରୀ କରିସ୍ମା ସାହୁ, ରଚିତା ସ୍ୱାଇଁଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଶତାଧିକ ଶିଶୁ ରାଧା-କୃଷ୍ଣ ବେଶରେ ସଜ୍ଜିତ ହୋଇ ମାଠିଆ ଏବଂ ବଇଁଶୀ ଧରି ବିଭିନ୍ନ ଭଜନ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିରଞ୍ଚି ନାରାୟଣ ପଣ୍ଡା, ବସନ୍ତ ଖୁଣ୍ଟିଆ, ବର୍ଣ୍ଣାଳି ମାଝୀ, ଶୁଭଦର୍ଶିନୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ନିରଞ୍ଜନପୁରରେ ନନ୍ଦୋତ୍ସବ

ଜଟଣୀ,୧୬।୮ (ସମିସ): ଜଟଣୀ ବ୍ଲକ୍ ନିରଞ୍ଜନପୁରରେ ବେଶ୍ ଧୂମ୍‌ଧାମ୍‌ରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ବେହେରା ସାହିର ନୀଳଚକ୍ର ଯୁବକ ସଂଘ ପକ୍ଷରୁ ୨୦ତମ କୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ଗ୍ରାମରେ ବେଶ୍ ଆନନ୍ଦ ଉଲ୍ଲାସର ସହିତ



ପାଳିତ ହୋଇଥିବା ଦେଖିବାକୁ ମିଳିଛି। ପ୍ରଭୁଙ୍କୁ ଧୂପ ଦୀପ ଏବଂ ବିଭିନ୍ନ ସୁସ୍ୱାଦୁ ପ୍ରସାଦ ଠାକୁରଙ୍କଠାରେ ଅର୍ପଣ କରି ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ଆୟୋଜକ ଯୁବକ ସଂଘ ପକ୍ଷରୁ ଲଉଡ଼ି ଖେଳ ପ୍ରତିଯୋଗିତା ହୋଇଥିଲା।

# ବାଲୁଗାଁ ଓ ବାଣପୁରରେ ଜନ୍ମାଷ୍ଟମୀ ଉତ୍ସବ

ବାଲୁଗାଁ,୧୬।୮ (ସମିସ): ଚିଲିକା ବ୍ଲକ୍ ବାଲୁଗାଁ ନିକଟସ୍ଥ ଚନ୍ଦ୍ରାପୁଟସ୍ଥିତ ସର୍ବପୁରାତନ ରାଧାକୃଷ୍ଣ ମନ୍ଦିର ଶ୍ରୀବାଳମୁକୁନ୍ଦ ଦେବଙ୍କ ପୀଠରେ ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ତିଥିରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଧାକୃଷ୍ଣ ମନ୍ଦିର ପୀଠରେ ନିଆରା ପରମ୍ପରା ଦେଖିବାକୁ ମିଳିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ଠାକୁରଙ୍କଠାରୁ ବରପ୍ରାପ୍ତ ନିମନ୍ତେ ଆସିଥିବା ୩୫ଜଣ ଶ୍ରଦ୍ଧାଳୁ ଅଧିଆ ପଡ଼ିଥିଲେ।

### ୩୫ ଅଧିଆ ବରପ୍ରାପ୍ତ

ଅଧିଆ ପଡ଼ିଥିବା ଶ୍ରଦ୍ଧାଳୁ ଉଠିବା ସମୟ ମଧ୍ୟରେ ପ୍ରଭୁ ବାଳମୁକୁନ୍ଦ ଦେବ ସ୍ୱପ୍ନରେ ଆସି ଦର୍ଶନ ଦେଉଥିବା ସହ ମନସ୍କାମନା ପୂରଣ କରୁଥିବାର ବିଶ୍ୱାସ ରହିଥିବାବେଳେ ଅଧିଆ ପଡ଼ିଥିବା ଶ୍ରଦ୍ଧାଳୁଙ୍କ ମୁଖରୁ ଏହା ଶୁଣିବାକୁ ମିଳିଛି। ବିଭିନ୍ନ ମାରାତ୍ମକ ରୋଗରୁ ଆରୋଗ୍ୟ ଲାଭ ନ ହେବା ଓ ବିବାହର ବହୁ ବର୍ଷ ଧରି ନିଃସନ୍ତାନ ରହିବା ଆଦି ବିଭିନ୍ନ ସମସ୍ୟାର ସମାଧାନ ନ ହେବାରେ ଶେଷରେ ଶିବ ମନ୍ଦିରରେ ଅଧିଆ ପଡ଼ି ଆରୋଗ୍ୟ ଲାଭ କରିଥିବା ଜନମାନସରେ ବିଶ୍ୱାସ ରହିଛି। ମାତ୍ର ଭଗବାନ ବିଷ୍ଣୁଙ୍କ ନିକଟରେ ମନସ୍କାମନା ପୂରଣ ନିମନ୍ତେ ଅଧିଆ ପଡ଼ିବା ଏହି ପୀଠରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳୁଛି। ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏକ ଆଧ୍ୟାତ୍ମିକ ପରିବେଶରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ହେବା ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ତରଫରୁ ପୁରାଣପାଠ କରାଯାଇଥିଲା। ଶେଷରେ ପୂଜା କରାଯାଇ ଅଧିଆ ପଡ଼ିଥିବା ଶ୍ରଦ୍ଧାଳୁଙ୍କୁ ଉଠାଇ ପ୍ରସାଦ ଦିଆଯାଇଥିଲା। ବିଗତ ବର୍ଷରେ ଏହି ତିଥିରେ ଅଧିଆ ପଡ଼ିଥିବା ବହୁ ଶ୍ରଦ୍ଧାଳୁ ଭଗବାନ ବିଷ୍ଣୁଙ୍କ ବରଦାନ ପାଇ ନିଜର ମନସ୍କାମନା ପୂରଣ ହୋଇଥିବା ଯଥା- ନିଃସନ୍ତାନ ମହିଳା ସନ୍ତାନପ୍ରାପ୍ତ ହୋଇଥିବା ଓ ବହୁ ଭକ୍ତ ବିଭିନ୍ନ ରୋଗର ଆରୋଗ୍ୟ ଲାଭ କରିଥିବା ବହୁ ଶ୍ରଦ୍ଧାଳୁ ପ୍ରକାଶ କରିଛନ୍ତି।

**ବାଣପୁର:** ସୁପ୍ରସିଦ୍ଧ ଶକ୍ତିପୀଠ ଭଗବତୀ କ୍ଷେତ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ଶୁକ୍ରବାର ଜନ୍ମାଷ୍ଟମୀ ତଥା ଭାଦ୍ରବ କୃଷ୍ଣ ଅଷ୍ଟମୀ ତିଥି ମଧ୍ୟରାତ୍ରରେ ରୋହିଣୀ ବୃଷରାଶି ନକ୍ଷତ୍ର ତିଥିର ସଂଯୋଗ ଅମୃତବେଳାରେ ବଜୁଳି କନ୍ୟା ଭାବରେ ମା' ଭଗବତୀଙ୍କ ଧରାବତରଣ ହୋଇଛି। ଏହାସହ ପିତ୍ରାଳୟ ଶ୍ରୀଦକ୍ଷେଶ୍ୱରଙ୍କ ପୀଠରେ ଭଗବାନ ଶ୍ରୀକୃଷ୍ଣ ଗୋପାଳଙ୍କ ଜନ୍ମୋତ୍ସବ ନୀତିକାନ୍ତି ମହାଆଡ଼ମ୍ବର ସହ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ଜନ୍ମୋତ୍ସବ ପାଳନ ଅବସରରେ ପରମ୍ପରା ଅନୁଯାୟୀ, ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ ମାଜଣା, ମହାପ୍ରସାଦ ସେବନ, ବେଶ ଓ ବଲ୍ଲଭ ଆଳତି ପରେ ସର୍ବସାଧାରଣ ଦର୍ଶନ ହୋଇ ଶଙ୍କୁଡ଼ି, ଧୂପ, ପରେ ପହଡ଼, ସନ୍ଧ୍ୟାରେ ନିଶଙ୍କୁଡ଼ି ଧୂପ, ଆଳତି ହୋଇ ଦିନର ସମସ୍ତ ନୀତିକାନ୍ତି ଶେଷ ପରେ ମଧ୍ୟରାତ୍ର ପୂର୍ବରୁ ମା'ଙ୍କୁ ମହାସ୍ନାନ କରାଯାଇ ବଡ଼ସିଂହାର ବେଶ ପରେ ଘଣ୍ଟ କାହାଳି ବାଜି ଜନ୍ମ ବିଧି ନୀତିକାନ୍ତି ପାଳନ କରାଯାଇଥିଲା। ମା'ଙ୍କ ନିକଟରେ ଖଇ, ରାଶି କୋରା, ନଡ଼ିଆ କୋରା, ଫଳ ମୂଳ ଆଦି ଧୂପ ଲାଗି ହୋଇ ଜନ୍ମ ଆଳତି ବଢ଼ିବା ପରେ ଶଙ୍କୁଡ଼ି ପଣା କାନ୍ତି ଧୂପ ହୋଇ ରାତ୍ର ପହୁଡ଼ ପଡ଼ିଥିଲା। ସେହିପରି ଉକ୍ତ ସମୟରେ ଶ୍ରୀଦକ୍ଷେଶ୍ୱର ଦେବ ମନ୍ଦିରସ୍ଥିତ ବିଜେ ଶ୍ରୀଗୁରୁଣ୍ଡି ଗୋପାଳଙ୍କ ମଧ୍ୟରାତ୍ରରେ ଜନ୍ମ ବିଧି ସ୍ୱତନ୍ତ୍ର ନୀତିକାନ୍ତି ସହ ପାଳିତ ହୋଇଯାଇଛି।

## ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ

# 'ଅନେକ ସଂଗ୍ରାମୀଙ୍କ ଜନ୍ମ ଓ କର୍ମପୀଠ ହେଉଛି ଖୋର୍ଦ୍ଧା ମାଟି'

ଖୋର୍ଦ୍ଧା,୧୬।୮ (ସମିସ): କ୍ରାନ୍ତିକାରୀ ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱତନ୍ତ୍ରତା, ଯବାନଙ୍କ ବଳିଦାନ ଓ ତ୍ୟାଗକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ସ୍ୱାଧୀନତା ଦିବସ ଧୂମ୍‌ଧାମରେ ପାଳିତ ହୋଇଛି। ଜିଲ୍ଲାର ସବୁଠି ତ୍ରିରଙ୍ଗା ପତାକା ଉଡ଼ିବା



ଦେଖାଯାଇଥିବାବେଳେ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଯୋଗଦେଇ ପତାକା ଉତ୍ତୋଳନ କରିଥିବାବେଳେ ସମ୍ମିଳତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଖୋର୍ଦ୍ଧା ହେଉଛି ବୀର ଜାତିର ମାଟି। ବହୁ ମୁକ୍ତି ସଂଗ୍ରାମୀଙ୍କ ଜନ୍ମପୀଠ ଓ କର୍ମପୀଠଭାବେ ଅଲିଭା ସ୍ୱାକ୍ଷର ବହନ କରିଛି। ଏହି ମାଟି କଳା, ସାହିତ୍ୟ ଓ ସଂସ୍କୃତିର ପ୍ରବାହମାନଙ୍କୁ ସୃଷ୍ଟି କରି ଜାଗରଣ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ ଏହି ମାଟିରୁ ଆରମ୍ଭ ହୋଇଥିଲା। ଏହି ମାଟିର ବରପୁତ୍ର ରାଜା ମୁକୁନ୍ଦଦେବ, ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ପିଣ୍ଡିକି ବାହୁବଳେନ୍ଦ୍ର, କୃତିବାସ ପାଟଶାଣୀ, ମାଧବ ରାଉତରାୟଙ୍କ ତ୍ୟାଗ ଓ ବଳିଦାନକୁ ଏ ଜାତି କେବେ ଭୁଲିପାରିବ ନାହିଁ। ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ସଚ୍ଚି ରାଉତରାୟ, ପର୍ଶୁରାମ ପଟ୍ଟନାୟକ, ମାୟାଧର ମାନସିଂହ, କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ପରି ଅନେକ ଯଶସ୍ୱୀଙ୍କୁ ଏମାଟି ଜନ୍ମ ଦେଇଛି। ଭାରତର ସ୍ୱାଧୀନତା ଓ ରାଷ୍ଟ୍ର ଗଠନରେ ଏହି ମହାପୁରୁଷଙ୍କ ଅମୂଲ୍ୟ ଅବଦାନ ଆଜି ଉତ୍ତରପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ବୋଲି କହିଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ଅନ୍ତର୍ଜାତୀୟ ଖ୍ୟାନାମା ଶିଳ୍ପୀ ଅଦୈତ ଚରଣ ଗଡ଼ନାୟକ, ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ରିଆନ୍ ବାଶା, ହାଇସ୍କୁଲ, ସିବିଏସ୍‌ଇ, +୨ କଳା, ବିଜ୍ଞାନ, ବାଣିଜ୍ୟ ଟପ୍ପର ଯଥାକ୍ରମେ- ସୌରଜିତ୍ ପ୍ରଧାନ, ସୋମେଶ ପ୍ରଧାନ, ବିଜୟଲକ୍ଷ୍ମୀ ମାର୍ଥା, ସୁଶିଲ କୁମାର ନାୟକ, ବିଜୟଲକ୍ଷ୍ମୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଚିତ୍ରାଙ୍କନ, କୌତୁକ ବେଶ ପୋଷାକ, ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ବକ୍ତୃତା, ଓଡ଼ିଆ ଦେଶାତ୍ମବୋଧ ସଙ୍ଗୀତର କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ପରେଡ୍‌ରେ ସମୁଦାୟ ୫୪ଟି ଟ୍ରୁପ୍ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ୩ଟି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଯଥାକ୍ରମେ ବିଜେବି ହାଇ ସ୍କୁଲ, ପିଏନ୍ କଲେଜ ଓ ଏସ୍‌ଡିଏ, ହାଇସ୍କୁଲ ଦଳଙ୍କୁ ପୁରସ୍କୃତ କରାଯିବା ସହ ଶ୍ରେଷ୍ଠ ପ୍ରଜ୍ଞାପନ ମେଢ଼ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଭାଗକୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରି ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ, ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହ, ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ କୁମାର ରାୟ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

**ଖୋର୍ଦ୍ଧା: ନାରୀ ଜାଗରଣ ମଞ୍ଚ :** ସ୍ଥାନୀୟ କୋଣାର୍କନଗର ଲେନ୍-୨ଏ'ରେ ନାରୀ ଜାଗରଣ ମଞ୍ଚ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଏହି ସଭାରେ ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ଶିଶିର ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ବିଧାନର ସୁରକ୍ଷା ସହିତ ଅଞ୍ଚଳର ନାରୀମାନଙ୍କୁ ସୁରକ୍ଷା, ଅଞ୍ଚଳର ଭାଇଚାରା ଭାବ ରଖି କିଭଳି ଭାବେ ଅଞ୍ଚଳର ଉନ୍ନତି ହେବ ସେ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ନାରୀ ନେତ୍ରୀ ଶର୍ମିଷ୍ଠା ହାବୁଡ଼ାସିଂହ, ଅଭିପ୍ସା ମହାନ୍ତି, ସସ୍ମିତା ଷଡ଼ଙ୍ଗୀ, ସୌଦାମିନୀ ରାଉତରାୟ, ଚନ୍ଦ୍ରମଣୀ ପୃଷ୍ଟି, ଫକୀର ହାବୁଡ଼ାସିଂହ, ସୁବ୍ରତ ପଟ୍ଟନାୟକ, ଯଦୁନାଥ ପରିଡ଼ା, ଅପର୍ତ୍ତି ସାହୁ, ଶର୍ମିଷ୍ଠା ହାବୁଡ଼ାସିଂହ ପ୍ରମୁଖ ଉପସ୍ଥିତ ଥିଲେ।

**ନିରାକାରପୁର:** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଓ ତା'ର ପାଖାପାଖି ଅଞ୍ଚଳରେ ସ୍ୱାଧୀନତା ଦିବସ ଧୂମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ସ୍ଥାନୀୟ ବଣିକ ସଂଘ ପରିସରରେ ପୂର୍ବତନ ସଭାପତି ମହେଶ୍ୱର ତ୍ରିପାଠୀ ପତାକା ଉତ୍ତୋଳନ କରିଥିବାବେଳେ ୩ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରେଙ୍ଗଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅମର ଜୟସିଂହ ପତାକା ଉତ୍ତୋଳନ କରିଥିଲେ। କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି, ସ୍ଥାନୀୟ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନଳିନୀ ରଥଙ୍କ ସଭାପତିତ୍ୱରେ ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ନଗର ପରିକ୍ରମା କରିବା ସହିତ ନିଜର କଳା କୌଶଳ ପ୍ରଦର୍ଶନ କରିଥିଲେ। ରାଉଳହଜସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନେତାଜୀ ପବ୍ଲିକ ସ୍କୁଲ ଭାରପ୍ରାପ୍ତ ଅଧ୍ୟକ୍ଷା ସୁଜାତା ଦାଶଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ଆରେଡି ସୌରୀ ଚରଣ ସଂସ୍କୃତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରମୋଦ କୁମାର ଜେନା ପତାକା ଉତ୍ତୋଳନ କରିଥିଲେ। ସେହିପରି ବଡ଼ପୋଖରିଆ ପଞ୍ଚାୟତ, କମାଗୁରୁ, ଛଣଗିରି, ଅଚ୍ୟୁତପୁର ଗ୍ରାମପଞ୍ଚାୟତର ସରପଞ୍ଚମାନେ ପତାକା ଉତ୍ତୋଳନ କରିଥିଲେ। ରାମେଶ୍ୱର ଟ୍ରୁ ଲାଇଫ୍ ନିଶା ନିବାରଣ କେନ୍ଦ୍ରରେ ନିର୍ଦ୍ଦେଶକ ସୌମ୍ୟାଶ୍ରୀ ପ୍ରିୟଦର୍ଶିନୀ କରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଆଇଆଇସି ବିଶ୍ୱଜିତ୍ ରାଉତରାୟ ପତାକା ଉତ୍ତୋଳନ କରିଥିଲେ। ମଳିପଡ଼ା କବି ପ୍ରସନ୍ନ କୁମାର ପାଟଶାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ମିହିର କୁମାର ମହାପାତ୍ର ପତାକା ଉତ୍ତୋଳନ କରିଥିଲେ।



ନିରାକାରପୁର

**ଜଟଣୀ:** ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ୭୯ତମ ସ୍ୱାଧୀନତା ଦିବସ ବିଶେଷ ଉତ୍ସାହ ଓ ଦେଶଭକ୍ତିରେ ପାଳନ ହୋଇଛି। କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ପ୍ରୋ-ଭାଇସ୍ ଚାନ୍ସେଲର (ପ୍ରଶାସନ) ଡ. ଅଜୟ ନାୟକ। ପ୍ରୋ-ଭାଇସ୍ ଚାନ୍ସେଲର (ଏକାଡେମିକ୍) ଡ. ବିଶ୍ୱଜିତ ମିଶ୍ର ସ୍ୱାଗତ ଉଦ୍‌ବୋଧନରେ ସ୍ୱାଧୀନତା ପରବର୍ତ୍ତୀ ଭାରତର ଯାତ୍ରା ଓ ବିଶ୍ୱବିଦ୍ୟାଳୟର ଗବେଷଣା, ଶିକ୍ଷା ଓ ଜାତି ଗଠନରେ ଅବଦାନକୁ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମକୁ ଡ. ସଂଗ୍ରାମ କେଶରୀ ସ୍ୱାଇନ୍, ଡିନ୍ (ଛାତ୍ର କଲ୍ୟାଣ, ଭୁବନେଶ୍ୱର କ୍ୟାମ୍ପସ୍) ଓ ସାଂସ୍କୃତିକ ଓ ସାମାଜିକ ଦାୟିତ୍ୱ କୋଷଙ୍କ ନିର୍ଦ୍ଦେଶନାରେ ଆୟୋଜନ କରାଯାଇଥିଲା।

**ଗମ୍ଭାରୀମୁଣ୍ଡା:** ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ଅନ୍ତର୍ଗତ ଆୟତପୁର ଗ୍ରାମର ସ୍ୱାମୀ ବିବେକାନନ୍ଦ ଯୁବ ସେବା ସଂଘ କ୍ଲବ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ନୌସେନା ବାୟୁ ସ୍କ୍ୱାଡ୍ରନ୍ ଯବାନ ଜେ.ବି. ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ବିବେକାନନ୍ଦ ଯୁବ ସେବା ସଂଘ କ୍ଲବ୍‌ର ସଭାପତି ରଞ୍ଜିତ ପ୍ରଧାନ ପରିଚାଳନା କରିଥିଲେ। ଉପସଭାପତି ସମରେନ୍ଦ୍ର ପ୍ରଧାନ, ସମ୍ପାଦକ ଉତ୍ତମ ପ୍ରଧାନ ଏବଂ ବସନ୍ତ ସାହୁଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

**ଟାଙ୍ଗୀ:** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ସଭାପତି ପଦ୍ମନାଭ ବିଶ୍ୱାଳ ପତାକା ଉତ୍ତୋଳନ କରିଥିଲେ। ଏହା ପରେ ଡ. ଚନ୍ଦ୍ରଶେଖର ଦାଶ, ସମ୍ପାଦକ ମନୋଜ ପଟ୍ଟନାୟକ, ସହସମ୍ପାଦକ ରମେଶ ଚନ୍ଦ୍ର ବେହେରା, ଉପସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ଆଇନ ପରାମର୍ଶଦାତା ସନ୍ଦୀପନି ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଦୀପ ମହାପାତ୍ର, ମାନସ ପ୍ରଧାନ, ପ୍ରଦୀପ ସାହୁ, ଉମେଶ ଚନ୍ଦ୍ର ପଟ୍ଟନାୟକ, ରଜନୀକାନ୍ତ ମିଶ୍ର, ପ୍ରଶାନ୍ତ ବେହେରା, ଆଲୋକ ମହାରଣା, ଦାମୋଦର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

**ବେଗୁନିଆ:** ବେଗୁନିଆ ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଏଥିରେ ତହସିଲ୍‌ଦାର ତାପସ ବିଶିଙ୍କ ଆବାହକତ୍ୱ ଓ ଶିକ୍ଷାବିତ୍ ତଥା ବରିଷ୍ଠ ସାମ୍ବାଦିକ ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ବିଡିଓ ସନ୍ତୋଷ କୁମାର ଜେନା, ଏବିଇଓ କୈଳାସ ଚନ୍ଦ୍ର ସେଠୀ, ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ବ୍ଲକ୍ ବିଜେଡି ସଭାପତି ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିବିଶେଷ ଓ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ସେହିପରି ବିଜେଡି କାର୍ଯ୍ୟାଳୟରେ ବିଧାୟକ ପ୍ରଦୀପ ସାହୁ, ପୋଡ଼ାଡିହସ୍ଥିତ ଭାରତୀୟ ବିଦ୍ୟା ନିକେତନରେ ସଭାପତି ପର୍ଶୁରାମ ମିଶ୍ରଶର୍ମା, କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର, ଥାନା କାର୍ଯ୍ୟାଳୟରେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ଓ ବାଘମାରୀ ଥାନା କାର୍ଯ୍ୟାଳୟରେ ଅଧିକାରୀ ଶମ୍ଭୁନାଥ ନାୟକ, କୁଶପଲା ଗ୍ରାମସ୍ଥିତ ବେଗୁନିଆ ଅବକାରୀ ଥାନାରେ ଉପନିରୀକ୍ଷକ ସଞ୍ଜୟ ସୁବୁଦ୍ଧି, ଟିପିସିଓଡିଏଲ୍ ବେଗୁନିଆ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟରେ ଅଧିକାରୀ ଇଂ ଗୌରାଙ୍ଗ ମଣ୍ଡଳ, ସିମୋର୍ ଗ୍ରାମସ୍ଥିତ ବେଗୁନିଆ ବନଖଣ୍ଡ କାର୍ଯ୍ୟାଳୟରେ ବନପାଳ ପ୍ରିୟଦର୍ଶିନୀ ସେଠୀ ପତାକା ଉତ୍ତୋଳନ କରିଥିଲେ। ସେହିପରି ବଡ଼ବେରଣା ସେବା ସମବାୟ ସମିତିରେ ଉପସଭାପତି ପ୍ରମିଳା ବେହେରା, ଗୋବିନ୍ଦପୁର ପଞ୍ଚାୟତ ପରିଛଳସ୍ଥିତ ଅନ୍ତର୍ଜାତୀୟ ମାନବାଧିକାର ସଂସ୍ଥାରେ ଉପଦେଷ୍ଟା ଜିତେନ୍ଦ୍ର ପାହାଡ଼ସିଂହ, ବେଗୁନିଆସ୍ଥିତ ଏସ୍‌ଆର୍‌ଏସ୍ କ୍ଲବ୍ ପରିସରରେ ପତିତପାବନ ଯୁବକ ସଂଘ ସମ୍ପାଦକ ଗଙ୍ଗାଧର ମାର୍ଥା, କୁଶପଲା ଗ୍ରାମସ୍ଥିତ ନୁରାନି କ୍ଲବ୍ ପକ୍ଷରୁ ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ ପତାକା ଉତ୍ତୋଳନ କରିଥିଲେ। ଏତଦ୍‌ବ୍ୟତୀତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ ହୋଇଛି।

ଖୋର୍ଦ୍ଧା: ନାରୀ ଜାଗରଣ ମଞ୍ଚ



ଜଟଣୀ



ଟାଙ୍ଗୀ



ବେଗୁନିଆ



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୬୭.୬୫ ● ପାଉଣ୍ଡ ୧୧୮.୬୪
- ୟୁରୋ ୧୦୨.୩୫ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୯୬୩ (ନୂଆଦିଲ୍ଲୀ)
- ରୁପା : ୧,୧୬,୨୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୦,୫୯୭.୦୦
- ନିଫ୍ଟି ୨୪,୬୩୧.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

ଗ୍ରାହକଙ୍କୁ ଝଟ୍‌କା ଦେଲା ଦେଶର ବଡ଼ ବ୍ୟାଙ୍କ

# ଗୃହ ଋଣ ମହଙ୍ଗା କଲା ଏସ୍‌ବିଆଇ

ମୁମ୍ବାଇ, ୧୬।୮ (ଏଜେନ୍ସି)

ଭାରତର ସବୁଠାରୁ ବଡ଼ ସରକାରୀ ବ୍ୟାଙ୍କ ଏସ୍‌ବିଆଇ ଗ୍ରାହକଙ୍କୁ ବଡ଼ ଝଟ୍‌କା ଦେଇଛି। ଏହି ବ୍ୟାଙ୍କ ଗୃହ ଋଣର ସୁଧ ହାର ବଢ଼ାଇ ଦେଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସୁଧ ହାର ୨୫ ବେସିସ ପଏଣ୍ଟ ବୃଦ୍ଧି କରିଛି। ପୂର୍ବରୁ ଯେଉଁ ସୁଧ ହାର ୭.୫ରୁ ୮.୪୫ ପ୍ରତିଶତ ଥିଲା ଏବେ ତାହା ୭.୫ରୁ ୮.୭୦ ପ୍ରତିଶତ ହୋଇଯାଇଛି। ଏହି ବ୍ୟାଙ୍କ ଉପର ବ୍ୟାଣ୍ଡରେ ସୁଧ ହାର ବୃଦ୍ଧି କରିବାକୁ ଘୋଷଣା କରିଛି।

**ସୁଧହାର ବଢ଼ାଇଲା ୨୫ ବେସିସ୍ ପଏଣ୍ଟ**

ଏହା ଦ୍ୱାରା ସାଧାରଣ ନାଗରିକଙ୍କ ପାଇଁ ଗୃହ ଋଣ ମହଙ୍ଗା ହୋଇଯିବ। ଘର କରିବା ମଧ୍ୟ ଅଧିକ କଠିନ ହେବ। ଏହି ନିଷ୍ପତ୍ତି ଦ୍ୱାରା କ୍ରେଡିଟ ସ୍କୋର କମ୍ ଥିବା ଲୋକେ ବେଶୀ ପ୍ରଭାବିତ ହେବେ। କାରଣ ବ୍ୟାଙ୍କଗୁଡ଼ିକ ଋଣ ହାରର ସର୍ବାଧିକ ସୀମାକୁ ବୃଦ୍ଧି କରିଦେଇଛନ୍ତି। ଆଗାମୀ ଦିନରେ ଅନ୍ୟ ସରକାରୀ ବ୍ୟାଙ୍କଗୁଡ଼ିକ ମଧ୍ୟ ଏପରି ନିଷ୍ପତ୍ତି ନେଇପାରନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଚଳିତ ଥର ରେପୋ ରେଟ୍‌କୁ ଅପରିବର୍ତ୍ତିତ ରଖିଥିବାବେଳେ ବ୍ୟାଙ୍କଗୁଡ଼ିକ ସୁଧ ହାର ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗତ ବୈଠକକୁ ଛାଡ଼ି ଦେଲେ ତା ପୂର୍ବରୁ ଆର୍‌ବିଆଇ କ୍ରମାଗତ ଭାବେ ରେପୋ ରେଟ୍ ହ୍ରାସ କରିଛି।

ଜୁଲାଇ ଶେଷରେ ଏସ୍‌ବିଆଇର ଗୃହ ଋଣ ଉପରେ ସୁଧ ହାର ୭.୫ ରୁ ୮.୪୫ ପ୍ରତିଶତ ଥିଲା। ସେହିପରି ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟ ଜୁଲାଇ ଶେଷରେ ନିଜ ସୁଧ ହାର ବଢ଼ାଇ ୭.୩୫ରୁ ବଢ଼ାଇ ୭.୪୫ ପ୍ରତିଶତ କରି ଦେଇଥିଲା। ଅନ୍ୟପଟେ ଏଚ୍‌ଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଆକ୍ସିସ ବ୍ୟାଙ୍କ ଭଳି ଘରୋଇ ବ୍ୟାଙ୍କର ସୁଧ ହାର ଯଥାକ୍ରମେ ୭.୯୦ ପ୍ରତିଶତ, ୮ ପ୍ରତିଶତ ଏବଂ ୮. ୩୫ ପ୍ରତିଶତ ରହିଛି। ରିପୋର୍ଟ ଅନୁଯାୟୀ ଏସ୍‌ବିଆଇ ସିବିଲ ସ୍କୋର ଏବଂ ଏକ୍ସଟରନା ବେଞ୍ଚମାର୍କ ଲେଣ୍ଡିଂ ରେଟ (ଇବିଏଲଆର) ଆଧାରରେ ସୁଧ ହାରରେ ପରିବର୍ତ୍ତନ କରିଛି।

## ଆରମ୍ଭ ହେଲା ବର୍ଷିକିଆ ଫାସଟାଗ୍

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଅଗଷ୍ଟ ୧୫ରୁ ସାରା ଦେଶରେ 'ବର୍ଷିକିଆ ଫାସ୍‌ଟାଗ୍ ପାସ୍'ସେବା ଆରମ୍ଭ ହୋଇଛି। ଏହି ପାସ୍‌ର ମୂଲ୍ୟ ୩ ହଜାର ଟଙ୍କା ରଖାଯାଇଛି। ଏହା ବର୍ଷେ ପର୍ଯ୍ୟନ୍ତ ବୈଧ ରହିବ। ବ୍ୟବହାରକାରୀ ଏହାକୁ ଦେଖାଇ ୨୦୦ ଥର ଟୋଲ୍ ଦେଇ ଯାତାୟତ କରିପାରିବେ। ଏହା ଦ୍ୱାରା ବ୍ୟବହାରକାରୀ ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। କାରଣ ଏହି ପାସ୍ ମାଧ୍ୟମରେ ଗୋଟିଏ ଟୋଲ୍ ଅତିକ୍ରମ କରିବା ପାଇଁ ୧୫ ଟଙ୍କା ଲାଗିବ। ସାରା ଦେଶରେ ଏନ୍‌ଏଚ୍ ଗୁଡ଼ିକରେ ଭିଡ଼ କମ୍ ହେବ। ବାରମ୍ବାର ଟୋଲ୍ ପ୍ଲାଜାରେ




ଅଟକିବାକୁ ପଡ଼ିବ ନାହିଁ। ରିଚାର୍ଜ ସମସ୍ୟାରୁ ମଧ୍ୟ ଆଶ୍ୱସ୍ତି ମିଳିବ। ବାରମ୍ବାର ଏନ୍‌ଏଚ୍‌ରେ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଏହି ପାସ୍ ବ୍ୟବସ୍ଥା ଉପଯୋଗୀ ହେବ। ଗତ ଜୁନ୍ ୧୮ରେ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ଏହି ପାସ୍ ବ୍ୟବସ୍ଥାର ଘୋଷଣା କରିଥିଲେ। ଟୋଲ୍ କ୍ରସ କରିବାରେ ପ୍ରାୟ ୧୦ ହଜାର ଟଙ୍କା ବ୍ୟୟ ହେଉଥିବାବେଳେ ଏବେ ୩ ହଜାରରେ କାମ ହୋଇଯିବ ବୋଲି ସେ କହିଥିଲେ। ବର୍ଷିକିଆ ପାସ୍ ଦ୍ୱାରା ପ୍ରତି ଟୋଲ୍‌ରେ ପ୍ରାୟ ୩୫ ଟଙ୍କା ସଞ୍ଚୟ ହେବ। ବ୍ଲାକଲିଷ୍ଟ ହେବାର ଚିନ୍ତା ଦୂର ହେବ। ଲୋକେ ଡିଜିଟାଲ ପେମେଣ୍ଟକୁ ଅଧିକ ବ୍ୟବହାର କରିବେ। ଟୋଲ୍ କର୍ମଚାରୀ ଏବଂ ଡ୍ରାଇଭରଙ୍କ ମଧ୍ୟରେ ଝଗଡ଼ା ଶେଷ ହେବ। ୬୦ କିମି ମଧ୍ୟରେ ରହୁଥିବା ଲୋକଙ୍କ ସମସ୍ୟା ଦୂର ହେବ। ଟୋଲ୍ ପ୍ଲାଜାରେ ଭିଡ଼ ହ୍ରାସ ପାଇବ।

ଟାଫେର ମାସି ଡାଇନାଷ୍ଟାର ପ୍ରତିଯୋଗିତା

## ତୃଣମୂଳସ୍ତରର କୃଷି ଉଦ୍ଭାବନକୁ ସ୍ୱୀକୃତି

ହାଇଦରାବାଦ, ୧୬।୮ (ସମିସ): ଟାଫେ - ଟ୍ରାକ୍ଟର ଓ ଫାର୍ମ ଇକ୍ୟୁପମେଣ୍ଟ ଲିମିଟେଡ୍ ଏବଂ ମାସି ଫର୍ଗୁସନ ଟ୍ରାକ୍ଟରର ନିର୍ମାତା ଏହାର ମାସି ଡାଇନାଷ୍ଟାର ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣକୁ ସଫଳତାର ସହ ଶେଷ କରିଛନ୍ତି। ଏହି ପଦକ୍ଷେପ ବହୁମୁଖୀ ମାସି ଫର୍ଗୁସନ ଡାଇନାଟ୍ରାକ୍ ୨୪୧ ଟ୍ରାକ୍ଟର ଦ୍ୱାରା ପରିଚାଳିତ ମୌଳିକ, ଦକ୍ଷତାଏବଂ ସାମାଜିକ ଭାବରେ ପ୍ରଭାବଶାଳୀ ଚିନ୍ତାଧାରା ଆବିଷ୍କାରକୁ ପୁରସ୍କୃତ କରିବା ଲକ୍ଷ୍ୟ ରଖିଛି। ଏହି ସଂସ୍କରଣରେ ୨୬ ରାଜ୍ୟ ଏବଂ ୫ କେନ୍ଦ୍ରଶାସିତ ଅଞ୍ଚଳରୁ ୧୬ ହଜାରରୁ ଅଧିକ ପ୍ରବେଶ ମିଳିଛି। ଏହି ଗୋଷ୍ଠୀରୁ ଆସାମ, ଗୁଜରାଟ, କର୍ଣ୍ଣାଟକ, ମଧ୍ୟ ପ୍ରଦେଶ, ପଞ୍ଜାବ, ତାମିଲନାଡୁ ଏବଂ ଉତ୍ତର ପ୍ରଦେଶ - ୭ଟି ରାଜ୍ୟକୁ ପ୍ରତିନିଧିତ୍ୱ କରୁଥିବା ୧୨ ଜଣ ଫାଇନାଲିଷ୍ଟଙ୍କୁ ଚୟନ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଚାଷୀ, ଗ୍ରାମୀଣ ଉଦ୍ୟୋଗୀ ଏବଂ ଉତ୍ସାହୀ କୃଷି-ଛାତ୍ର ସାମିଲ ଥିଲେ।

କର୍ଣ୍ଣାଟକର ବେଲଗାମର ଆଇଟି କର୍ମଚାରୀ ଅଭିନାଶ ଦେଶାଇଙ୍କୁ ମହାନ ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କୁ ପ୍ରାୟ ୮.୨ ଲକ୍ଷ ମୂଲ୍ୟର ଏକ ସମ୍ପୂର୍ଣ୍ଣ ନୂତନ ଏମଏଫ ୨୫୪ ଡାଇନା ସ୍ମାର୍ଟ ୨ ଡବ୍ଲୁଡି ଟ୍ରାକ୍ଟର ସହିତ ସମ୍ମାନିତ କରାଯାଇଥିଲା। ଆସାମର ହୋଜାଇର ପ୍ରତୀକ ଅଗ୍ରୱାଲଙ୍କୁ ଏବଂ ପଟିଆଲାର ଅମ୍ରିତ ଜୋତ ସିଂହଙ୍କୁ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ପାଇଁ ୮ ଗ୍ରାମ ସୁନା ମୁଦ୍ରା ପ୍ରଦାନ କରାଯାଇଥିଲା। ଆସାମ କାମରୂପ ମେଟ୍ରୋପଲିଟାନର ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଡକ୍ଟର ଜୟକୁମାର କାରୁପ୍ପୁସାମି ଜୁରି'ସ ଚଏସ୍ ପୁରସ୍କାରରେ ୫୦ ଗ୍ରାମ ରୂପା ମୁଦ୍ରା ଜିତିଥିଲେ।

## ସ୍ୱିଗିରେ ଖାଇବା ମଗାଇବା ମହଙ୍ଗା

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଅନ୍‌ଲାଇନ ଫୁଡ୍ ଡେଲିଭରି ପ୍ଲାଟଫର୍ମ ସ୍ୱିଗି ଖାଦ୍ୟ ମଗାଇବାକୁ ଅଧିକ ମହଙ୍ଗା କରିଦେଇଛି। କମ୍ପାନୀ ନିଜ ପ୍ଲାଟଫର୍ମ ଦେୟ ୧୭ ପ୍ରତିଶତ ଅର୍ଥାତ୍ ୨ ଟଙ୍କା ବୃଦ୍ଧି କରିଛି। ଏବେ ଖାଦ୍ୟ ମଗାଇଲେ ଥରକୁ ପ୍ଲାଟଫର୍ମ ଦେୟ ବାବଦକୁ ୧୪ ଟଙ୍କା ଦେବାକୁ ପଡ଼ିବ। ପୂର୍ବରୁ ଏହି ଦର ୧୨ ଟଙ୍କା ଥିଲା। ପାର୍ବଣ ଋତୁରେ ଚାହିଦା ବୃଦ୍ଧି ପାଉଥିବାବେଳେ ଲାଭ ଏବଂ ଆର୍ଥିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ କମ୍ପାନୀ ଏହି ପଦକ୍ଷେପ ନେଇଛି। ସ୍ୱିଗି ପ୍ରଥମ ଥର ପାଇଁ ୨୦୨୩ ଏପ୍ରିଲରେ ପ୍ଲାଟଫର୍ମ ଦେୟ ଆରମ୍ଭ କରିଥିଲା। ନିଜର ଆର୍ଥିକ ସ୍ଥିତିକୁ ଅଧିକ ଭଲ କରିବା ପାଇଁ ଏପରି କରାଯାଇଥିଲା। ସେହି ଦିନଠାରୁ କମ୍ପାନୀ ଧିରେ ଧିରେ ଅନେକ ଥର ପ୍ଲାଟଫର୍ମ ଦେୟ ବଢ଼ାଇଲାଣି। କାରଣ ଏହା ଦ୍ୱାରା ଖାଦ୍ୟ ମଗାଇବା ଉପରେ କୌଣସି ପ୍ରଭାବ ପଡୁନାହିଁ। ଗ୍ରାହକଙ୍କ ଏହି ଧାରାରେ ପଡ଼ି ଯାଉଛନ୍ତି। ଦୁଇ ଚାରି ଟଙ୍କା ବୃଦ୍ଧି ଦ୍ୱାରା ଗ୍ରାହକଙ୍କୁ ମଧ୍ୟ କୌଣସି ପ୍ରଭାବ ପଡୁନି। ପ୍ରାରମ୍ଭରେ ଏହି ଦେୟ ମାତ୍ର ୨ ଟଙ୍କା ଥିଲା। ସେହିପରି ଗତ ବର୍ଷ ନୂଆ ବର୍ଷରେ ଏହି ଦେୟ ୧୨ ଟଙ୍କା କରିଦିଆଯାଇଥିଲା।

ଜିଏସ୍‌ଟି ହାର ବଦଳିବ

# କ୍ଷୀର, ଦହି, ପେନ୍‌ସିଲ ଆଦି ହେବ ଶସ୍ତା!

ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି)

ସାରା ଦେଶରୁ ଟିକସ ବୋଝ କମ୍ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ଦିବସରେ 'ନେକ୍ସଟ ଜେନେରେସନ ଜିଏସ୍‌ଟି ରିଫର୍ମ' ଘୋଷଣା କରିଛନ୍ତି। ଏହି ଜିଏସ୍‌ଟି ସଂସ୍କାର ଆସନ୍ତା ଦିପାବଳୀରୁ ଲାଗୁ ହେବ ବୋଲି ସେ ସଙ୍କେତ ଦେଇଛନ୍ତି। ସାଧାରଣ ଲୋକଙ୍କ ପାଇଁ ଟିକସ ହ୍ରାସ କରାଯିବ। ଦୈନନ୍ଦିନ ସାମଗ୍ରୀ ଶସ୍ତା ହୋଇପାରେ ବୋଲି କହିଥିଲେ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୧୨ ପ୍ରତିଶତ ଜିଏସ୍‌ଟି ସ୍ଲାବରେ ଆସୁଥିବା ସାମଗ୍ରୀକୁ ହ୍ରାସ କରି ୫ ପ୍ରତିଶତ କରାଯାଇପାରେ। ୨୮ ପ୍ରତିଶତ ବର୍ଗରେ ଥିବା ସାମଗ୍ରୀ ୧୮ ପ୍ରତିଶତକୁ ହ୍ରାସ ପାଇପାରେ। ପୂର୍ବରୁ ଟୁଥପେଷ୍ଟ, ବାସନକୁସନ, ପୋଷାକ, ଜୋତା ଭଳି ସାମଗ୍ରୀର ମୂଲ୍ୟ ହ୍ରାସ ପାଇବ ବୋଲି କୁହାଯାଉଥିଲା। କାରଣ ସରକାର ମଧ୍ୟବର୍ତ୍ତି, ନିମ୍ନ ଆୟକାରୀ ପରିବାରକୁ ଜିଏସ୍‌ଟିରେ ଆଶ୍ୱସ୍ତି ଦେବାକୁ ପ୍ରସ୍ତୁତି କରୁଛନ୍ତି।

ରିପୋର୍ଟ ଅନୁଯାୟୀ ସରକାର ୧୨ ପ୍ରତିଶତ ଜିଏସ୍‌ଟି ସ୍ଲାବ ସମ୍ପୂର୍ଣ୍ଣ ଉଚ୍ଛେଦ କରିବେ କିମ୍ବା ବର୍ତ୍ତମାନର ୧୨ ପ୍ରତିଶତ ଟିକସ ଥିବା ସାମଗ୍ରୀକୁ ହ୍ରାସ କରି ୫ ପ୍ରତିଶତକୁ ଆଣିପାରନ୍ତି। ଏହି ପରିବର୍ତ୍ତନରେ ମଧ୍ୟବିତ୍ତ, ଆର୍ଥିକ ଦୁର୍ବଳ ଶ୍ରେଣୀରେ ଲୋକ ବ୍ୟବହାର କରୁଥିବା ସାମଗ୍ରୀ ସାମିଲ ହେବ। ଏବେ ଜିଏସ୍‌ଟି ଚାରୋଟି ସ୍ଲାବ୍‌ରେ ରହିଛି। ଏଥିରେ ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ ଏବଂ ୨୮ ପ୍ରତିଶତ ସାମିଲ ରହିଛି। ତେବେ ତମାଖୁ, ସିଗାରେଟ ଏବଂ ବିୟର ଭଳି ତମାଖୁ ଉତ୍ପାଦ ପାଇଁ




ଅତିରିକ୍ତ ୪୦ ପ୍ରତିଶତ ଜିଏସ୍‌ଟି ସ୍ଲାବ ରହିବ। ବିଶେଷଜ୍ଞଙ୍କ ଅନୁଯାୟୀ ଜିଏସ୍‌ଟିରେ ସଂସ୍କାର ଦ୍ୱାରା ଦୈନନ୍ଦିନର ସାମଗ୍ରୀଠାରୁ ନେଇ ଔଷଧ, ଟିଭି ଏବଂ ୱାସିଂ ମେସିନ ଆଦି ଶସ୍ତା ହେବ। କୃଷି ଉପକରଣ, ସାଇକେଲ, ବୀମା, ଶିକ୍ଷା, କ୍ଷୀର, ଦହି, ପେନ୍‌ସିଲ ଆଦି ଶସ୍ତା ହେବ। ଏହା ଦ୍ୱାରା ପରିବାର ଏବଂ ଚାଷୀଙ୍କୁ ସିଧା ଲାଭ ମିଳିବ। ଅର୍ଥ ବ୍ୟବସ୍ଥା ବଢ଼ିବ। ଜିଏସ୍‌ଟି ସ୍ଲାବ୍‌କୁ ହ୍ରାସ କରି ୫, ୧୮ ଏବଂ ୪୦ ପ୍ରତିଶତ କରାଯାଇପାରେ। ୧୨ ପ୍ରତିଶତରେ ଥିବା ପ୍ରାୟ ୯୯ ପ୍ରତିଶତ ସାମଗ୍ରୀକୁ ୫ ପ୍ରତିଶତ ସ୍ଲାବକୁ ଅଣାଯିବ। ଏହି ସାମଗ୍ରୀ ମଧ୍ୟରେ କ୍ଷୀର, ଦହି, ଖଟାମିଠା, ପାସ୍ତା, ଭୁଜିଆ, ଜାମ, ଟୁଥ୍ ପାଉଡର, କ୍ଷୀର ବୋତଲ, ଛତା, ସାଇକେଲ, ଆସବାବପତ୍ର, ପେନ୍‌ସିଲ, କପା, ହ୍ୟାଣ୍ଡବ୍ୟାଗ ଏବଂ ହଜାରେ ଟଙ୍କାରୁ କମ୍ ଦାମର ଜୋତା ସାମିଲ ରହିଛି। ଏ ସବୁର ଜିଏସ୍‌ଟି ହାର ହ୍ରାସ ପାଇ ୫ ପ୍ରତିଶତ କରାଯାଇପାରେ।

## ଟ୍ରମ୍ପ-ପୁତିନଙ୍କ ବୈଠକ ପରେ ୧୦୦ ଦେଶକୁ ଆଶ୍ୱସ୍ତି



ନୂଆଦିଲ୍ଲୀ, ୧୬।୮ (ଏଜେନ୍ସି): ଆଲାସ୍କାରେ ଅନୁଷ୍ଠିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ମଧ୍ୟରେ କୌଣସି ଚୁକ୍ତି ହୋଇପାରି ନାହିଁ। କିନ୍ତୁ ଏହି ବୈଠକ ବିଶ୍ୱର ଶହେ ଦେଶକୁ ଆଶ୍ୱସ୍ତି ଦେଇଛି। ଏହି ଦୁଇ ନେତାଙ୍କ ଆଲୋଚନା ପରେ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ଦୁଇ ପ୍ରତିଶତ ହ୍ରାସ ପାଇଛି। ସୂଚନା ଅନୁଯାୟୀ ବିଶ୍ୱର ପ୍ରାୟ ୯୮ଟି ଦେଶ ଅଶୋଧିତ ତୈଳ ଉତ୍ପାଦନ କରୁଛନ୍ତି। ଏହି ତୈଳ ଅନ୍ୟ ଶହେ ରାଷ୍ଟ୍ରଙ୍କୁ ରପ୍ତାନୀ କରନ୍ତି। ଅଶୋଧିତ ତୈଳ ଦର ହ୍ରାସ ପାଇବା ଯୋଗୁଁ ତୈଳ ଆମଦାନୀକାରୀ ଦେଶମାନଙ୍କ ଉପରେ ଚାପ କମ୍ ରହିଛି। ଅଗଷ୍ଟ ମାସରେ ଉପସାଗରୀୟ ଏବଂ ଆମେରିକୀୟ ତୈଳ ୯ ପ୍ରତିଶତରୁ ଅଧିକ ଶସ୍ତା ହୋଇଛି।

ଟ୍ରମ୍ପ ଏବଂ ପୁତିନଙ୍କ ବୈଠକ ଦ୍ୱାରା ପରବର୍ତ୍ତୀ ବାର୍ତ୍ତାର ଦ୍ୱାର ଖୋଲି ଯାଇଛି। ମସ୍କୋରେ ଏହି ବୈଠକ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାର ପ୍ରଭାବ ଅଶୋଧିତ ତୈଳ ଦର ଉପରେ ପଡିଛି। ଅନ୍ତର୍ଜାତୀୟ ବଜାରରେ ଏହି ଦର ହ୍ରାସ ପାଇଛି। ଆମେରିକା କ୍ରୁଡ ଅଏଲ ତଥା ଡବ୍ଲୁଟିଆଇ ମୂଲ୍ୟ ପ୍ରାୟ ୨ ପ୍ରତିଶତ ହ୍ରାସ ପାଇଛି। ରିପୋର୍ଟ ଅନୁଯାୟୀ ଏହା ୧.୮୦ ପ୍ରତିଶତ ହ୍ରାସ ପାଇ ବ୍ୟାରେଲ ପିଛା ୬୨.୮୦ ପ୍ରତିଶତ ରହିଛି। ଚଳିତ ମାସରେ ଆମେରିକା ଅଶୋଧିତ ତୈଳ ପ୍ରାୟ ୯.୩୨ ପ୍ରତିଶତ ଅର୍ଥାତ ୬.୪୬ ଡଲାର କମିଲାଣି। ଏହା ଦ୍ୱାରା ଅନେକ ଦେଶକୁ ଲାଭ ମିଳିଛି। ସେହିପରି ଉପସାଗରୀୟ ଦେଶଗୁଡ଼ିକର ତୈଳ ମୂଲ୍ୟ ମଧ୍ୟ ଦେଢ଼ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଲାଣି। ଶୁକ୍ରବାର ବ୍ରେଣ୍ଟ କ୍ରୁଡ ଅଏଲ ବ୍ୟାରେଲ ପିଛା ୧.୪୮ ପ୍ରତିଶତ ହ୍ରାସ ପାଇ ୬୫.୮୫ ଡଲାର ରହିଛି। ଚଳିତ ମାସରେ ଏହା ୬.୬୮ ଡଲାର ତଥା ୯.୨୧ ପ୍ରତିଶତ ହ୍ରାସ ପାଇଲାଣି।

# ରାଜ୍ୟ ଖବର

## ଯୁବତୀଙ୍କୁ ଘରେ ରଖି ଯୌନ ନିର୍ଯାତନା

ବାରିପଦା, ୧୬।୮(ସମିସ): ନିଜ ଝିଅ ଭଳି ପାଳି ପୋଷି ମଣିଷ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନିଜ ଘରେ ରଖି ପାଠ ପଢ଼ାଇବା ସହ ବଡ଼ ହେବା ପରେ ଉପଯୁକ୍ତ ପାତ୍ର ଦେଖି ବିବାହ କରାଇଦେବେ ବୋଲି ବି କହିଥିଲେ।

**ସାର୍‌ଙ୍କ କଳାକାରନାମାକୁ ମ୍ୟାଡମ୍ ଚାପି ଦେଉଥିଲେ**

ଏମିତି ସୁନେଲି ସ୍ୱପ୍ନ ଦେଖାଇ ଗରିବ ବାପା-ମା'ଙ୍କ ପାଖରୁ ନେଇ ଆସିବା ପରେ ସେମାନଙ୍କର ଅସଲ ରୂପ ଦେଖାଇଥିଲେ। ପାଠଶାଠ ପଢ଼ାଇବା ତ ଦୂରର କଥା, ଘରଯାକର ସବୁ କାମ ମୁଣ୍ଡ ଉପରେ ଲଦିଦେଲେ। ଚାକରାଣୀଙ୍କ ଭଳି ଦିନ ରାତି ଖଟାଇଲେ। ସେତିକିରେ ନିର୍ଯାତନା ସରିଲାନି ଯେ ତାକୁ ଯୌନ ନିର୍ଯାତନା ବି ଦେଲେ। ବାରିପଦା ରେଡିଓ ଷ୍ଟେସନ୍‌ରେ ଟେକ୍ନିସିଆନ ଭାବେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ନାଁରେ ଆଜି ଭଞ୍ଜପୁର ଥାନାରେ ଏଭଳି ଏକ ସଂଗିନ୍ ଅଭିଯୋଗ ହୋଇଛି। ୩ବର୍ଷ ଧରି ଅକଥନୀୟ ନିର୍ଯାତନା ସହିବା ପରେ ଶେଷରେ ଯୁବତୀଜଣଙ୍କ ମୁହଁ ଖୋଲିବା ପରେ ଏହି ଘଟଣା ପଦାକୁ ଆସିଛି। ଏପରିକି, ବାବୁଙ୍କ କଳାକାରନାମା ଘୋଡ଼ାଇବା ପାଇଁ ତାଙ୍କ ସ୍ତ୍ରୀ ଉଦ୍ୟମ ଚଳାଇଥିଲେ। ସେ ଯୁବତୀଙ୍କୁ ଗୃହବନ୍ଦୀ ଭଳି କରି ରଖିଥିଲେ। ବାହାରକୁ ଛାଡୁନଥିଲେ ବୋଲି ଯୁବତୀଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ଅଭିଯୋଗ ଅନୁଯାୟୀ, ୩ ବର୍ଷ ତଳେ ମୋରଡ଼ା ଅଞ୍ଚଳର ଜଣେ ଗରିବ ନାବାଳିକାଙ୍କୁ ଉକ୍ତ ସରକାରୀ ବାବୁ ଓ ତାଙ୍କ ପତ୍ନୀ ଘରକୁ ନେଇ ଆସିଥିଲେ। ଏଥିପାଇଁ ତାଙ୍କ ବାପା-ମା'ଙ୍କୁ ନାନାଦି ମିଛ ପ୍ରତିଶ୍ରୁତି ଦେଇଥିଲେ। ଘରେ ରଖି ତା' ଦ୍ୱାରା ସବୁ କାମ କରାଇବା ସହ ଯୌନ ଶୋଷଣ ମଧ୍ୟ କରୁଥିଲେ। ଏବେ ନାବାଳିକାଙ୍କୁ ୧୮ ବର୍ଷ ପୂରି ସାବାଳିକା ହେଲେଣି। ତେବେ ନିର୍ଯାତନା ସହି ନପାରି ଯୁବତୀଜଣଙ୍କ ସେଠାରୁ ପଳାଇ ଆସି ନିଜ ଘରେ ସବୁ କଥା ପ୍ରକାଶ କରିଥିଲେ। ପରେ ପରିବାରଲୋକେ ଯୁବତୀଙ୍କୁ ନେଇ ମୋରଡ଼ା ଥାନାରେ ପ୍ରଥମେ ଏତଲା ଦେଇଛନ୍ତି। କିନ୍ତୁ ଏହି ଆପରାଧିକ ଘଟଣା ଭଞ୍ଜପୁର ଥାନାଞ୍ଚଳରେ ହୋଇଥିବାରୁ ପୁଲିସ୍ ସେମାନଙ୍କୁ ଭଞ୍ଜପୁର ଥାନାକୁ ପଠାଇ ଦେଇଥିଲା। ଯୁବତୀଙ୍କ ବାପାଙ୍କ ଲିଖିତ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ଭଞ୍ଜପୁର ଥାନା ଘଟଣାର ତଦନ୍ତ ଜାରି ରଖିଛି।

■ ରାଜ୍ୟବ୍ୟାପୀ ପରିବହନ ବିଭାଗର ଯାଞ୍ଚ

## ୨୨୭ଟି ଗାଡ଼ିର ଫିଟ୍‌ନେସ୍ ପ୍ରମାଣପତ୍ର ରଦ୍ଦ

କଟକ, ୧୬।୮(ସମିସ): ସଡ଼କ ନିରାପତ୍ତା ଦୃଷ୍ଟିରୁ ମାଲବାହୀ ଗାଡ଼ିରେ ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଯିବା ବାଧ୍ୟତାମୂଳକ। ତେବେ ଏହାକୁ ଉଲ୍ଲଙ୍ଘନ କରାଯାଉଥିବା ପରିବହନ ବିଭାଗର ଦୃଷ୍ଟିକୁ ଆସିବା ପରେ ରାଜ୍ୟବ୍ୟାପୀ ଯାଞ୍ଚ ଅଭିଯାନ କରାଯାଇଛି। ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଉ ନଥିବା ୨୨୭ଟି ଗାଡ଼ିର ଫିଟନେସ୍ ପ୍ରମାଣପତ୍ର ରଦ୍ଦ କରାଯାଇଛି। ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ବିରୋଧରେ ରାଜ୍ୟ ପରିବହନ ପ୍ରାଧିକରଣ ନିର୍ଦ୍ଦେଶରେ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଦ୍ୱାରା କଡ଼ାକଡ଼ି ଏନଫୋର୍ସମେଣ୍ଟ ଜାରି ରହିଛି। ଏହି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଗତ ଦୁଇ ଦିନ ଧରି କରାଯାଇଥିଲା। ଆରଟିଓମାନଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ବିଭିନ୍ନ ରାଜପଥରେ ଉଭୟ ମାଲବାହୀ ଓ ଯାତ୍ରୀବାହୀ ଗାଡ଼ିଗୁଡ଼ିକୁ ଯାଞ୍ଚ କରିଥିଲେ। ଜଗତସିଂହପୁର ଆରଟିଓ ଦ୍ୱାରା ସର୍ବାଧିକ ୨୭, ଝାରସୁଗୁଡ଼ା ଆରଟିଓରେ ୨୬, ଭୁବନେଶ୍ୱର-୧ ଆରଟିଓ ୧୫, ରାଉରକେଲା

**ରେଟ୍ରୋ ରିଫ୍ଲେକ୍ଟିଭ୍ ଟେପ୍ ଲଗାଇ ନ ଥିଲେ**

ଆରଟିଓ ୧୩, କେନ୍ଦୁଝର ଆରଟିଓ ୧୨, କଟକ ଓ ଚଣ୍ଡିଖୋଲ ଆରଟିଓରେ ୯ ଲେଖାଏଁ, ଭୁବନେଶ୍ୱର-୨ ଆରଟିଓ ୮, ଗଞ୍ଜାମ ଆରଟିଓ ୭, ବଲାଙ୍ଗିର, ତାଳଚେର ଓ କେନ୍ଦ୍ରାପଡ଼ା ଆରଟିଓରେ ୬ ଲେଖାଏଁ, ଭଦ୍ରକ ଓ ସୋନପୁରରେ ୫ ଲେଖାଏଁ ଗାଡ଼ିର ଫିଟନେସ ରଦ୍ଦ କରାଯାଇଛି। ସେହିଭଳି ଢେଙ୍କାନାଳ, ଫୁଲବାଣୀ, ନୂଆପଡ଼ା, ବୌଦ୍ଧ, ଯାଜପୁର, ରାୟଗଡ଼ା ଆରଟିଓ ଓ ଖୋର୍ଦ୍ଧା ଏଆରଟିଓରେ ୪ଟି ଲେଖାଏଁ ଗାଡ଼ିର ଫିଟନେସ୍ ରଦ୍ଦ କରାଯାଇଛି। ସେହି ଗାଡ଼ିଗୁଡ଼ିକ ପୁଣି ଫିଟନେସ ପାଇବାକୁ ନିୟମ ଅନୁଯାୟୀ ଟେପ୍ ଲଗାଇ ଆବେଦନ କରିବାକୁ କୁହାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ସମସ୍ତ ବାଣିଜ୍ୟିକ ଯାନର ପଛପଟେ ନାଲି, ଉଭୟ ପାର୍ଶ୍ୱରେ ହଳଦିଆ ଏବଂ ଆଗରେ ଧଳା ଟେପ୍ ଲଗାଯାଏ। ଏହାଦ୍ୱାରା ଅନ୍ୟ ସଡ଼କ ବ୍ୟବହାରକାରୀ ଗାଡ଼ିକୁ ଅନ୍ଧାର କିମ୍ବା କମ୍ ଆଲୁଅରେ ଦେଖିପାରନ୍ତି। ଯାହା ଦୁର୍ଘଟଣାକୁ ହ୍ରାସ କରିବାରେ ସହାୟକ ହୋଇଥାଏ। ଏଭଳି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ନିୟମିତ ଭାବରେ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଓଟିଇଟି ପରୀକ୍ଷା ନେଇ ସ୍ପଷ୍ଟ କଲେନି କର୍ତ୍ତୃପକ୍ଷ

କଟକ, ୧୬।୮(ସମିସ): ଆସନ୍ତା ଅଗଷ୍ଟ ୩୧ତାରିଖରେ ହେବାକୁ ଥିବା ଓଟିଇଟି ପରୀକ୍ଷା ହେବ କି ନାହିଁ, ସେନେଇ ସ୍ପଷ୍ଟ ଉତ୍ତର ରଖିନାହାନ୍ତି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କର୍ତ୍ତୃପକ୍ଷ। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି ଯେ ନୂତନ ପରୀକ୍ଷା ପରିଚାଳନା କମିଟି ଏହି ସମୟ ମଧ୍ୟରେ ସମସ୍ତ ବ୍ୟବସ୍ଥା ଗ୍ରହଣ କରି ପରୀକ୍ଷା କରିପାରିବ କି ନାହିଁ ତାହା ତର୍ଜମା କରୁଛି। ସମ୍ଭବତଃ ବିଭିନ୍ନ କାରଣରୁ ଏହି ପରୀକ୍ଷା ନିର୍ଦ୍ଧାରିତ ତାରିଖରେ ନହୋଇପାରେ ବୋଲି ଶ୍ରୀ ତରାଇ କହିଛନ୍ତି। ଯଦି ଏହି ପରୀକ୍ଷା ଘୁଞ୍ଚାଯାଏ, ତାହେଲେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପୂର୍ବକ ସୂଚନା ଦିଆଯିବ ବୋଲି ସେ କହିଛନ୍ତି। ପ୍ରକାଶଥାଉକି ଗତ ଜୁଲାଇ ୨୦ରେ ହେବାକୁ ଥିବା ଓଟିଇଟି ପରୀକ୍ଷାକୁ ପ୍ରଶ୍ନପତ୍ର ଲିକ ପାଇଁ ୧୯ତାରିଖ ମଧ୍ୟ ରାତ୍ରୀରେ ସ୍ଥଗିତ ରଖାଯାଇଥିଲା। ଗୋଟିଏପଟରେ ପ୍ରଶ୍ନପତ୍ର ଲିକ ଘଟଣାର ତଦନ୍ତ ଚାଲୁରହିଥିବା ବେଳେ ପୁନଃ ଅଗଷ୍ଟ ୩୧ତାରିଖରେ ପରୀକ୍ଷା ପାଇଁ ସାନି ତାରିଖ ଧାର୍ଯ୍ୟ ହୋଇଥିଲା।

## ଆସାମରେ ଶିରିଡ଼ି ସାଇବାବାଙ୍କ ମନ୍ଦିର ଉଦ୍‌ଘାଟିତ



ଗୌହାଟୀ,୧୬।୮: ଆସାମର ନାଗାଓଁଠାରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ଆଜି ଶିରିଡ଼ି ସାଇବାବାଙ୍କ ଏକ ନୂତନ ମନ୍ଦିର ଉଦ୍‌ଘାଟିତ ହୋଇଥିବା ବେଳେ ଦୁଇଟି ସ୍ଥାନରେ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା ହୋଇଛି। ନାଗାଓଁସ୍ଥିତ ପୁରାନିଗୁଡ଼ାମଠାରେ ଆୟୋଜିତ ଏକ ବିଶାଳ ସମାବେଶରେ ଶିରିଡ଼ି ସାଇବାବାଙ୍କ ନୂତନ ମନ୍ଦିରକୁ ଗୁରୁଜୀ ଡ. ଶତପଥୀ ଉଦ୍‌ଘାଟନ କରିବା ସହ ବାବାଙ୍କ ବିଗ୍ରହର ପ୍ରାଣ ପ୍ରତିଷ୍ଠା କରିଥିଲେ। ଏହାସହ ଏଠାରେ ଶ୍ରୀଗୁରୁ ଭାଗବତ ଟୁଙ୍ଗୀକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୁରୁଜୀ ଉପସ୍ଥିତ ଜନସମାବେଶକୁ ଉଦ୍‌ବୋଧନ ଦେଇ ଶିରିଡ଼ି ସାଇବାବାଙ୍କ ସରଳତାର ଶିକ୍ଷା ଉପରେ ଆଲୋକପାତ କରିଥିଲେ। ସମସ୍ତଙ୍କ ପ୍ରତି ପ୍ରେମ ଓ ଦୟା ତାଙ୍କର ବିଶେଷତ୍ୱ ଥିଲା, ଯାହା ଆଜି ପର୍ଯ୍ୟନ୍ତ ସମସ୍ତଙ୍କୁ ପ୍ରଭାବିତ କରିଆସୁଛି ବୋଲି ଗୁରୁଜୀ କହିଥିଲେ।

ଏହି ମନ୍ଦିର ନିର୍ମାଣରେ ଟ୍ରଷ୍ଟି ବିଶେଷକରି ଆସାମ ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନୀ ରିଙ୍କି ଭୂୟାଁ ଶର୍ମାଙ୍କର ଭୂମିକାର ଗୁରୁଜୀ ଉଚ୍ଚ ପ୍ରଶଂସା କରିଥିଲେ। ଗୌହାଟୀ ଭିଆଇପି ରୋଡ୍‌ଠାରେ ଗୁରୁଜୀ ଡ. ଶତପଥୀ ଗତକାଲି ଅନ୍ୟ ଏକ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ବହୁ ସଂଖ୍ୟାରେ ଭକ୍ତ ଉପସ୍ଥିତ ରହି ଶ୍ରୀଗୁରୁ ଭାଗବତ ପ୍ରାର୍ଥନା ଗାୟନ କରିଥିଲେ। ବୋରବରି ଶଙ୍କର ଦେବ ଶିଶୁ ନିକେତନର ଛାତ୍ରଛାତ୍ରୀମାନେ ପିତାମାତା ସ୍ତବକ ଗାନ କରିଥିଲେ। ୨୦୧୨ମସିହାରେ ଗୁରୁଜୀ ଏଠାରେ ଶିରିଡ଼ି ସାଇବାବାଙ୍କ ମନ୍ଦିରକୁ ଉଦ୍‌ଘାଟନ କରିଥିଲେ।






# ମହିଳା ଟ୍ରାଭେଲ୍ ଭ୍ଲଗର

ଆଜିର ମହିଳା ସବୁ କ୍ଷେତ୍ରରେ ଆଗକୁ ବଢ଼ୁଛନ୍ତି । ଶିକ୍ଷା, ବ୍ୟବସାୟ, ସ୍ୱାସ୍ଥ୍ୟ, କଳା ଓ ଖେଳ ଆଦିରେ ସେମାନେ ନିଜକୁ ସମୃଦ୍ଧ କରିଛନ୍ତି । ସେହିପରି କିଛି ମହିଳା ଟ୍ରାଭେଲ ଭ୍ଲଗ୍ କରି ନିଜର ପରିଚୟ ସୃଷ୍ଟି କରିଛନ୍ତି । ଭ୍ରମଣ କରିବା କେବଳ ପୁରୁଷଙ୍କ କାର୍ଯ୍ୟ ନୁହେଁ, ବୋଲି ସେ ପ୍ରମାଣ କରିଛନ୍ତି । ଅଦମ୍ୟ ସାହସ, ଦୃଢ଼ ମନୋବଳ ପାଇଁ ସେମାନେ ବିଶ୍ୱର ବିଭିନ୍ନ ସ୍ଥାନକୁ ଭ୍ରମଣ କରିବାରେ ସଫଳ ହୋଇଛନ୍ତି । ଯେଉଁଠି ମହିଳାଙ୍କ ଏକାକୀ ଯାତ୍ରାକୁ ଅସୁରକ୍ଷିତ ମନାଯାଏ, ସେହି ରଢ଼ିବାଦୀ ଚିନ୍ତାଧାରାରୁ ବାହାରି ସେମାନେ ନିଜର ପରିଚୟ ସୃଷ୍ଟି କରିଛନ୍ତି । ସେହିପରି ପ୍ରସିଦ୍ଧି ଲାଭ କରିଥିବା କେତେକ ଭାରତୀୟ ମହିଳା ଟ୍ରାଭେଲ୍ ଭ୍ଲଗରଙ୍କୁ ନେଇ ଏହି ଉପସ୍ଥାପନା ।



### ତାନ୍ୟା ଖନିଜୋ

ତାନ୍ୟା ଖନିଜୋ ଜଣେ ପ୍ରସିଦ୍ଧ ଭାରତୀୟ ଟ୍ରାଭେଲ ଭ୍ଲଗର, ୟୁଟ୍ୟୁବର୍ ତଥା ଇନ୍‌ଫ୍ଲୁଏନ୍ସର ଭାବେ ପରିଚିତ । ସେ ଦେଶ, ବିଦେଶ ବିଭିନ୍ନ ସ୍ଥାନକୁ ଭ୍ରମଣ କରି ତାହାର ଅନୁଭୂତି ସାଉଁଟିବା ସହ ତାକୁ ନେଇ ବୃତ୍ତଚିତ୍ର ପ୍ରସ୍ତୁତ କରନ୍ତି । ହରିୟାଣାରେ ରହୁଥିବା ଏହି ଯୁବତୀଙ୍କର ଅଜଣା ଜିନିଷ, ସ୍ଥାନ ଓ ଲୋକଙ୍କ ବିଷୟରେ ଜାଣିବାରେ ବେଶ୍ ରୁଚି ରହିଛି । ଏଥିପାଇଁ ସେ କର୍ପୋରେଟ୍ ଚାକିରି ଛାଡ଼ି ଭ୍ରମଣ ଦିଗରେ ଆଗେଇଥିଲେ । ସେ ୨୦୧୨ ମସିହାରେ ଏହି ଭ୍ରମଣ ଯାତ୍ରା ଆରମ୍ଭ କରିଥଲେ । ସେ ବିଭିନ୍ନ ସ୍ଥାନ ବୁଲି ସେଠାର ସଂସ୍କୃତି, ପରମ୍ପରାକୁ ୟୁଟ୍ୟୁବରେ ଭିଡିଓ କରି ଲୋକମାନଙ୍କୁ ଦେଖାଇଥାନ୍ତି । ଏଥିସହ ଲୋକମାନଙ୍କୁ ବିଦେଶ ଯାତ୍ରା କରିବାର ସମ୍ପୂର୍ଣ୍ଣ ବିବରଣୀ ଦେଇଥାନ୍ତି । ତାଙ୍କର ୟୁଟ୍ୟୁବ୍‌ରେ ଲକ୍ଷ ଲକ୍ଷ ସବ୍‌ସ୍କ୍ରାଇବର ରହିଛନ୍ତି । ସେ ଏକାକୀ ମହିଳା ଭାବେ ଆଫ୍ରିକା, ଆମେରିକା, ମାଳଦ୍ୱୀପ, ଆଣ୍ଡମାନ, କେରଳ, ହିମାଚଳ ପ୍ରଦେଶ, ନେପାଳ ଏଭେରେଷ୍ଟ ବେସ୍ କ୍ୟାମ୍ପ ଆଦି ସ୍ଥାନକୁ ଭ୍ରମଣ କରିଛନ୍ତି । ସେ ନିଜ ଟ୍ରାଭେଲ ଭ୍ଲଗ୍ ମାଧ୍ୟମରେ, ବିଭିନ୍ନ ସ୍ଥାନର ବିଶେଷତା ଯଥା- ଖାଦ୍ୟପେୟ, ଜଳବାୟୁ ବାବଦରେ ଜଣାଇଥାନ୍ତି ।



### କ୍ରୀତିକା ଗୋଏଲ୍

ସେହିପରି ଆଉ ଜଣେ ସଫଳ ଟ୍ରାଭେଲ୍ ଭ୍ଲଗର ହେଲେ କ୍ରୀତିକା ଗୋଏଲ । ସେ କର୍ପୋରେଟ୍ କର୍ମଚାରୀ ହେବା ସହ ଜଣେ ଟ୍ରାଭେଲ୍ ଭ୍ଲଗର ଭାବେ ପରିଚିତ । ସେ ବିଭିନ୍ନ ସ୍ଥାନ ବୁଲି ତାହା ବିଷୟରେ ଜାଣିବାକୁ ରୁଚି ରଖନ୍ତି । ୨୦୧୭ ରେ ସେ ନିଜର ଭ୍ରମଣ ଯାତ୍ରା ଆରମ୍ଭ କରିଥିଲେ । ସେ ୟୁଟ୍ୟୁବ୍ ଭ୍ଲଗ୍ ମାଧ୍ୟମରେ ବିଭିନ୍ନ ପର୍ଯଟନ ସ୍ଥଳୀର ବିବରଣୀ ସମେତ ଲୋକଙ୍କ ଜୀବନ ଶୈଳୀ, ଫେଶନ ବିଷୟରେ ମଧ୍ୟ ବାର୍ତ୍ତା ଦେଇଥାନ୍ତି । ପାଞ୍ଚ ବର୍ଷରେ ଚାରି ଲକ୍ଷ ସବ୍‌ସ୍କ୍ରାଇବର ହାସଲ କରିଥିବା କ୍ରୀତିକା ସ୍ୱିଜର୍‌ଲ୍ୟାଣ୍ଡ, ଆମେରିକା, ଆଦି ସ୍ଥାନକୁ ଯାତ୍ରା କରିଛନ୍ତି । ସେ ବିଭିନ୍ନ ସ୍ଥାନ ଯାତ୍ରା କରି ଖୁବ୍ ରୋମାଞ୍ଚକର ଅନୁଭୂତି ନେଇଛନ୍ତି, ଯାହା ତାଙ୍କୁ ଏକ ନୂଆ ଜୀବନ ବଞ୍ଚିବାର ମାର୍ଗ ଦର୍ଶାଇଛି ବୋଲି ସେ କୁହନ୍ତି ।



### ପ୍ରିୟଙ୍କା ଚନ୍ଦୋଲା

ପ୍ରିୟଙ୍କା ଚନ୍ଦୋଲା ଜଣେ, ଦେଶୀ ଗର୍ଲ ଟ୍ରାଭେଲର ଭାବେ ପରିଚିତ । ସେ ୨୦୧୮ ଏହି ଭ୍ରମଣ ଯାତ୍ରା ଆରମ୍ଭ କରିଥିଲେ । କମ୍ ଟଙ୍କାରେ ପର୍ଯ୍ୟଟକମାନେ କିପରି ବିଭିନ୍ନ ସ୍ଥାନ ବୁଲିପାରିବେ, ସେ ବିଷୟରେ ୟୁଟ୍ୟୁବ୍ ଭିଡିଓ କରି ଦେଖାଇଥାନ୍ତି । ସେହିପରି ସେ ଜଣେ ବଜେଟ୍ ଫ୍ରେଣ୍ଡଲୀ ଟ୍ରାଭେଲ୍ ଭ୍ଲଗର ଭାବେ ଜଣାଯାଆନ୍ତି । ସେ ଭାରତର ବିଭିନ୍ନ ସ୍ଥାନ ବୁଲି ସେଠାର ସଂସ୍କୃତି, ପରମ୍ପରା ସମେତ କିଛି ଜଣା ଅଜଣା କଥା ଜଣାଇଥାନ୍ତି । ତାଙ୍କର ୟୁଟ୍ୟୁବ୍‌ରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ସବ୍‌ସ୍କ୍ରାଇବର ଅଛନ୍ତି । ସେହିପରି ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ଏକ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଶଂଶକ ରହିଛନ୍ତି ।

# ପାରମ୍ପରିକ ଶାଢ଼ିରେ ଆଧୁନିକ ସ୍ପର୍ଶ



ସାଧାରଣତଃ ଶାଢ଼ି ପିନ୍ଧିବାକୁ ସମସ୍ତେ ପସନ୍ଦ କରନ୍ତି । ଏହା ମହିଳାଙ୍କ ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ । ତେବେ ଏହା କେବଳ ଏକ ପାରମ୍ପରିକ ପରିଧାନ ନୁହେଁ, ଏହା ଏବେ ଏକ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି । ପୂର୍ବରୁ ମହିଳାମାନେ ଏହାକୁ ସିମ୍ପଲ୍ ଷ୍ଟାଇଲ୍‌ରେ ପିନ୍ଧୁଥିବାବେଳେ ଏବେ ଏହାକୁ ବେଲ୍ଟ, ଜ୍ୟାକେଟ୍, ଧୋତି, ତଥା ଟପ୍‌ସ ସହ ପିନ୍ଧି ନିଜକୁ ଆଧୁନିକ ଲୁକ୍ ଦେଉଛନ୍ତି ।

### ବେଲ୍ଟ

ଏବେ ମହିଳାମାନେ ଅଣ୍ଟାରେ ବେଲ୍ଟ ବାନ୍ଧି ଶାଢ଼ୀ ପିନ୍ଧୁଛନ୍ତି । ଏହାଦ୍ୱାରା ଶାଢ଼ି ଭଲରେ ସେଟ୍ ହୋଇ ରହିଥାଏ । ପଣତକାନି ବାରମ୍ବାର ତଳକୁ ଖସେ ନାହିଁ । ଏଥିରୁ ଷ୍ଟାଇଲିଶ୍ ସାଙ୍ଗକୁ ଏକ ଆଧୁନିକ ଲୁକ୍ ମିଳିଥାଏ । ବେଲ୍ଟ ଉଭୟ ଆଧୁନିକ ଓ ପାରମ୍ପରିକ ରହିଛି । ସେହିପରି ଏହାକୁ ପିନ୍ଧି ପାର୍ଟି, ଫଙ୍କ୍‌ସନ୍‌କୁ ଯାଇପାରିବେ ।

### ଧୋତି ଷ୍ଟାଇଲ୍

ଶାଢ଼ି ପିନ୍ଧିବାର ଏହି ପ୍ରକ୍ରିୟା ଟିକେ ଭିନ୍ନ । ଏଥିରେ ଶାଢ଼ି କୁଞ୍ଚ କରି ଧୋତି ଷ୍ଟାଇଲ୍‌ରେ ଡ୍ରେପିଂ କରି ପିନ୍ଧା ଯାଇଥାଏ । ଏଥିରେ ଶାଢ଼ିର ପ୍ଲିଟ୍‌ଗୁଡ଼ିକ ଦୁଇଗୋଡ଼ ମଧ୍ୟ ଦେଇ ନିଆଯାଇ ଅଣ୍ଟା ପାଖରେ ବନ୍ଧା ଯାଇଥାଏ । ଏହା ବିଶେଷ କରି ନୃତ୍ୟ ପ୍ରତିଯୋଗୀତା କିମ୍ବା କୌଣସି ବିଶେଷ ଦିନମାନଙ୍କରେ ପିନ୍ଧା ଯାଇଥାଏ । ଏହା ଖୁବ୍ ଆର୍ଷଣୀୟ ଦେଖାଯାଏ ।

### ଜ୍ୟାକେଟ୍ ସହ ଶାଢ଼ି

ମହିଳାମାନେ ନିଜକୁ ଏକ ରୟାଲ୍ ଲୁକ୍ ଦେବାକୁ ଚାହୁଁଥିଲେ, ଶାଢ଼ି ଉପରେ ଜ୍ୟାକେଟ୍ ପରିଧାନ କରିପାରିବେ । ଏହି ଜ୍ୟାକେଟ୍ ଛୋଟ, ବଡ଼ ବିଭିନ୍ନ ଷ୍ଟାଇଲ୍‌ର ରହିଛି । ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ ।

### ଫ୍ୟାନ୍‌ସି ବ୍ଲାଉଜ୍

ସେହିପରି ଶାଢ଼ିରେ ପାରମ୍ପରିକ ବ୍ଲାଉଜ୍ ବଦଳରେ ଅଫ୍‌ସୋଲଡର୍, ହଲ୍‌ଟର୍ ନେକ୍, ବ୍ୟାକ୍‌ଲେସ୍ ବ୍ଲାଉଜ୍ ଆଦି ପିନ୍ଧିପାରିବେ । ଏଥିରେ ଶାଢ଼ିର ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।

### ସାର୍ଟ ସହ ଶାଢ଼ି

ସାର୍ଟ ସହ ଶାଢ଼ି ପିନ୍ଧିଲେ ଏଥିରୁ ଏକ ମଡର୍ଣ୍ଣ ତଥା ଫ୍ୟୁଜନ୍ ଲୁକ୍ ମିଳିଥାଏ । ଏହାଦ୍ୱାରା ପାରମ୍ପରିକ ଶାଢ଼ିକୁ ଆଧୁନିକ୍ ଲୁକ୍ ଦିଆଯାଇଥାଏ । ଏଥିରେ ବ୍ଲାଉଜ୍ ବଦଳରେ ଫୁଲ୍ ସ୍ଲିଭ୍ ସାର୍ଟ, ଡେନିମ୍ କିମ୍ବା କ୍ରପ୍ ସାର୍ଟ ପିନ୍ଧା ଯାଇଥାଏ । ଏହାକୁ ଶାଢ଼ି ଉପରେ କିମ୍ବା ଭିତର ପାର୍ଶ୍ୱରେ ଟକ୍ କରି ଷ୍ଟାଇଲ କରିପାରିବେ ।

# ଘନ କେଶ ପାଇଁ ମେହେନ୍ଦୀ ତେଲ

ମେହେନ୍ଦୀ କେଶ ପାଇଁ ଖୁବ୍ ଉପକାରୀ ହୋଇଥାଏ । ଏଥିପାଇଁ ଅନେକ ସପ୍ତାହକୁ ଥରେ ଏହା କେଶରେ ଲଗାଇଥାନ୍ତି । ଏହାଦ୍ୱାରା କେଶରେ ପ୍ରାକୃତିକ ଚମକ ଆସିଥାଏ । ସେହିପରି ଚାହିଁଲେ ମେହେନ୍ଦୀ ତେଲ ଲଗାଇ କେଶକୁ ଘନକଳା କରିପାରିବେ ।



### ଆବଶ୍ୟକ ସାମଗ୍ରୀ

ଏହାକୁ ପ୍ରସ୍ତୁତ କରିବା ପାଇଁ ଅଧା ଚାମଚ ମେହେନ୍ଦୀ ପାଉଡର, ଏକ କପ୍ ନଡ଼ିଆ ତେଲ, ଜଡ଼ା ତେଲ, ମେଥି ଦାନା ଓ ଏକ ଚାମଚ ଭୃସଙ୍ଗପତ୍ର ଗୁଣ୍ଡ ଭିଟାମିନ୍ – ଇ କ୍ୟାପ୍‌ସୁଲ୍ ଆବଶ୍ୟକ ।

### ପ୍ରସ୍ତୁତି

ଗୋଟେ ଲୁହା କଡ଼େଇରେ ତେଲ ଢାଳି ତାକୁ ଧିମା ଆଞ୍ଚରେ ଗରମ କରନ୍ତୁ । ତେଲ ଗରମ ହୋଇଗଲେ ଏଥିରେ ମେହେନ୍ଦୀ ଓ ଭୃସଙ୍ଗପତ୍ରଗୁଣ୍ଡ ପକାଇ ଏପଟସେପଟ କରନ୍ତୁ । ଏହାପରେ ମେଥିଦାନା ଦିଅନ୍ତୁ । ଏହାକୁ ଧିମା ଆଞ୍ଚରେ ୧୫ ମିନିଟ୍ ବସାନ୍ତୁ । ଧ୍ୟାନ ରଖିବେ ତେଲ ଯେମିତି ନ ଜଳେ । ତେଲର ରଙ୍ଗ ପରିବର୍ତ୍ତନ ହେଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଏହା ଥଣ୍ଡା ହୋଇଗଲେ ଗୋଟିଏ ସୂତା କପଡ଼ାରେ ଛାଣି ଏହାକୁ ରଖନ୍ତୁ ।

### ତେଲ ଲଗାଇବାର ବିଧି

କେଶ ଧୋଇବାର କିଛି ଘଣ୍ଟା ପୂର୍ବରୁ ଏହାକୁ ଲଗାନ୍ତୁ । ପ୍ରଥମେ ଏହାକୁ ହାଲୁକା ହାତରେ ସ୍କାଲ୍‌ପରେ ମସାଜ୍ କରନ୍ତୁ । ଏହାପରେ କେଶର ଲଗାନ୍ତୁ । ଚାହିଁଲେ ଏହାକୁ ରାତିରେ ଲଗାଇ ସକାଳେ ଧୋଇପାରିବେ । ସପ୍ତାହରେ ଥରେ ଦୁଇଥର ଲଗାଇବା ପରେ କେଶରେ ନାନା ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏହା କେଶକୁ ମୂଳରୁ ମଜଭୂତ କରି କେଶଝଡ଼ା ରୋକିଥାଏ । ଏଥିସହ କେଶରେ ଚମକ ଆଣି କେଶକୁ କଳା, ଚିକ୍କଣ କରିଥାଏ ।

# ରାଇସ୍ ଆମ୍‌ଲେଟ୍

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ବଏଲ୍ ରାଇସ୍ - ୨୦୦ ଗ୍ରାମ୍, ଅଣ୍ଡା- ଦୁଇଟି, ହଳଦୀଗୁଣ୍ଡ - ଅଧା ଚାମଚ ଲଙ୍କାଗୁଣ୍ଡ - ଅଧା ଚାମଚ, କଟା ପିଆଜ ଶଣ୍ଢା - ଏକ ଚାମଚ, ଚିଜ୍ - ଖଣ୍ଡେ, ଲୁଣ - ସ୍ୱାଦ ଅନୁସାରେ, ଚିଲି ଅଏଲ୍- ଦୁଇ ଚାମଚ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ଚିଲି ଅଏଲ୍ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ସିଝା ଭାତକୁ ଦେଇ ପିଠା ଖଡ଼ିକାରେ ଭଲରେ ଖେଳାଇ ଦିଅନ୍ତୁ । ଏହାପରେ ଗୋଟିଏ ପାତ୍ର ନେଇ ସେଥିରେ ଅଣ୍ଡା ଭାଙ୍ଗି ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ଲୁଣ ପକାଇ ଗୋଳେଇ ଦିଅନ୍ତୁ । ଏହି ଅଣ୍ଡାକୁ ଭାତ ଉପରେ ଦେଇ ଦିଅନ୍ତୁ । ଏହା ଉପରେ ପିଆଜ ଶଣ୍ଢା, ଚିଜ୍ ପକାଇ ପାଞ୍ଚ ମିନିଟ୍ ଧିମା ଆଞ୍ଚରେ ଘୋଡାଇ ଦିଅନ୍ତୁ । ଏହାପରେ ଢାଙ୍କୁଣି ଖୋଲି, ଆମ୍‌ଲେଟକୁ ଏକ ପାଖ କରି ଲେଉଟାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ରାଇସ୍ ଅମ୍‌ଲେଟ୍' ।

# ଥ୍ରେଡର୍ ଇୟରିଂ



ମେକ୍‌ଅପ୍ ଭଳି ସମୟାନୁସାରେ କାନଫୁଲକୁ ନେଇ ମଧ ବିଭିନ୍ନ ଡିଜାଇନ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଯୁବତୀଙ୍କ ମଧ୍ୟରେ ଥ୍ରେଡର୍ ଇୟରିଂର ଚାହିଦା ରହିଛି । ଏହା ସାଧା ଓ ସରୁ ଚେନ୍ କାନଫୁଲ । ଏଥିରେ ହୁପ୍ କିମ୍ବା ତାଳି ନ ଥିବାରୁ ଏହା ପିନ୍ଧିବା ସୁବିଧାଜନକ ହୋଇଥାଏ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ । ଏହା ସବୁ ପ୍ରକାର ମୁଖଗଠନ ଶୈଳୀକୁ ମାନିଥାଏ । ତେବେ ଏହା କେଉଁ ଆଉଟ୍ ଫିଟକୁ ଭଲ ମାନିବ ଜାଣିବା ସେ ବିଷୟରେ ।

ପାର୍ଟି, ପଙ୍କ୍‌ସନ୍‌ରେ ଟିକେ ହେଭି ଦିଶିବାକୁ ଚାହୁଁଥିଲେ, ଝୁମ୍‌କା କିମ୍ବା ଷ୍ଟୋନ୍ ଲାଗିଥିବା କାନଫୁଲ ପିନ୍ଧିପାରିବେ । ଖୋଲା କେଶ ଅପେକ୍ଷା ଏହା ବନ୍ଧା କେଶରେ ଭଲ ମାନିଥାଏ ।

ସେହିପରି ଏହି କାନଫୁଲ ତଳୁ ଚେନ୍ ଭଳି ଝୁଲି ରହୁଥିବାରୁ ଏହା ଯୁବତୀଙ୍କର ଅତି ପ୍ରିୟ ହୋଇଥାଏ । ଏହା ଜିନ୍ସ, ଟପ୍‌ସ, ସାଲୱର ସୁଟ୍ ଆଦି ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।



ଗୋଲକାର ଏବଂ ଡାଇମଣ୍ଡ ଫେସ୍ ଥିବା ଯୁବତୀମାନେ ପତଳା, ଲେୟାର୍ଡ ଚେନ୍ ଡିଜାଇନର କାନଫୁଲ ପିନ୍ଧିପାରିବେ । ସେହିପରି ଲମ୍ବା, ସେପ୍ ଥିବା ମହିଳାଙ୍କୁ ଓଜନିଆ ଥ୍ରେଡର୍ ଇୟରିଂ ଡିଜାଇନ୍ ଭଲ ମାନିଥାଏ ।

ଏହି ଡିଜାଇନର ବିଶେଷ କରି ବଟର ଫ୍ଲାଏ, ଷ୍ଟୋନ୍, ଫ୍ଲାୱାର, ମୁନ୍ ସେପ୍, ହାର୍ଟ୍‌ସେପ୍ ଆଦି କାନଫୁଲ ଡିଜାଇନ୍ ଟ୍ରେଣ୍ଡରେ ରହିଛି । ପର୍ଲ ଏବଂ ହାଫ୍‌ମୁନ୍ ଡିଜାଇନର କାନଫୁଲ ବିଶେଷ କରି କଲେଜ ଏବଂ କର୍ମଜୀବୀ ମହିଳାଙ୍କ ପ୍ରଥମ ପସନ୍ଦ ପାଲଟିଛି ।

# ଆଲମଣ୍ଡରେ ଉଜ୍ଜ୍ୱଳ ତ୍ୱଚା

ପୋଷକ ତତ୍ତ୍ୱରେ ଭରପୂର ଆଲମଣ୍ଡ ତ୍ୱଚା ପାଇଁ ହିତକର । ଏହାର ବ୍ୟବହାରରେ ବ୍ରଣ, ଚର୍ମ କୁଞ୍ଚନ ଦୂର ହେବା ସହ ତ୍ୱଚା ଉଜ୍ଜ୍ୱଳ ଦିଶେ । ସୁସ୍ଥ, ସୁନ୍ଦର ତ୍ୱଚା ପାଇଁ ଏହାକୁ କିଭଳି ବ୍ୟବହାର କରିବେ, ଜାଣିବା ସେ ସମ୍ପର୍କରେ... ।



- ଆଲମଣ୍ଡକୁ ବାଟି ରଖନ୍ତୁ । ଏଥିରେ ଦହି ମିଶାଇ ମୁହଁ ଓ ବେକରେ ଲଗାନ୍ତୁ । ୧୦ ମିନିଟ୍ ପରେ ମୁହଁକୁ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ସପ୍ତାହକୁ ଦୁଇ ଥର ଏହାକୁ ଲଗାଇଲେ ତ୍ୱଚା ଉଜ୍ଜ୍ୱଳ ଦିଶିବ ।
- ଆଲମଣ୍ଡ ପେଷ୍ଟରେ ପାଚିଲା ଅମୃତଭଣ୍ଡାକୁ ଚକଟି ଦିଅନ୍ତୁ । ଏହାକୁ ମୁହଁରେ ଲଗାଇ ଶୁଖିବା ପାଇଁ ଛାଡ଼ି ଦିଅନ୍ତୁ । କିଛି ସମୟ ପରେ ମୁହଁ ଧୋଇ ଦିଅନ୍ତୁ । ସପ୍ତାହକୁ ଥରେ କିମ୍ବା ଦୁଇଥର ବ୍ୟବହାର କରିବା ଦ୍ୱାରା ବ୍ଲାକ୍‌ହେଡ୍ସ ଦୂର ହୋଇଥାଏ ।
- ଆଲମଣ୍ଡ ପେଷ୍ଟରେ ନଡ଼ିଆ ରସ ମିଶାଇ ଲଗାନ୍ତୁ । ୫-୬ ଦିନରେ ଥରେ ଲଗାଇବା ଦ୍ୱାରା ତ୍ୱଚା କୋମଳ ରହେ ।
- ଆଲମଣ୍ଡ ପେଷ୍ଟରେ ମହୁ ମିଶାଇ ମୁହଁ ଓ ବେକରେ ଲଗାନ୍ତୁ । ଦଶ ମିନିଟ୍ ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏହା ଦ୍ୱାରା ତ୍ୱଚା ତୁରନ୍ତ ଉଜ୍ଜ୍ୱଳ ଦିଶେ ।



## ବିସିସିଆଇର ବଡ଼ ନିଷ୍ପତ୍ତି

# ବଦଳିପାରିବେ ଗୁରୁତର ଆହତ ଖେଳାଳି



ମୁମ୍ବଇ,୧୬।୮ (ଏଜେନ୍ସି): ଘରୋଇ କ୍ରିକେଟର ପ୍ଲେଇଂ କଣ୍ଡିସନ ବା ଖେଳ ସର୍ତ୍ତାବଳୀରେ ବିସିସିଆଇ ଏକ ବଡ଼ ନିଷ୍ପତ୍ତି ନେଇଛି। ଚଳିତ ସିଜନର ସମସ୍ତ ଘରୋଇ ମଲ୍ଟି ଡେ (ଏକାଧିକ ଦିନ ଧରି ହେଉଥିବା କ୍ରିକେଟ) କ୍ରିକେଟ ପ୍ରତିଯୋଗିତାରେ ଗୁରୁତର ଆହତ ଖେଳାଳିଙ୍କୁ ପରିବର୍ତ୍ତନ କରାଯିବ। ଚଳିତ ସିଜନ ଲାଗି ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଥିବା ପ୍ଲେଇଂ କଣ୍ଡିସନ୍‌ରେ ବିସିସିଆଇ 'ସିରିୟସ ଇଞ୍ଜୁରୀ ରିପ୍ଲେସ୍‌ମେଣ୍ଟ' କ୍ଲଜ୍ ଯୋଡିଛି। ଏହା କେବଳ ରଣଜୀ ଟ୍ରଫି, ଦୁଲୀପ ଟ୍ରଫି ଭଳି ଏକାଧିକ ଦିନ ଧରି ଖେଳାଯାଉଥିବା ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଲାଗୁ ହେବ। ୧୯ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଏହି ନିୟମ ମଧ୍ୟ ଲାଗୁ ହେବ। କିନ୍ତୁ ଏହା ସୟଦ ମୁସ୍ତାକ ଅଲି ଟି-୨୦ କିମ୍ବା ବିଜୟ ହଜାରେ ଟ୍ରଫି ୫୦ ଓଭର ବିଶିଷ୍ଟ କ୍ରିକେଟରେ ଲାଗୁ ହେବ ନାହିଁ। ନିକଟରେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ରେ ଋଷଭ ପନ୍ତ୍ ଓ କ୍ରିସ୍ ଓକ୍ସଙ୍କ ଆହତ ହେବା ପରେ ବିସିସିଆଇ ଏଭଳି ନିଷ୍ପତ୍ତି ନେଇଛି। ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ଚତୁର୍ଥ ଟେଷ୍ଟରେ ଭାରତର ୱିକେଟ ରକ୍ଷକ ଋଷଭ ପନ୍ତ୍‌ଙ୍କ ଗୋଡରେ ଆଘାତ ଲାଗିବା ଫଳରେ ଓ ପଞ୍ଚମ ଟେଷ୍ଟରେ କ୍ରିସ୍ ଓକ୍ସଙ୍କ କାନ୍ଧରେ ଗୁରୁତର ଆଘାତ ଲାଗିବା ଫଳରେ ଉଭୟ ଖେଳାଳି ମ୍ୟାଚ୍‌ରେ ଅବଶିଷ୍ଟ ସମୟ ଖେଳି ପାରି ନ ଥିଲେ। ଏପରିକି ମ୍ୟାଚ୍ ବଞ୍ଚାଇବା ଲାଗି ଓକ୍ସ ଗୋଟିଏ ହାତରେ ଯନ୍ତ୍ରଣାର ସହ ବ୍ୟାଟିଂ କରିଥିଲେ।

ଗୁରୁତର ଆହତ ହୋଇଥିଲେ ମଧ୍ୟ ଆଇସିସି ନିୟମ ଅନୁଯାୟୀ ସେମାନଙ୍କ ସ୍ଥାନରେ ଅନ୍ୟ କୌଣସି ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇ ନ ଥିଲା। ଯାହା ଫଳରେ ଉଭୟ ଦଳ ସମ୍ପୃକ୍ତ ମ୍ୟାଚ୍‌ରେ ଜଣେ ଲେଖାଏଁ ଖେଳାଳିଙ୍କ ଅନୁପସ୍ଥିତିରେ ଖେଳିଥିଲେ। ଟେଷ୍ଟ ମ୍ୟାଚ୍‌ରେ କେବଳ କନକସସ ନିୟମ ଅନୁଯାୟୀ ଜଣେ ଖେଳାଳିଙ୍କୁ ପରିବର୍ତ୍ତନ କରାଯିବାର ଏବେ ନିୟମ ରହିଛି। କିନ୍ତୁ ପନ୍ତ ଓ ଓକ୍ସଙ୍କ ଗୁରୁତର ଆଘାତ ପରେ ଏହି ନିୟମରେ ପରିବର୍ତ୍ତନ ଆଣିବାକୁ ଦାବି ଜୋର ହୋଇଥିଲା। ଏପରିକି ଯେଉଁ ଖେଳାଳି ଆହତ ହୋଇଛନ୍ତି, ଠିକ୍ ତାଙ୍କ ପରି ଜଣେ ସମାନ ଖେଳାଳିଙ୍କୁ ଅବଶିଷ୍ଟ ମ୍ୟାଚ୍‌ରେ ଖେଳିବାକୁ ସୁଯୋଗ ଦେବାକୁ ଦାବି କରାଯାଇଥିଲା। କିନ୍ତୁ ଏ ସମ୍ପର୍କରେ ଆଇସିସି ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିଲା କିମ୍ବା ନିୟମ ପରିବର୍ତ୍ତନ ଲାଗି କିଛି ପଦକ୍ଷେପ ନିଆଯାଇ ନ ଥିଲା।

ବିସିସିଆଇ ଏବେ ପାଦେ ଆଗେଇଯାଇ ଏପରି ଖେଳାଳିଙ୍କୁ ପରିବର୍ତ୍ତନ କରାଯିବାକୁ ନିଷ୍ପତ୍ତି ନେଇଛି। ଏହା ଫଳରେ ଯଦି ଦଳରେ ଜଣେ ଖେଳାଳି ଗୁରୁତର ଆହତ ହୁଅନ୍ତି, ତେବେ ତାଙ୍କ ସମକକ୍ଷ ଜଣେ ଖେଳାଳିଙ୍କୁ ଅବଶିଷ୍ଟ ସମୟରେ ଖେଳିବାକୁ ସୁଯୋଗ ଦିଆଯିବ ବୋଲି ବିସିସିଆଇ ପ୍ଲେଇଂ କଣ୍ଡିସନରେ ଯୋଡିଛି। ଏହା ନିଶ୍ଚିତଭାବେ ଆହତ ସମସ୍ୟା ଲାଗି ଗୋଟିଏ ଦଳ ଅସୁବିଧାରେ ପଡ଼ିବ ନାହିଁ। କିନ୍ତୁ ବିସିସିଆଇ ସର୍ତ୍ତ ରଖିଛି ଯେ, ଆଘାତ ସମସ୍ୟାଟି ଖେଳ ପଡ଼ିଆ ମଧ୍ୟରେ ହୋଇଥିବ। ଖେଳାଳିଙ୍କ ବାହାର ଅଂଶରେ ଆଘାତ ଲାଗିଥିବା ଜରୁରୀ। ଯେପରି ଜଣେ ଖେଳାଳିଙ୍କ ହାତଗୋଡ କିମ୍ବା ଅନ୍ୟ କିଛି ଭାଙ୍ଗିଯିବା, ଗଭୀର କ୍ଷତ ସୃଷ୍ଟି ହେବ କିମ୍ବା କାନ୍ଧରୁ ହାଡ ଖସିଯିବା। ଏପରି ଆଘାତ ହୋଇଥିଲେ ଖେଳାଳି ପରିବର୍ତ୍ତନ ଲାଗି ମ୍ୟାଚ୍ ରେଫରି ଉଭୟ ଡାକ୍ତର ଓ ଅମ୍ପାୟାର ନିଷ୍ପତ୍ତି ନେଇ ସମଦକ୍ଷତା ସମ୍ପନ୍ନ ଖେଳାଳିଙ୍କୁ ଅବଶିଷ୍ଟ ମ୍ୟାଚ୍‌ରେ ଖେଳିବା ଲାଗି ଅନୁମତି ଦେଇ ପାରିବେ। ଉଭୟ ଆହତ ଓ ବଦଳ ଖେଳାଳି ଏହି ମ୍ୟାଚ୍ ଖେଳିବାର ରେକର୍ଡ ରହିବ।

## ଫିଟ୍‌ହେଲେ ସୂର୍ଯ୍ୟକୁମାର

ବେଙ୍ଗାଲୁରୁ, ୧୬।୮ (ଏଜେନ୍ସି): ଆସନ୍ତା ମାସରେ ଖେଳାଯିବାକୁ ଥିବା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଲାଗି ଭାରତୀୟ ଦଳ ପାଇଁ ଏକ ଖୁସି ଖବର ଆସିଛି। ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫିଟନେସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତ ଜୁନ ମାସରେ ଜର୍ମାନୀରେ ସୂର୍ଯ୍ୟକୁମାରଙ୍କ ସ୍ପୋର୍ଟ୍ସ ହର୍ଣ୍ଣିଆ ଅପରେସନ ହୋଇଥିଲା। ଅପରେସନ ପରେ ସୁସ୍ଥ ହୋଇଥିବା ସୂର୍ଯ୍ୟଙ୍କର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ) ରେ ଫିଟନେସ ପରୀକ୍ଷା ହୋଇଥିଲା। ଏଥିରେ ସେ ପାସ୍ କରିଥିବା ବିସିସିଆଇ ପକ୍ଷରୁ ଜଣାପଡ଼ିଛି। ଫଳରେ ଏସିଆ କପ୍‌ରେ ସେ ଦଳରେ ନେତୃତ୍ୱ ନେବା ନିଶ୍ଚିତ ହୋଇଛି। ଏସିଆ କପ୍ ଲାଗି ମଙ୍ଗଳବାର ୧୫ ଜଣିଆ ଦଳ ଚୟନ ହେବ। ଏଥିରେ ମୁଖ୍ୟ ଚୟନକର୍ତ୍ତାଙ୍କ ସହ ୩୪ ବର୍ଷୀୟ ସୂର୍ଯ୍ୟକୁମାର ଉପସ୍ଥିତ ରହିବେ। ସେପ୍ଟେମ୍ବର ୯ରୁ ୟୁଏଇରେ ଏସିଆ କପ୍ କ୍ରିକେଟ୍ ଖେଳାଯିବ। ଆୟୋଜକ ୟୁଏଇ, ପାକିସ୍ତାନ ଓ ଓମାନ ସହ ଭାରତ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ସେପ୍ଟେମ୍ବର ୧୦ରେ ୟୁଏଇ ସହ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ସେପ୍ଟେମ୍ବର ୧୪ରେ ପାକିସ୍ତାନ ଓ ୧୯ ରେ ଓମାନ ସହ ଶେଷ ଗ୍ରୁପ୍ ମ୍ୟାଚ୍ ଖେଳିବ। ପ୍ରତି ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର୍-୪କୁ ଯୋଗ୍ୟତା ଅର୍ଜନ କରିବେ।

## ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ସିମ୍ପସନ୍‌ଙ୍କ ପରଲୋକ



ସିଡନୀ, ୧୬।୮ (ଏଜେନ୍ସି): ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ବବ୍ ସିମ୍ପସନଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ଜଣେ ଓପନିଂ ବ୍ୟାଟର୍ ସହ ସିମ୍ପସନ ଲେଗ୍-ସ୍ପିନ ବୋଲିଂ ମଧ୍ୟ କରିଥାନ୍ତି। ସେହିଭଳି ସ୍ଲିପ ଅଞ୍ଚଳରେ ସେ ଜଣେ ଶ୍ରେଷ୍ଠ ଫିଲ୍ଡର ଥିଲେ। ସିମ୍ପସନଙ୍କୁ ୧୬ ବର୍ଷ ହୋଇଥିବାବେଳେ ସେ ନ୍ୟୁ ସାଉଥୱେଲ୍ସ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ପଦାର୍ପଣ କରିଥିଲେ। ୧୯୫୭ରୁ ୧୯୭୮ ମସିହା ମଧ୍ୟରେ ସେ ଅଷ୍ଟ୍ରେଲିଆ ପାଇଁ ୬୨ ଟେଷ୍ଟ ମ୍ୟାଚରେ ପ୍ରତିନିଧିତ୍ୱ କରିଥିଲେ। ଯେଉଁଥିରେ ସେ ୪୬.୮୧ ହାରରେ ୪୮୬୯ ରନ ସଂଗ୍ରହ କରିଥିଲେ। ତାଙ୍କ ନାମରେ ୧୦ ଶତକ ଓ ୨୭ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ସେହିଭଳି ସେ ଟେଷ୍ଟରେ ୭୧ଟି ୱିକେଟ୍ ମଧ୍ୟ ଅକ୍ତିଆର କରିଛନ୍ତି। ଏହାବାଦ୍ ପ୍ରଥମଶ୍ରେଣୀ ଫର୍ମାଟ୍‌ରେ ସେ ୨୫୭ ମ୍ୟାଚ୍ ଖେଳି ୬୦ ଶତକ ଓ ୧୦୦ ଅର୍ଦ୍ଧଶତକ ସହ ୨୧,୦୨୯ ରନ ସଂଗ୍ରହ କରିଥିଲେ। ଅବସର ପରେ ସିମ୍ପସନ ୧୯୮୬ରୁ ୧୯୯୬ ପର୍ଯ୍ୟନ୍ତ ୧୦ ବର୍ଷ ଧରି ଅଷ୍ଟ୍ରେଲିଆ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଅଷ୍ଟ୍ରେଲିଆ ୧୯୮୭ ବିଶ୍ୱକପ ଓ ୧୯୮୯ରେ ଆସେସ୍ ସିରିଜ ବିଜୟୀ ହୋଇଥିଲା।

## ଜାତୀୟସ୍ତରର ଫୁଟ୍‌ବଲ ଖେଳାଳି ଉତ୍ତମଙ୍କ ବିୟୋଗ

ଭୁବନେଶ୍ୱର, ୧୬।୮ (ସମିସ): ଓଡ଼ିଶାର ପୂର୍ବତନ ଜାତୀୟସ୍ତରର ଫୁଟବଲ୍ ଖେଳାଳି ଉତ୍ତମ କୁମାର ବେହେରାଙ୍କ ୫୫ ବର୍ଷ ବୟସରେ



ବିୟୋଗ ଘଟିଛି। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ମୃତ୍ୟୁଶର୍ଯ୍ୟା ନିକଟରେ ପତ୍ନୀ, ପୁତ୍ର ଓ କନ୍ୟା ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ସ୍ୱର୍ଗତ ଉତ୍ତମ ଜଣେ ଗୋଲ୍‌କିପର ଭାବେ ରାଜ୍ୟ ପକ୍ଷରୁ ଖେଳୁଥିଲେ। ସେ ଜାତୀୟ ଜୁନିଅର ଓ ସବ୍‌ଜୁନିଅର ବର୍ଗରେ ବହୁ ଜାତୀୟସ୍ତରର ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

## ଜମିଲ୍‌ଙ୍କ ଦଳରେ ସ୍ଥାନ ପାଇଲେନି ଛେତ୍ରୀ

ବେଙ୍ଗାଲୁରୁ, ୧୬।୮ (ଏଜେନ୍ସି): ଆଗାମୀ କାଫା ନେସନ୍ସ କପ୍ ଲାଗି ୩୫ ଜଣିଆ ସମ୍ଭାବ୍ୟ ଭାରତୀୟ ସିନିଅର ପୁରୁଷ ଫୁଟ୍‌ବଲ ଦଳ ଘୋଷଣା କରାଯାଇଛି।



ନବନିଯୁକ୍ତ ମୁଖ୍ୟ ପ୍ରଶିକ୍ଷକ ଖାଲିଦ ଜମିଲଙ୍କ ଦ୍ୱାରା ଘୋଷିତ ଦଳରେ ଅଭିଜ୍ଞ ଷ୍ଟ୍ରାଇକର୍ ସୁନିଲ ଛେତ୍ରୀଙ୍କ ନାମ ନାହିଁ। ତେବେ ୪୧ ବର୍ଷୀୟ ଛେତ୍ରୀଙ୍କୁ ଦଳରୁ ବାଦ୍ ଦିଆଯାଇଛି କି ସେ ନିଜ ଆଡୁ ବିଶ୍ରାମ ନେଇଛନ୍ତି ସେ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇନାହିଁ। ଅବସର ପରେ ପୁଣିଥରେ ଅନ୍ତର୍ଜାତୀୟ ଫୁଟ୍‌ବଲକୁ ପ୍ରତ୍ୟାବର୍ତ୍ତନ କରି ଛେତ୍ରୀ ୪ଟି ମ୍ୟାଚ୍ ଖେଳିସାରିଛନ୍ତି। କିନ୍ତୁ ତାଙ୍କ ପ୍ରଦର୍ଶନ ସେତେଟା ଉତ୍ସାହଜନକ ରହିନାହିଁ। ସେ ମାତ୍ର ଗୋଟିଏ ଗୋଲ୍ ଦେଇଛନ୍ତି। ତେଣୁ ନୂଆ ପ୍ରଶିକ୍ଷକ ଜମିଲ ପ୍ରଦର୍ଶନକୁ ନେଇ ତାଙ୍କୁ ବାଦ୍ ଦେଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ କିନ୍ତୁ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ସମ୍ଭାବ୍ୟ ଖେଳାଳିଙ୍କୁ ନେଇ ବେଙ୍ଗାଲୁରୁରେ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। କାଫା ନେସନ୍ସ କପ୍‌ରେ ଭାରତ ଅଗଷ୍ଟ ୨୯ରେ ତାଜିକିସ୍ତାନ, ସେପ୍ଟେମ୍ବର ୧ରେ ଇରାନ ଓ ୪ରେ ଆଫଗାନିସ୍ତାନ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି।

# ସିରିଜ୍ ସୁଇପ୍ ଲକ୍ଷ୍ୟରେ ଭାରତ-ଏ

ବ୍ରିସବେନ, ୧୬।୮ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତ-ଏ ମହିଳା କ୍ରିକେଟ୍ ଦଳ ଦିନିକିଆ ସିରିଜକୁ ଆଗୁଆ କବଜା କରିନେଇଛି। ପ୍ରଥମ ଦିନିକିଆରେ ଅଷ୍ଟ୍ରେଲିଆ-ଏ ମହିଳା କ୍ରିକେଟ୍ ଦଳକୁ ଭାରତ-ଏ ୩ ୱିକେଟ୍‌ରେ ହରାଇଥିଲା। ଏହାପରେ ସ୍ୱାଧୀନତା ଦିବସରେ ଖେଳାଯାଇଥିବା ୨ୟ ଦିନିକିଆକୁ ଭାରତ-ଏ ୨ ୱିକେଟ୍‌ରେ ଜିତିନେଇଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଅଷ୍ଟ୍ରେଲିଆ-ଏ ଆଲିସା ହେଲୀଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୯ ୱିକେଟରେ ୨୬୫ ରନ କରିଥିଲା। ହେଲୀ ସର୍ବାଧିକ ୯୧ ରନ କରିଥିଲେ। ଭାରତ-ଏ ପକ୍ଷରୁ ମିନୁ ମାନି ୩ ଓ ସଇମା ଠାକୁର ୨ଟି ୱିକେଟ୍ ନେଇଥିଲେ। ଜବାବରେ ଭାରତ-ଏ ନିମ୍ନକ୍ରମର ବ୍ୟାଟରଙ୍କ ଉପଯୋଗୀ ପାଳି ବଳରେ ଗୋଟିଏ ବଲ୍ ଓ ୨ ୱିକେଟ ବଳକା ଥାଇ ବିଜୟୀ ହୋଇθଥଲା। ଓପନର ୟସ୍ତିକା ଭାଟିଆ ସର୍ବାଧିକ ୬୬ ରନ କରିଥିଲେ। ସେହିଭଳି ଅଧିନାୟିକା ରାଧା ଯାଦବ ୬୦ ଓ ୮ମ ସ୍ଥାନରେ ଆସିଥିବା ତନୁଜା କନୱର ୫୦ ରନ କରି ଦଳକୁ ଆଗୁଆ ସିରିଜ କବଜା କରିବାରେ ସହାୟତା କରିଥିଲେ। ରବିବାର ଅନ୍ତିମ ତଥା ୩ୟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଜିତି ଭ୍ରମଣକାରୀ ଭାରତ-ଏ ସିରିଜ କ୍ଲିନ ସୁଇପ୍ କରିବାକୁ ଲକ୍ଷ୍ୟ ରଖିଛି।

### ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍

## ଭାରତୀୟ ଦଳରେ ବିଶାଖା

ଭୁବନେଶ୍ୱର, ୧୬।୮ (ସମିସ): ବିଶ୍ୱ ବ୍ୟାଡ୍‌ମିଣ୍ଟନର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ସୁନ୍ଦରଗଡ଼ର ବିଶାଖା ଟପ୍ପୋ ସ୍ଥାନ ପାଇଛନ୍ତି। ସେ ଉଭୟ ଦଳଗତ ଓ ବ୍ୟକ୍ତିଗତ ଇଭେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ବିଶାଖା ଭୁବନେଶ୍ୱରସ୍ଥିତ ସାଇ ରିଜିଓନାଲ ବ୍ୟାଡ୍‌ମିଣ୍ଟନ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ୨୦୧୯ରେ



ବିଶାଖା ୧୩ ବର୍ଷରୁ କମ୍ ସିଙ୍ଗଲ୍ସରେ ରାଜ୍ୟ ଚାମ୍ପିଅନ ହୋଇଥିଲେ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଏହି ଅବସରରେ ରାଜ୍ୟ କ୍ରୀଡ଼ା ଜଗତରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୬ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍ ଗୌହାଟୀରେ ଖେଳାଯିବ। ଏହି ସମ୍ମାନଜନକ ବିଶ୍ୱସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ୩୭ଟି ଦଳ ଭାଗନେବେ। ଦଳଗତ ଇଭେଣ୍ଟରେ ଭାରତ ୨ୟ ସିଡ୍ ମାନ୍ୟତା ପାଇଛି। ଆୟୋଜକ ଭାରତ ଗ୍ରୁପ୍-ଏଚ୍'ରେ ହଂକଂ, ନେପାଳ ଓ ଘାନା ସହ ସ୍ଥାନ ପାଇଛି। ପ୍ରତି ଗ୍ରୁପ୍‌ର ଶୀର୍ଷ ଦଳ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିବ। ୨୦୦୮ ପରେ ପ୍ରଥମଥର ଲାଗି ଭାରତ ଏହି ମେଗା ଇଭେଣ୍ଟ ଆୟୋଜନ କରିବାର ଅଧିକାର ହାସଲ କରିଛି।

### ମ୍ୟାଚ୍‌ରେ ମ୍ୟାକ୍ସୱେଲ, ସିରିଜ୍‌ରେ ଡେଭିଡ୍ ଶ୍ରେଷ୍ଠ

# ଅଷ୍ଟ୍ରେଲିଆର ଟି-୨୦ ସିରିଜ୍ କବ୍‌ଜା

କେର୍ନସ,୧୬।୮ (ଏଜେନ୍ସି): ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ (୩୬ ବଲ୍‌ରେ ୬୨*ରନ୍)ଙ୍କ ବିସ୍ଫୋରକ ଅପରାଜିତ ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଟି-୨୦ ରୋମାଞ୍ଚକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨ ୱିକେଟରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଘରୋଇ ଦଳ ୨-୧ ବ୍ୟବଧାନରେ ଜିତିନେଇଛି। ଏହି ମ୍ୟାଚ୍‌ରେ ନଂ-୬ରେ ବ୍ୟାଟିଂ କରିବାକୁ ଆସି ୩୬ ବଲ୍‌ରୁ ୮ ଚୌକା ଓ ୨ ଛକା ସହ ୬୨ ରନ୍ କରି ଅପରାଜିତ ଥିବା ମ୍ୟାକ୍ସୱେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ୩ଟି ମ୍ୟାଚ୍‌ରେ ୧୫୦ ରନ୍ କରିଥିବା ଅଷ୍ଟ୍ରେଲିଆର ଟିମ୍ ଡେଭିଡ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଟି-୨୦ ପରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଏଠାରେ ଅଗଷ୍ଟ ୧୯ରୁ ଆରମ୍ଭ ହେବ। ଏହା ପରେ ମ୍ୟାକୟରେ ଅଗଷ୍ଟ ୨୨ ଓ ୨୩ରେ ଶେଷ ଦୁଇଟି ଦିନିକିଆ ମ୍ୟାଚ୍ ଖେଳାଯିବ।

ଏହି ମ୍ୟାଚ୍‌ରେ ଯୁବ ଖେଳାଳି ଡିୱାଲ୍ଡ ବ୍ରେଭିସ୍‌ଙ୍କ ୫୩ ଓ ରାସି ଭାନ ଡର ଡୁସେନଙ୍କ ଅପରାଜିତ ୩୮ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୭ ୱିକେଟରେ ୧୭୨ ରନ୍ କରିଥିଲା। ନାଥାନ ଏଲିସ୍ ୩ଟି, ଜୋଶ ହାଜ୍‌ଲେଉଡ୍ ଓ ଆଦାମ ଜାମ୍ପା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିବା ଫଳରେ ଅଷ୍ଟ୍ରେଲିଆ ଆଗରେ ୧୭୩ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହାକୁ ପିଛା କରି ଅଷ୍ଟ୍ରେଲିଆ ଭଲ ଆରମ୍ଭ କରି ୮ ଓଭରରୁ ୬୬ ରନ୍ ଉଠାଇଥିଲା। କିନ୍ତୁ ଓପନର ଟ୍ରାଭିସ ହେଡ୍‌ଙ୍କୁ ଆଇଡେନ ମାର୍କରାମ ଆଉଟ କରି



ବ୍ରେକ୍ ଥ୍ରୁ ଦେବା ପରେ ଅଷ୍ଟ୍ରେଲିଆ ୨୦ ରନ୍‌ରେ ୪ଟି ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଡେଭିଡ୍ ଓ ମ୍ୟାକ୍ସୱେଲ ପାଳି ସଜାଡିଆସୁଥିଲାବେଳେ ଦଳ ୨ ରନ୍‌ରେ ୨ଟି ୱିକେଟ ହରାଇ ପୁଣି ବିପଦରେ ପଡ଼ିଥିଲା। ଏହି ସମୟରେ ଦଳ ୧୩.୫ ଓଭରରେ ୧୨୨ ରନ୍‌ରେ ୬ ୱିକେଟ ହରାଇଥିଲା। ଏହି ସମୟରେ ୮ ବଲ୍‌ରେ ୭ ରନ୍ କରିଥିବା ମ୍ୟାକ୍ସୱେଲ ଏକାକୀ ଲଢୁଆ ଖେଳି ଦକ୍ଷିଣ ଆଫ୍ରିକା ନିକଟରୁ ମ୍ୟାଚ୍ ଛଡ଼ାଇଆଣିଥିଲେ। ଏହି ସ୍କୋର ପରେ ୨ଜଣ ଖେଳାଳି ଆଉଟ ହୋଇଥିଲାବେଳେ ଗୋଟିଏ ରନ୍ ହୋଇଥିଲା। ମ୍ୟାକ୍ସୱେଲ ଏକାକୀ ଅବଶିଷ୍ଟ ରନ୍ ସଂଗ୍ରହ କରି ଗୋଟିଏ ବଲ ବାକିଥାଇ ଦଳକୁ ମ୍ୟାଚ୍ ଜିତାଇଥିଲେ। ପରାଜିତ ଦଳର କର୍ବିନ ବୋଶ ୩ଟି, କାଗିସୋ ରାବାଡ଼ା ଓ କ୍ୱେନା ମାପାକା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ ମଧ୍ୟ ତାହା ଦଳକୁ ଜିତାଇ ପାରି ନ ଥିଲା।

### ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍-୨୦୨୬

# ଜର୍ମାନୀର ଯୋଗ୍ୟତା ଅର୍ଜନ



ବର୍ଲିନ୍,୧୬।୮ (ଏଜେନ୍ସି): ୩ ଥରର ଚାମ୍ପିଅନ ଜର୍ମାନୀ ୨୦୨୬ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ସ୍ପେନ୍‌କୁ ୪-୧ ଗୋଲରେ ହରାଇ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ଏଠାରେ ଚାଲିଥିବା ୟୁରୋ କପ୍ ହକି ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିବା ପରେ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଅନ୍ୟ ଏକ ସେମିଫାଇନାଲରେ ଫ୍ରାନ୍ସକୁ ହରାଇ ନେଦରଲାଣ୍ଡସ ମଧ୍ୟ ଫାଇନାଲରେ ପ୍ରବେଶ କରିଛି। ନିୟମ ଅନୁଯାୟୀ ୟୁରୋକପ୍ ଚାମ୍ପିଅନ ହକି ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବା କଥା। କିନ୍ତୁ ୨୦୨୬ ବିଶ୍ୱକପ୍ ବେଲଜିୟମ ଓ ନେଦରଲାଣ୍ଡସରେ ଖେଳାଯିବ। ଏଣୁ ଆୟୋଜକ ଭାବେ ଉଭୟ ଦଳ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିସାରିଥିବାରୁ ଅନ୍ୟ କୌଣସି ପ୍ରକାର ଯୋଗ୍ୟତା ଅର୍ଜନରେ ଏହି ଦୁଇ ଦେଶ ସାମିଲ ହେବେ ନାହିଁ। ଏଣୁ ୟୁରୋକପ୍‌ରେ ନେଦରଲାଣ୍ଡସ ଚାମ୍ପିଅନ ହେଲେ ମଧ୍ୟ ପୂର୍ବରୁ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିସାରିଥିବାରୁ ୟୁରୋପ୍‌ର ଦ୍ୱିତୀୟ ଦଳ ଭାବେ ଜର୍ମାନୀ ଯୋଗ୍ୟତା ଅର୍ଜନ କରିବ। ଏଣୁ ୟୁରୋ କପ୍ ଫାଇନାଲର ଫଳାଫଳ ଯାହା ହେଉ ପଛେ ଜର୍ମାନୀ ଟାଇଟଲ ରକ୍ଷା ଲାଗି ସୁଯୋଗ ପାଇଛି। ସେହିପରି ୨୦୨୩-୨୪ ପ୍ରୋ-ଲିଗ୍‌ରେ ଚାମ୍ପିଅନ ହୋଇଥିବା ଦଳ ମଧ୍ୟ ଯୋଗ୍ୟତା ଅର୍ଜନ କରିବା କଥା। ପ୍ରୋ-ଲିଗ୍‌ରେ ନେଦରଲାଣ୍ଡସ ଚାମ୍ପିଅନ ଓ ବେଲଜିୟମ ରନର୍ସ ଅପ୍ ହୋଇଥିବାରୁ ଏମାନେ ବାଦ୍ ପଡ଼ିଛନ୍ତି। ଏହା ଫଳରେ ପଏଣ୍ଟ ତାଲିକାରେ ତୃତୀୟ ସ୍ଥାନରେ ଥିବା ସ୍ପେନ୍ ପ୍ରୋ-ଲିଗ୍ କୋଟାରୁ ଯୋଗ୍ୟତା ଅର୍ଜନ କରିଛି। ସେହିପରି ୨୦୨୪-୨୫ ପ୍ରୋ-ଲିଗ୍‌ରେ ଚାମ୍ପିଅନ ହୋଇଥିବାରୁ ୬ଟି ଦଳକୁ ଯୋଗ୍ୟତା, ୧୦ ସ୍ଥାନ ପୂରଣ ହେବ: ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍‌ରେ ୧୬ଟି ଦଳ ଅଂଶଗ୍ରହଣ କରିବେ। ଏଯାଏ ବିଭିନ୍ନ କୋଟାରେ ୬ଟି ଦଳ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ତାହା ମଧ୍ୟରେ ୟୁରୋପର ୪ଟି ଦଳ ରହିଛି। ସେଗୁଡିକ ହେଲା ନେଦରଲାଣ୍ଡସ, ବେଲଜିୟମ, ସ୍ପେନ୍ ଓ ଜର୍ମାନୀ। ଅନ୍ୟ ଦୁଇ ଦଳ ହେଲା ପାନ୍‌ଆମେରିକାନ ଚାମ୍ପିଅନ ଆର୍ଜେଣ୍ଟିନା ଓ ୨୦୨୪-୨୫ ପ୍ରୋ-ଲିଗ୍ ଚାମ୍ପିଅନ ଅଷ୍ଟ୍ରେଲିଆ। ଏଣୁ ବିଶ୍ୱକପ୍‌ରେ ଆହୁରି ୧୦ଟି ସ୍ଥାନ ପୂରଣ ହେବାକୁ ବାକି ରହିଛି। ତାହା ମଧ୍ୟରୁ ଏସିଆ, ଆଫ୍ରିକା ଓ ଓସେନିଆ ଚାମ୍ପିଅନ ଟିମ୍ ୩ଟି ସ୍ଥାନରେ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଅନ୍ୟ ୭ଟି ଦେଶ ବିଶ୍ୱକପ୍ ଲାଗି ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରୁ ଯୋଗ୍ୟ ବିବେଚିତ ହେବେ। ଭାରତ ଏହି ୧୦ଟି ମଧ୍ୟରେ ରହିଛି। ଏସିଆ କପ ବିହାରର ରାଜଗିରିଠାରେ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୮ ଯାଏ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଚାମ୍ପିଅନ ହେଲେ ବିଶ୍ୱକପ୍ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଯଦି ଚାମ୍ପିଅନ ହୋଇ ନ ପାରେ, ତେବେ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଭାଗନେଇ ଭାଗ୍ୟ ପରୀକ୍ଷା କରିବ।

### ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍

# ଶେଷଦଳ ଭାବେ ଆମେରିକାକୁ ଟିକଟ

ଦୁବାଇ,୧୬।୮ (ଏଜେନ୍ସି): ଯୁକ୍ତରାଷ୍ଟ୍ର ଆମେରିକା ୧୬ତମ ତଥା ଶେଷଦଳ ଭାବେ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହା ଫଳରେ ଜିମ୍ବାୱେ ଓ ନାମିବ୍ୟାରେ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍ ଲାଗି ସବୁ ଟିମ୍ ଯୋଗ୍ୟତା ଅର୍ଜନ କରିଛନ୍ତି ବୋଲି ଆଇସିସି ପକ୍ଷରୁ ଘୋଷଣା କରାଯାଇଛି। ଅର୍ଜୁନ ମହେଶଙ୍କ ନେତୃତ୍ୱରେ ଡବଲ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯାଉଥିବା କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରେ ଆଉ ଗୋଟିଏ ମ୍ୟାଚ୍ ବାକିଥାଇ ଆମେରିକା ଚାମ୍ପିଅନ ହେବା ସହ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଏହି ମେଗା ଜୁନିଅର ଟୁର୍ଣ୍ଣାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଥିବା ଦଳଗୁଡିକର ନାମ ହେଲେ ଆୟୋଜକ ଦେଶ ଭାବେ ଜିମ୍ବାୱେ। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଗତ ବିଶ୍ୱକପ୍‌ରେ ପ୍ରଥମ ୧୦ଟି ସ୍ଥାନରେ ଥିବା ଦଳ ଯଥା ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଭାରତ, ଆୟର୍ଲାଣ୍ଡ, ପାକିସ୍ତାନ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍। ଆଫ୍ରିକୀୟ କ୍ୱାଲିଫାୟର ଭାବେ ତାଞ୍ଜାନିଆ, ଏସୀୟ କ୍ୱାଲିଫାୟର ଭାବେ ଆଫଗାନିସ୍ତାନ, ଆମେରିକା କ୍ୱାଲିଫାୟର ଭାବେ ଆମେରିକା, ପୂର୍ବ ଏସିଆ-ପ୍ୟାସିଫିକ୍ କ୍ୱାଲିଫାୟର ଭାବେ ଜାପାନ ଏବଂ ୟୁରୋପିଆନ୍ କ୍ୱାଲିଫାୟର ଭାବେ ସ୍କଟଲାଣ୍ଡ ଏଥର ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS